RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR ♦VOLUME- 43 ♦ISSUE-327 ♦TUESDAY ♦26 MAY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୨୭ ♦ମଙ୍ଗଳବାର ♦୨୬ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

**ଭିତର ପୃଷ୍ଠାରେ**

- ପୁଣି ମହଙ୍ଗା ହେଲା ପେଟ୍ରୋଲ, ଡିଜେଲ୍
- ନିଟ୍ ପେପର୍ ଲିକ୍ ମାମଲା: ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା
- ୨୮ ପରେ ଭୀଷଣ କାଳବୈଶାଖୀ

## ଓଇଆର୍‌ସି ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନାଙ୍କ ଇସ୍ତଫା

■ ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ପ୍ରଦାନ କରିଛନ୍ତି। ଏନେଇ ଶକ୍ତି ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଶ୍ରୀ ଜେନା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଥିବା ବେଳେ ତାଙ୍କ ଇସ୍ତଫାପତ୍ରକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ ୧୯୮୯ ମସିହା ବ୍ୟାଚ୍ ଆଇଏଏସ୍ ଅଫିସର ଶ୍ରୀ ଜେନା ୨୦୨୩ ମସିହା ମାର୍ଚ୍ଚ ମାସରୁ ୨୦୨୪ ମସିହା ଜୁନ ମାସ ଯାଏଁ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଚାକିରିରୁ ଅବସର ପରେ ରାଜ୍ୟ ବିଜେପି ସରକାର ତାଙ୍କୁ ୨୦୨୫ ମସିହା ମାର୍ଚ୍ଚ ୨୮ ତାରିଖରେ ଓଇଆର୍‌ସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ।










| NAME | 10TH | 12TH | GROWTH |
|---|---|---|---|
| ABHIJIT SARAF | 80% | 98.34% | 18% |
| RAKESH RANJAN BAG | 72% | 90% | 18% |
| MTBS KRISHNA SAHU | 58% | 89.5% | 31.5% |
| CHHANDA SAHU | 77.83% | 93.33% | 15.5% |
| AYANSH AGASTI | 82.83% | 95.33% | 12.5% |
| FIROJ KUMAR SA | 64.5% | 90% | 25.5% |
| POOJARANI NAIK | 80.33% | 93.17% | 12.84% |
| SWETA RANI PANDA | 81% | 94.17% | 13.17% |
| DIBYANSHA MUND | 84.83% | 94.33% | 9.5% |
| SOUMYA SULAGNA PANDA | 84.83% | 93.67% | 8.84% |

## ୬୬ ଜଣ ଗ୍ରହଣ କଲେ ପଦ୍ମ ପୁରସ୍କାର

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ରାଷ୍ଟ୍ରପତି ଭବନର ରିପବ୍ଲିକ ପାଭିଲିୟନଠାରେ ସୋମବାର ୨୦୨୬ ପାଇଁ ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ବଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିଛନ୍ତି। ଗତ ଜାନୁଆରୀ ୨୫ରେ ସରକାରଙ୍କ ପକ୍ଷରୁ ମୋଟ ୧୩୧ ଜଣଙ୍କ ନାମ ଘୋଷଣା କରାଯାଇଥିବା ବେଳେ, ଆଜି ପ୍ରଥମ ପର୍ଯ୍ୟାୟରେ ୬୬ ଜଣଙ୍କୁ ପୁରସ୍କୃତ କରାଯାଇଛି। ଏହି ସମାରୋହରେ ରାଷ୍ଟ୍ରପତି ୨ଟି ପଦ୍ମ ବିଭୂଷଣ, ୬ଟି ପଦ୍ମ ଭୂଷଣ ଏବଂ ୫୮ ଟି ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି। ବାକି ପୁରସ୍କାର ବିଜେତାମାନଙ୍କୁ ଆଗାମୀ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ମାନିତ କରାଯିବ। ବଲିଉଡର କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ର ଏବଂ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ସମ୍ମାନରେ ଭୂଷିତ କରାଯାଇଛି। ଧର୍ମେନ୍ଦ୍ରଙ୍କ ପକ୍ଷରୁ ତାଙ୍କର ପତ୍ନୀ ତଥା ପ୍ରଖ୍ୟାତ ଅଭିନେତ୍ରୀ ହେମାମାଳିନୀ ସମ୍ମାନ ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କେଟି ଥୋମାସ ଏବଂ କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭିଏସ ଅଚ୍ୟୁତାନନ୍ଦନଙ୍କୁ ମଧ୍ୟ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଛି। ସେହିପରି ବିଶିଷ୍ଟ ଗାୟିକା ଅଲକା ୟାଗ୍ନିକ ଏବଂ ଭଗତ ସିଂ କୋଶିୟାରୀଙ୍କ ସମେତ ୧୩ ଜଣଙ୍କୁ ପଦ୍ମ ଭୂଷଣ ବର୍ଗରେ ସମ୍ମାନିତ କରାଯାଇଛି।

## ଏଆଇଏଡିଏମ୍‌କେକୁ ଝଟ୍‌କା ଦେଲେ ୩ ବିଧାୟକ

ତାମିଲନାଡୁ, ୨୫।୫(ଏଜେନ୍ସି): ନିର୍ବାଚନ ପରେ ତାମିଲନାଡୁ ରାଜନୀତିରେ ଝଡ଼ ଥମିବାର ନାଁ ନେଉନାହିଁ। ସୋମବାର ଏଡାପାଡି ପାଲାନିସ୍ୱାମୀ (ଇପିଏସ୍)ଙ୍କ ନେତୃତ୍ୱାଧୀନ ଏଆଇଏଡିଏମ୍‌କେ ଦଳକୁ ଏକ ଶକ୍ତ ଝଟକା ଲାଗିଛି। ଦଳର ୩ ବିଧାୟକ ନିଜ ପଦରୁ ଇସ୍ତଫା ଦେଇ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କାଜାଗାମ (ଟିଭିକେ) ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ସେମାନଙ୍କର ଇସ୍ତଫା ପତ୍ର ତାମିଲନାଡୁ ବିଧାନସଭା ବାଚସ୍ପତି ଜେସିଡି ପ୍ରଭାକରଙ୍କୁ ପ୍ରଦାନ କରିଛନ୍ତି। ଇସ୍ତଫା ପରେ ଏହି ବିଧାୟକମାନେ ଟିଭିକେ ମନ୍ତ୍ରୀ ଆଧାବ ଅର୍ଜୁନଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ଏମାନେ ପୂର୍ବରୁ ସେହି ୨୫ ଜଣିଆ ବିଦ୍ରୋହୀ ଗୋଷ୍ଠୀର ସଦସ୍ୟ ଥିଲେ, ଯେଉଁମାନେ ମେ ୧୩ରେ ହୋଇଥିବା ଫ୍ଲୋର ଟେଷ୍ଟ ସମୟରେ ବିଜୟ ସରକାରଙ୍କ ସମର୍ଥନରେ ଭୋଟ୍ ଦେଇଥିଲେ। ଅନ୍ୟପକ୍ଷରେ, ୫ ଜଣ ବିଧାୟକ ପୁଣିଥରେ ପାଲାନିସ୍ୱାମୀଙ୍କ ଶିବିରକୁ ଫେରିଆସିବା ଫଳରେ ତାଙ୍କ ସମର୍ଥନରେ ଥିବା ବିଧାୟକଙ୍କ ସଂଖ୍ୟା ୨୭ କୁ ବୃଦ୍ଧି ପାଇଛି। ବର୍ତ୍ତମାନ ବିଦ୍ରୋହୀ ଗୋଷ୍ଠୀରେ ସଦସ୍ୟ ସଂଖ୍ୟା ୨୫ ରୁ ଖସି ଆସି ୧୭ ରେ ପହଞ୍ଚିଛି।

## ତାମିଲନାଡୁ ଚାଷୀଙ୍କୁ ଋଣଛାଡ଼

ଚେନ୍ନାଇ, ୨୫।୫(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ରାଜ୍ୟର କୃଷକମାନଙ୍କ ପାଇଁ ସୋମବାର ସମବାୟ ବ୍ୟାଙ୍କରୁ ଋଣ ନେଇଥିବା ଲକ୍ଷ ଲକ୍ଷ ଚାଷୀଙ୍କ ପାଇଁ ବୃହତ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଯେଉଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସମବାୟ ବ୍ୟାଙ୍କରୁ ୫୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନେଇଛନ୍ତି, ସେମାନଙ୍କର ସମସ୍ତ ବକେୟା ରାଶିକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ କରାଯିବ। କେବଳ କ୍ଷୁଦ୍ର ଚାଷୀ ନୁହନ୍ତି, ବରଂ ବଡ଼ ଚାଷୀମାନଙ୍କ ପାଇଁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ, ବଡ଼ ଚାଷୀଙ୍କୁ ସେମାନଙ୍କ ଫସଲ ଋଣ ପରିଶୋଧ କ୍ଷେତ୍ରରେ ୫୦୦୦ ଟଙ୍କାର ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ସମଗ୍ର ରାଜ୍ୟରେ ପ୍ରାୟ ୧୪.୨୨ ଲକ୍ଷ ଚାଷୀ ଉପକୃତ ହେବେ। ଏହି ସମ୍ପୂର୍ଣ୍ଣ ରିଲିଫ୍ ପ୍ୟାକେଜ୍ ପାଇଁ ତାମିଲନାଡୁ ସରକାରଙ୍କୁ ମୋଟ ୨, ୦୪୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ସୁନା ଖଣିରେ ଭୂସ୍ଖଳନ; ୨୮ ମୃତ

ଲୁଆଣ୍ଡା (ଆଙ୍ଗୋଲା), ୨୫।୫(ଏଜେନ୍ସି): ଆଙ୍ଗୋଲାରେ ଏକ ବେଆଇନ ସୁନା ଖଣିରେ ଭୟଙ୍କର ଭୂସ୍ଖଳନ ଘଟି ୨୮ ଜଣ ଶ୍ରମିକଙ୍କର ପ୍ରାଣହାନି ଘଟିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାଟି ଏକ ଅନଧିକୃତ ଭାବେ ଚାଲୁଥିବା ଖଣି ପରିସରରେ ଘଟିଥିବା ସୂଚନା ମିଳିଛି। ଐତିହାସିକ ଭାବେ ଆଙ୍ଗୋଲାରେ ବେଆଇନ ଖଣି କାର୍ଯ୍ୟ ମୁଖ୍ୟତଃ ହୀରା ଶିଳ୍ପ ସହିତ ଜଡିତ ରହିଥିଲା। କିନ୍ତୁ ସୁନା ଖଣିରେ ଘଟିଥିବା ଏହି ବଡ଼ ଧରଣର ବିପର୍ଯ୍ୟୟ ଏବେ ସମସ୍ତଙ୍କୁ ଚକିତ କରିଛି। ସଦ୍ୟତମ ସୂଚନା ଅନୁଯାୟୀ, ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଛନ୍ତି। ମୃତ୍ୟୁ ସଂଖ୍ୟା ୨୮ ରେ ପହଞ୍ଚିଥିବା ଜଣାପଡ଼ିଛି।

## ବସ୍‌କୁ ପିଟିଲା ବସ୍; ୧୭ ମୃତ

ପେଶାୱାର, ୨୫।୫(ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମାଞ୍ଚଳରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୧୭ ଜଣ ପ୍ରାଣ ହରାଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମର୍ଦ୍ଦାନ ଜିଲ୍ଲାର ସ୍ୱାତ ଏକ୍ସପ୍ରେସୱେରେ ଏହି ଦୁର୍ଘଟଣା ହୋଇଛି। ରାସ୍ତାକଡ଼ରେ ଠିଆ ହୋଇଥିବା ବସଟିର ଜେନେରେଟରରେ ତ୍ରୁଟି ଦେଖାଦେବାରୁ ତାହାକୁ ଅଟକାଇବାକୁ ପଡ଼ିଥିଲା, ସେହି ସମୟରେ ପଛରୁ ଆସୁଥିବା ଦ୍ରୁତଗାମୀ ବସଟି ତାକୁ ପିଟି ଦେଇଥିଲା। ଯାତ୍ରୀବାହୀ ବସଟି ପର୍ଯ୍ୟଟନ ସ୍ଥଳୀ ସ୍ୱାତ ଉପତ୍ୟକାକୁ ଯାଉଥିବା ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପକ୍ଷରୁ ରିଲିଫ କାର୍ଯ୍ୟ ଜାରି ରହିଥିବା ବେଳେ ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା

ଗଙ୍ଗାପୁର, ୨୫।୫(ଏଜେନ୍ସି): ତେଲେଙ୍ଗାନାର ଗଙ୍ଗାପୁର ଅଞ୍ଚଳରେ ଜଣେ ୪୨ ବର୍ଷୀୟ ବ୍ୟକ୍ତି ମୁଥ୍ୟମ୍‌ଙ୍କୁ ତାଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକ ମିଶି ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡ ପରେ ପ୍ରମାଣ ନଷ୍ଟ କରିବା ପାଇଁ ଅଭିଯୁକ୍ତମାନେ ଏକ କୃଷି କ୍ଷେତରେ ମୃତଦେହକୁ ପୋତି ଦେଇଥିଲେ। ପୁଲିସ ଅନୁଯାୟୀ, ମୁଥ୍ୟମ୍ ଓ କଳ୍ପନାଙ୍କ ବିବାହକୁ ୧୨ ବର୍ଷ ହୋଇଥିବା ବେଳେ ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି। ତେବେ ଗତ ତିନି ମାସ ତଳେ କଳ୍ପନାଙ୍କର ପଡୋଶୀ ଏଲଗୋଇ ଗ୍ରାମର ବାସିନ୍ଦା ଗାଇନି ପାଣ୍ଡାରୀଙ୍କ ସହ ଅବୈଧ ସମ୍ପର୍କ ଗଢିଉଠିଥିଲା। ଏହି ସମ୍ପର୍କ ବିଷୟରେ ମୁଥ୍ୟମ୍ ଜାଣିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା।


ସୋମବାର ରାଷ୍ଟ୍ରପତିଙ୍କଠାରୁ ଧର୍ମେନ୍ଦ୍ରଙ୍କ ପାଇଁ ପଦ୍ମବିଭୂଷଣ ଗ୍ରହଣ କରୁଛନ୍ତି ଅଭିନେତ୍ରୀ ପତ୍ନୀ ହେମାମାଳିନୀ


ତାଜମହଲ ସମ୍ମୁଖରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏବଂ ତାଙ୍କ ପତ୍ନୀ

# ଟ୍ରମ୍ପଙ୍କୁ ମୂର୍ଖ କହିଦେଲେ କି ମାର୍କୋ ରୁବିଓ?

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ଭାରତ ଗସ୍ତରେ ଆସିଥିବା ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏବେ ବଡ଼ ଧରଣର ବିବାଦରେ ଫସିଯାଇଛନ୍ତି। ଭାରତ ବିରୋଧରେ ବର୍ଣ୍ଣବୈଷମ୍ୟମୂଳକ ଟିପ୍ପଣୀକୁ ତୀବ୍ର ନିନ୍ଦା କରିବା ସହ ଏହାକୁ 'ମୂର୍ଖ' ଲୋକଙ୍କ କାର୍ଯ୍ୟ ବୋଲି କହିଛନ୍ତି ରୁବିଓ। ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ମଧ୍ୟ ଅନେକ ସମୟରେ ଭାରତ ବିରୋଧରେ ମନ୍ତବ୍ୟ ଦେଇଥିବାରୁ ଏହା ତାଙ୍କ ପ୍ରତି ଉଦ୍ଦିଷ୍ଟ ଥିବା ଆଲୋଚନା ଜୋର ଧରିବା ପରେ ରୁବିଓ ସଫେଇ ଦେଇ କହିଛନ୍ତି ଯେ ଟ୍ରମ୍ପ ଭାରତକୁ ବହୁତ ଭଲ ପାଆନ୍ତି। ତେବେ ତାଙ୍କର ଏହି ମନ୍ତବ୍ୟକୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହେବାରୁ ଏହାକୁ ଆମେରିକାର ବୈଦେଶିକ ବିଭାଗ ସାମାଜିକ ଗଣମାଧ୍ୟମରୁ ହଟାଇ ଦେଇଛି। ଭାରତ ବିରୋଧୀ ମନ୍ତବ୍ୟ ମୂର୍ଖ ଲୋକଙ୍କ କାମ ବୋଲି ସେ ଦେଇଥିବା ମନ୍ତବ୍ୟକୁ ଏଥିରୁ ହଟାଇ ଦିଆଯାଇଛି।

■ ଭାରତୀୟଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟମୂଳକ ମନ୍ତବ୍ୟକୁ 'ମୂର୍ଖାମି' କହିଲେ ରୁବିଓ
■ ଟ୍ରମ୍ପ ଭାରତକୁ ଭଲ ପାଆନ୍ତି ବୋଲି ସ୍ପଷ୍ଟୀକରଣ ଦେଲେ
■ ରୁବିଓଙ୍କ ପୋଷ୍ଟକୁ ହଟାଇଲା ଆମେରିକାର ବିଦେଶ ବିଭାଗ
■ ଭାରତକୁ ନର୍କକୁଣ୍ଡ କହିଥିଲେ ଟ୍ରମ୍ପ



ସୂଚନାଯୋଗ୍ୟ ଯେ ଗତକାଲି ଏଠାରେ ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ ରୁବିଓ। ଭାରତୀୟ ଏବଂ ଭାରତୀୟ-ଆମେରିକୀୟଙ୍କ ବିରୋଧରେ ହେଉଥିବା ବର୍ଣ୍ଣବୈଷମ୍ୟମୂଳକ ଟିପ୍ପଣୀ ସଂପର୍କରେ ଜଣେ ସାମ୍ବାଦିକ ପ୍ରଶ୍ନ କରିବାରୁ ରୁବିଓ ଏଭଳି ମନ୍ତବ୍ୟ 'ମୂର୍ଖ' ଲୋକଙ୍କ କାର୍ଯ୍ୟ ଏବଂ ଏହା ଆମେରିକାର ପ୍ରକୃତ ସାମାଜିକ ଚିନ୍ତାଧାରାକୁ ପ୍ରତିଫଳିତ କରେ ନାହିଁ ବୋଲି କହିଥିଲେ। ସେ କହିଲେ ଯେ, 'ମୁଁ ନିଶ୍ଚିତ ଯେ ଅନଲାଇନରେ ଏବଂ ଅନ୍ୟାନ୍ୟ ସ୍ଥାନରେ କିଛି ଲୋକ ଏଭଳି ମନ୍ତବ୍ୟ ଦେଉଛନ୍ତି, କାରଣ ଦୁନିଆର ପ୍ରତ୍ୟେକ ଦେଶରେ 'ମୂର୍ଖ' ଲୋକ ଅଛନ୍ତି। ରୁବିଓ କହିଥିଲେ ଯେ ଆମେରିକା ଏକ ସ୍ୱାଗତଯୋଗ୍ୟ ଦେଶ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକମାନେ ଆମେରିକୀୟ ସମାଜରେ ମିଶି ଦେଶକୁ ସମୃଦ୍ଧ କରିଛନ୍ତି ଏବଂ ଦେଶର ବିକାଶରେ ବଡ଼ ଯୋଗଦାନ ଦେଇଛନ୍ତି। ତେବେ ସୋସିଆଲ ମିଡିଆରେ ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରସାରିତ ହେବା ପରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାର କିଛି ଘଣ୍ଟା ମଧ୍ୟରେ ଆମେରିକା ବିଦେଶ ବିଭାଗ ସେହି ନିର୍ଦ୍ଦିଷ୍ଟ ପୋଷ୍ଟକୁ ଡିଲିଟ୍ କରିଦେଇଥିଲା।

ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଆଜି ଆଗ୍ରା ଯିବା ବାଟରେ ସାମ୍ବାଦିକମାନେ ତାଙ୍କୁ ଡୋନାଲ୍ଡ ଟ୍ରମ୍ପ ଭାରତ ଓ ଚୀନକୁ ପୂର୍ବରୁ 'ନର୍କ କୁଣ୍ଡ' ବୋଲି ଅଭିହିତ କରିଥିବା ବିଷୟରେ ପଚାରିଥିଲେ। ଏଥିରେ ସେ ନିଜର ପ୍ରତିକ୍ରିୟା ବଦଳାଇ କହିଥିଲେ ଯେ, ରାଷ୍ଟ୍ରପତି ଟ୍ରମ୍ପ ଭାରତକୁ ବହୁତ ଭଲ ପାଆନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ଼।

ସୂଚନାଯୋଗ୍ୟ ଯେ ଗତ ଏପ୍ରିଲରେ ଟ୍ରମ୍ପ ଏକ ପୋଷ୍ଟ ସେୟାର କରିଥିଲେ ଯେଉଁଥିରେ ଭାରତ ଓ ଚୀନରୁ ଆସୁଥିବା ଲୋକମାନେ ଆମେରିକାର ନାଗରିକତ୍ୱ ସୁବିଧାର ଦୁରୁପଯୋଗ କରୁଥିବା ଏବଂ ଏହି ଦେଶଗୁଡ଼ିକୁ 'ନର୍କ କୁଣ୍ଡ' ଭାବେ ବର୍ଣ୍ଣନା କରାଯାଇଥିଲା। ଏହାକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ମନ୍ତବ୍ୟକୁ 'ଅଶୋଭନୀୟ ଏବଂ ନିମ୍ନ ରୁଚିର' ବୋଲି କହି ପ୍ରତିବାଦ ଜଣାଇଥିଲା।

## ଗୁଲ୍‌ମାର୍ଗ କେବୁଲ କାର୍‌ରେ ଫଶି ରହିଲେ ଶତାଧିକ ପର୍ଯ୍ୟଟକ



ଗୁଲମାର୍ଗ, ୨୫।୫(ଏଜେନ୍ସି): ଜମ୍ମୁ-କାଶ୍ମୀରର ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଗୁଲମାର୍ଗରେ ସୋମବାର ଏକ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ଘଟିଛି। ଗୁଲମାର୍ଗ ଗଣ୍ଡୋଲା କେବୁଲ କାର୍ ସେବାରେ ଯାନ୍ତ୍ରିକ ସମସ୍ୟା ଦେଖାଦେବା ପରେ ୩ ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆକାଶ ମାର୍ଗରେ ଝୁଲା ଅବସ୍ଥାରେ ଅଟକି ରହିଥିଲେ। ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଅନେକ କ୍ୟାବିନ ପର୍ଯ୍ୟଟକଙ୍କ ସହ ୫୦୦ ଫୁଟ ଉଚ୍ଚତାରେ ଝୁଲି ରହିଥିଲା। ଘଟଣା ସମ୍ପର୍କରେ ଖବର ପାଇ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ) ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ)ର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଘଟଣାପରେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏକ୍ସରେ ସୂଚନା ଦେଇଛନ୍ତି ଯେ, ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି ଏବଂ ସମସ୍ତ କ୍ୟାବିନ ସୁରକ୍ଷିତ ରହିଛି।

ସେହିପରି ଉପରାଜ୍ୟପାଳ ମନୋଜ ସିହ୍ନା ମଧ୍ୟ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ସହ ପୋଲିସ ମହାନିର୍ଦ୍ଦେଶକ (ଡିଜିପି), ସେନା, ଏବଂ ଜିଲ୍ଲା ପ୍ରଶାସନର ଏକ ମିଳିତ ଟିମ୍‌କୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ଯେ ଅତ୍ୟଧିକ ଭାର ଯୋଗୁଁ ଏହି ଯାନ୍ତ୍ରିକ ତ୍ରୁଟି ଘଟିଥାଇପାରେ। ତେବେ ପ୍ରକୃତ କାରଣ ଜାଣିବା ପାଇଁ ପ୍ରଶାସନ ପକ୍ଷରୁ ଏକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ବିଜେପି ବିଧାୟକଙ୍କୁ ଜିତାଇଲେ ମୁସଲିମ ଭୋଟର

କୋଲକାତା ୨୫।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମୁସଲିମ ଭୋଟର ସର୍ବଦା ଚର୍ଚ୍ଚାରେ ରହିଆସିଛନ୍ତି। ଏଥର ସେମାନଙ୍କର ବିପୁଳ ସମର୍ଥନ ଯୋଗୁଁ ଜଣେ ବିଧାୟକ ନିର୍ବାଚିତ ହୋଇଛନ୍ତି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। କୋଲକାତାର ରାଜରହାଟ ନ୍ୟୁ ଟାଉନ ଆସନରେ ମୁସଲିମ ବହୁଳ ୧୬୪ ନମ୍ବର ବୁଥ୍‌ରେ ଏହା ଦେଖିବାକୁ ମିଳିଛି। ଏହି ବୁଥରେ ୬୫୬ ଜଣ ଭୋଟର ଥିଲା ବେଳେ ମୁସଲିମ ଭୋଟରଙ୍କ ସଂଖ୍ୟା ହେଉଛି ୫୫୮। ଏଠାରେ ବିଜେପି ପ୍ରାର୍ଥୀଙ୍କୁ ମିଳିଛି ୬୩୭ ଭୋଟ୍। ଏହି ଭୋଟ ଯୋଗୁଁ ବିଜେପି ପ୍ରାର୍ଥୀ ପୀୟୂଷ ଟିଏମସି ପ୍ରାର୍ଥୀଙ୍କୁ ୩୧୬ ଭୋଟ ବ୍ୟବଧାନରେ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ କମିସନଙ୍କ ତଥ୍ୟ ଏହା କହୁଥିବା ବେଳେ ଟିଏମସି କିନ୍ତୁ ଅଭିଯୋଗ କରିଛି ଯେ ଏହି ବୁଥରେ ଜାଲିଆତି କରାଯାଇଛି। ୪ ତାରିଖରେ ଭୋଟଗଣତିରେ ବିଜେପି ପ୍ରାର୍ଥୀ ପଛୁଆ ଥିବା ବେଳେ କେବଳ ଏହି ବୁଥରେ ତା ପରଦିନ ପୃଥକ ଗଣତି କରାଯାଇଥିଲା। ଇଭିଏମରେ ଜାଲିଆତି କରି ବିଜେପିକୁ ବିଜୟୀ କରାଯାଇଥିଲା। ସମସ୍ତ ବୁଥର ଗଣତି ୪ ତାରିଖରେ ଶେଷ ହୋଇଥିବା ବେଳେ ଏହି ବୁଥରେ ଗଣତି କାହିଁକି ୫ ତାରିଖରେ କରାଯାଇଥିଲା ବୋଲି ଟିଏମସି ପ୍ରଶ୍ନ କରିଛି। ଏସଂପର୍କରେ ନିର୍ବାଚନ କମିସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ କମିସନ ନିରବ ରହିଥିବା ଟିଏମସି ନେତା କହିଛନ୍ତି। ସେ ହିଛନ୍ତି ଯେ ମୁସଲମାନ ପଡ଼ାରେ ଦୁଇଟି ବୁଥ୍ ୧୬୪ ଏବଂ ୧୬୫ ରହିଛି। ୧୬୫ ନମ୍ବର ବୁଥରେ ୬୩୮ ଭୋଟ୍ ମଧ୍ୟରୁ ବିଜେପିକୁ ମାତ୍ର ୩୨ଟି ଭୋଟ୍ ମିଳିଥିବା ବେଳେ ସେହି ଗାଁରେ ଥିବା ୧୬୪ ନମ୍ବର ବୁଥରେ ୬୫୬ରୁ ବିଜେପିକୁ ୬୩୭ ଭୋଟ୍ ମିଳିଲା କେମିତି?

## ଦଳବଦଳକାରୀଙ୍କୁ ନେଇ ଦ୍ୱନ୍ଦ୍ୱରେ ବିଜେପି

କୋଲକାତା,୨୫।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିପୁଳ ବିଜୟହାସଲ କରିବା ପରେ ଭାରତୀୟଜନତା ପାର୍ଟି (ବିଜେପି) ଏକ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ପରାଜିତ ତୃଣମୂଳ କଂଗ୍ରେସ (ଟିଏମସି)ର ଦଳବଦଳକାରୀ ନେତାମାନଙ୍କୁ ଦଳରେ ସାମିଲ କରାଯିବ କି ନାହିଁ, ସେନେଇ ଦଳ ଏବେ ଦ୍ୱନ୍ଦ୍ୱରେ ପଡ଼ିଛି। ଯଦି ସେମାନଙ୍କୁ ଦଳକୁ ଅଣାଯାଏ, ତେବେ ବର୍ଷ ବର୍ଷ ଧରି ମମତା ବାନାର୍ଜୀଙ୍କ ସରକାର ବିରୋଧରେ ଲଢେଇ କରିଥିବା ତୃଣମୂଳସ୍ତରର ବିଜେପି କର୍ମୀମାନେ ଅସନ୍ତୁଷ୍ଟ ହେବେ। ଅନ୍ୟପଟେ ସେମାନଙ୍କୁ ନେଲେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳର ସ୍ଥିତି ଆହୁରି ମଜଭୁତ ହୋଇପାରିବ। ବିଜେପିର ରାଜ୍ୟ ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ଏହି ପ୍ରସ୍ତାବକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ବିଜେପି କୌଣସି 'ଧର୍ମଶାଳା' ନୁହେଁ। ଯେଉଁମାନେ ବିଜେପି କର୍ମୀଙ୍କୁ ହତ୍ୟା କରିଛନ୍ତି, ସେମାନଙ୍କୁ ଦଳରେ ସ୍ଥାନ ମିଳିବ ନାହିଁ। ନିର୍ବାଚନରେ ଶୋଚନୀୟ ପରାଜୟ ପରେ ତୃଣମୂଳ କଂଗ୍ରେସ ଦୁଇ ଭାଗ ହେବା ଆଡ଼କୁ ଗତି କରୁଛି। ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି ଯେ, ଟିଏମସିର ୧୦ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୮ ଜଣ ବିଜେପିରେ ଯୋଗ ଦେଇପାରନ୍ତି। ଏହା ପୂର୍ବରୁ ଆମ ଆଦମୀ ପାର୍ଟି (ଆପ୍) ର ୭ ଜଣ ରାଜ୍ୟସଭା ସାଂସଦ ମଧ୍ୟ ବିଜେପିରେ ସାମିଲ ହୋଇଥିଲେ। ଅନେକ ଟିଏମସି ବିଧାୟକ ଦଳୀୟ ବୈଠକରୁ ଦୂରେଇ ରହୁଛନ୍ତି, କାରଣ ସେମାନଙ୍କ ମନରେ ବିଜେପି ସରକାରଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ରହିଛି।

# ଜାରି ରହିବ ଭୀଷଣ ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ଦେଶର ବିଭିନ୍ନ ଭାଗରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଜାରି ରହିଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ ବିଭାଗ ଅନୁସାରେ, ମଧ୍ୟ ଏବଂ ଉତ୍ତର-ପଶ୍ଚିମ ଭାରତରେ ଆଗାମୀ ୪ ରୁ ୫ ଦିନ ପର୍ଯ୍ୟନ୍ତ ଭୀଷଣରୁ ଅତି ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ସମ୍ଭାବନା ରହିଛି। ସେହିପରି ପୂର୍ବ ଭାରତ ଏବଂ ଏହାର ସଂଲଗ୍ନ ଦକ୍ଷିଣ ଭାରତୀୟ ଅଞ୍ଚଳରେ ଆଗାମୀ ୩ ରୁ ୪ ଦିନ ପର୍ଯ୍ୟନ୍ତ ଏଭଳି ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଲାଗି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଉତ୍ତର ଭାରତର ଅନେକ ସହରରେ ଦିନର ତାପମାତ୍ରା ୪୪ ରୁ ୪୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ରାଜସ୍ଥାନରେ ସବୁଠାରୁ ଉତ୍ତପ୍ତ ୯ ଦିନ ବା 'ନଉତପା' ବୋଲି କୁହାଯାଉଛି। ଆଜି ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳର ବ୍ରହ୍ମପୁରୀ ଠାରେ ସର୍ବାଧିକ ୪୭.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ମଧ୍ୟପ୍ରଦେଶର ଖଜୁରାହୋ ଠାରେ ୪୬.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

ପାଣିପାଗ ବିଭାଗ ଅନୁଯାୟୀ, ମେ ୨୭ ପର୍ଯ୍ୟନ୍ତ ପ୍ରଚଣ୍ଡ ତାପମାତ୍ରା ଜାରି ରହିବ। ତେବେ ମେ ୨୮ କିମ୍ବା ୨୯ ତାରିଖ ବେଳକୁ ଏକ ପଶ୍ଚିମା ପ୍ରଭାବ ଯୋଗୁଁ କିଛି ସ୍ଥାନରେ ବର୍ଷା ଏବଂ ପବନ ହେବାର ସମ୍ଭାବନା ରହିଛି। ଫଳରେ ତାପମାତ୍ରା ୬ ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବା ସମ୍ଭାବନା ରହିଛି। ବର୍ତ୍ତମାନ ପାଇଁ ଆଇଏମ୍‌ଡି ଦିଲ୍ଲୀ ସମେତ ଅନେକ ଅଞ୍ଚଳରେ ୟେଲୋ ଆଲର୍ଟ ଜାରି କରିଛି। ମଇ ୨୧ ରୁ ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ଜାରି କରାଯାଇଥିବା ଏହି ବର୍ଦ୍ଧିତ ପୂର୍ବାନୁମାନ ଅନୁଯାୟୀ, ଦେଶର ଏହି ଅଞ୍ଚଳଗୁଡ଼ିକରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଅନ୍ୟପଟେ, ଦେଶର କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ମଧ୍ୟ ସୂଚନା ମିଳିଛି। ଉତ୍ତର-ପୂର୍ବ ଭାରତରେ ଆଗାମୀ ୬ ରୁ ୭ ଦିନ ପର୍ଯ୍ୟନ୍ତ ଏବଂ କେରଳ ଓ ତାମିଲନାଡୁରେ ଆଗାମୀ ୨ ରୁ ୩ ଦିନ ମଧ୍ୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସାଧାରଣ ଜନତାଙ୍କୁ ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଲୋକମାନେ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ନିଟ୍ ପେପର୍ ଲିକ୍ ମାମଲାରେ ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ନିଟ୍-ୟୁଜି ପରୀକ୍ଷାରେ ହୋଇଥିବା ପେପର୍ ଲିକ୍ ସଙ୍କଟକୁ ନେଇ ସୁପ୍ରିମକୋର୍ଟ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଷ୍ଟିସ ପିଏସ୍ ନରସିଂହ ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏହା ଅତ୍ୟନ୍ତ ଦୁଃଖଦାୟକ ଯେ ଏନ୍‌ଟିଏ ପୂର୍ବରୁ ହୋଇଥିବା ପେପର୍ ଲିକ୍ ଘଟଣାରୁ କୌଣସି ଶିକ୍ଷା ଲାଭ କରିନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ଓ ଜବାବ ତଲବ ସର୍ବୋଚ୍ଚ ନ୍ୟାୟାଳୟ ଏନ୍‌ଟିଏକୁ ଆସନ୍ତା ଗୁରୁବାର ସୁଦ୍ଧା ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ରେ ଗଠିତ ମନିଟରିଂ କମିଟିର ସୁପାରିଶ ଆଧାରରେ ଏଜେନ୍ସି କି ପଦକ୍ଷେପ ନେଇଛି, ସେ ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯାଇଛି। ଏଥିସହିତ କୋର୍ଟ କେନ୍ଦ୍ର ସରକାର ଏବଂ ସିବିଆଇକୁ ମଧ୍ୟ ଜବାବ ଦାଖଲ କରିବାକୁ ନୋଟିସ୍ ଜାରି କରିଛନ୍ତି। ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍ (ଏଫ୍‌ଏଆଇଏମ୍‌ଏ) ଏବଂ ୟୁନାଇଟେଡ୍ ଡକ୍ଟର୍ସ ଫ୍ରଣ୍ଟ (ୟୁଡିଏଫ୍) ପକ୍ଷରୁ ଦାୟର ଆବେଦନରେ




### ଅତୀତର ଭୁଲ୍‌ରୁ କିଛି ଶିଖିନାହିଁ ଏଜେନ୍ସି

ଏନ୍‌ଟିଏର ବର୍ତ୍ତମାନର ଗଠନକୁ ଭଙ୍ଗ କରି ଏକ ନୂତନ ସ୍ୱୟଂଶାସିତ ଓ ଶକ୍ତିଶାଳୀ ବ୍ୟବସ୍ଥା ଗଠନ କରିବାକୁ ଦାବି କରାଯାଇଛି। ବାରମ୍ବାର ପେପର୍ ଲିକ୍ ହେବା ଦ୍ୱାରା ପ୍ରାୟ ୨୨.୭ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଆବେଦନରେ ଦର୍ଶାଯାଇଛି। ଏକ ହାଇ-ପାୱାର ମନିଟରିଂ କମିଟି ଗଠନ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି, ଯେଉଁଥିରେ ସୁପ୍ରିମକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଏବଂ ସାଇବର ବିଶେଷଜ୍ଞ ରହିବେ।

ସିବିଆଇ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ନିକଟରେ ମହାରାଷ୍ଟ୍ରର ପୁଣେରୁ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ମନୀଷା ସଞ୍ଜୟ ହାଭାଲଦାରଙ୍କୁ ଗିରଫ କରାଯାଇ ଦିଲ୍ଲୀ କୋର୍ଟରେ ହାଜର କରାଯାଇଛି ଏବଂ ତାଙ୍କୁ ୬ ଦିନିଆ ପୋଲିସ ହେପାଜତକୁ ପଠାଯାଇଛି। ଅନ୍ୟପଟେ ଅନ୍ୟତମ ଅଭିଯୁକ୍ତ ଶୁଭମ ଖୈରନାରଙ୍କୁ ଜୁନ୍ ୬ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି। ପେପର୍ ଲିକ୍ ହୋଇଥିବା ଜଣାପଡ଼ିବା ପରେ ମେ' ୨୧ରେ ପୁନଃ ପରୀକ୍ଷା ପାଇଁ ନିଷ୍ପତ୍ତି ହୋଇଛି। ଏହି ଘଟଣାକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ କର୍ଣ୍ଣାଟକରେ ଜଣେ ମେଧାବୀ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି।



▶ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-327 ◆TUESDAY ◆26 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୭ ◆ମଙ୍ଗଳବାର ◆୨୬ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ପୁଣି ମହଙ୍ଗା ହେଲା ତେଲ

## ଲିଟର ପିଛା ପେଟ୍ରୋଲ ୨.୬୧, ଡିଜେଲ ୨.୭୧ ଟଙ୍କା ବଢ଼ିଲା

■ ନୂଆଦିଲ୍ଲୀ, ୨୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ନିର୍ବାଚନ ପରେ ଖାଉଟିଙ୍କୁ ଲାଗିଚାଲିଛି ଝଟ୍‌କା ପରେ ଝଟ୍‌କା। କ୍ରମାଗତ ଆଜି ୪ର୍ଥ ଥର ପାଇଁ ବଢ଼ିଛି ତେଲ ଦର। ବଜାରରେ ପେଟ୍ରୋଲ ଲିଟର ପିଛା ୨ ଟଙ୍କା ୬୧ ପଇସା ଏବଂ ଡିଜେଲ ୨ ଟଙ୍କା ୭୧ ପଇସା ବୃଦ୍ଧି ଘଟିଛି। ମାତ୍ର ୧୦ ଦିନ ମଧ୍ୟରେ ତେଲ ଦର ପାଖାପାଖି ୮ ଟଙ୍କା ବଢ଼ିଲାଣି। ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୧୦୨.୧୨ ଟଙ୍କା ଏବଂ ଡିଜେଲ ୯୫.୨୦ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ୧୦୦.୮୦ ଟଙ୍କା ହୋଇଛି। ହେଲେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଏପରି ସମୟରେ ବୃଦ୍ଧି ହୋଇଛି, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପାଖାପାଖି ୯୧ ଡଲାରକୁ ଖସିଆସିଛି। ସବୁଠାରୁ କୌତୂହଳର ବିଷୟ ହେଉଛି, ଏହି ଦର ବୃଦ୍ଧି ପରେ ଡିଜେଲ ମୂଲ୍ୟ ଲିଟର ପିଛା ୧୦୦ ଟଙ୍କା ଅତିକ୍ରମ କରିଯାଇଛି।

**୧୦ ଦିନରେ ୮ ଟଙ୍କା ବୃଦ୍ଧି**

**ରାଜଧାନୀରେ ଡିଜେଲ ୧୦୦ ପାର୍**

**୧୩୦ ଟଙ୍କା ଛୁଇଁବ ପେଟ୍ରୋଲ୍!**

**ଚୁପ୍‌ଚାପ୍ ଲୋକଙ୍କ ପକେଟ୍ କାଟୁଛନ୍ତି ସରକାର: ରାହୁଲ**



ଚଳିତମାସ ୧୫ରେ ପ୍ରଥମ ଥର ପାଇଁ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରିଥିଲେ। ଆମେରିକା-ଇରାନ୍ ଶାନ୍ତି ଚୁକ୍ତି ଆଶାରେ ବିଶ୍ୱ ବଜାରରେ ସମ୍ପ୍ରତି ଅଶୋଧିତ ତେଲ ଦରରେ ହ୍ରାସ ଘଟୁଥିବା ବେଳେ ତୈଳ କମ୍ପାନୀର ଅଧିକାରୀମାନେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଆକାଶଛୁଆଁ ମୂଲ୍ୟ ଏବଂ ଟଙ୍କାର ଅବମୂଲ୍ୟାୟନ ଯୋଗୁଁ ଆମଦାନୀ ଖର୍ଚ୍ଚ ବୃଦ୍ଧିକୁ ମୁଖ୍ୟ କାରଣ ବୋଲି କହିଛନ୍ତି। ଆଗକୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଆହୁରି ବୃଦ୍ଧି ଘଟିବ ବୋଲି ନିକଟରେ ବିପିସିଏଲ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଥିଲେ। ଅପରପକ୍ଷେ ବଜାର ବିଶେଷଜ୍ଞମାନେ ଆଗାମୀ ଦିନରେ ଇନ୍ଧନ ମୂଲ୍ୟରେ ଆହୁରି ବୃଦ୍ଧି ଘଟିବା ନେଇ ପୂର୍ବାନୁମାନ କରିଛନ୍ତି। କାରଣ ତେଲ କମ୍ପାନୀଗୁଡ଼ିକ ସେମାନଙ୍କର ▶ପୃଷ୍ଠା-୭

# ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କ ଅଡୁଆ ବଢ଼ିଲା

■ ଭୁବନେଶ୍ୱର,୨୫।୫(ସମିସ): ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ଭିଡ଼ହତ୍ୟା ଘଟଣାରେ ବିବାଦ ଘେରକୁ ଆସିଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଦୟାଲ ଗଙ୍ଗୱାରଙ୍କ ବଦଳି ହୋଇଛି। ରାଜ୍ୟ ପୁଲିସର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅତିରିକ୍ତ ପୁଲିସ ଡିଜି (କମ୍ୟୁନିକେସନ) ପଦରୁ ତାଙ୍କୁ ହଟାଇ ଦିଆଯାଇଛି। ବଦଳି ପରେ ତାଙ୍କୁ ଗୃହ ବିଭାଗ ଓଏସ୍‌ଡି ଦାୟିତ୍ୱ ଦିଆଯାଇଛି। ଏନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୌମ୍ୟ ହତ୍ୟାକାଣ୍ଡ ପରେ ଗଙ୍ଗୱାର ବିବାଦରେ ଛନ୍ଦି ହୋଇଥିବାରୁ ତାଙ୍କର ବଦଳି କରାଯାଇଛି ବୋଲି ଚର୍ଚ୍ଚା ଜୋର ଧରିଛି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ତଦନ୍ତ କରୁଥିବା ବେଳେ ଏଥିରେ ବାଧା ନ ଉପୁଜିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି।

**ଏଡିଜି (କମ୍ୟୁନିକେସନ) ରୁ ବିଦା; ଗୃହ ବିଭାଗରେ ଓଏସ୍‌ଡି ନିଯୁକ୍ତ**

**ବାଲିଅନ୍ତା ଭିଡ଼ ହତ୍ୟା ଘଟଣା ପରେ ବିବାଦୀୟ ହୋଇଥିଲେ**

ଗଙ୍ଗୱାରଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ସୌମ୍ୟଙ୍କ ମା' କବିତା। ଜିଆର୍‌ପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ହତ୍ୟା ପରେ ହଠାତ୍ ଗଙ୍ଗୱାରଙ୍କ ନାଁ ଚର୍ଚ୍ଚାକୁ ଆସିଥିଲା। ଗଙ୍ଗୱାରଙ୍କ ପାଇଁ ତାଙ୍କ ପୁଅ ମାନସିକ ଚାପରେ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏପରିକି ଗଙ୍ଗୱାର ତାଙ୍କ ପୁଅକୁ ବ୍ୟକ୍ତିଗତ କାମରେ ଲଗାଇବା ସହ ପରେ ଦରମା ବନ୍ଦ ▶ପୃଷ୍ଠା-୭

### ବ୍ରହ୍ମପୁର ଯୁବକଙ୍କୁ କଟୁରୀରେ ନିର୍ମମ ଆକ୍ରମଣ ଘଟଣାରେ କ୍ଷୋଭ ପ୍ରକାଶ କଲେ ନବୀନ

# ସାରା ଓଡ଼ିଶାରେ ଗୁଣ୍ଡାରାଜ୍, ଭୟର ବାତାବରଣ

■ ଭୁବନେଶ୍ୱର, ୨୫।୫ (ସମିସ): ରବିବାର ବ୍ରହ୍ମପୁରରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ପୁଲିସ ଏନକାଉଣ୍ଟରର ଧମକ ଦେବା ପରେ ବି ଅପରାଧୀ ଭୟଶୂନ୍ୟ ହୋଇ ରାଜରାସ୍ତାରେ ଅପରାଧ ଘଟାଇବା ଶାସନ ବ୍ୟବସ୍ଥାର ଅପାରଗତାକୁ ଦର୍ଶାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

**ଅପରାଧୀ ଭୟଶୂନ୍ୟ ହୋଇ ରାଜରାସ୍ତାରେ ଅପରାଧ ଘଟାଇବା ଶାସନ ବ୍ୟବସ୍ଥାର ଅପାରଗତାକୁ ଦର୍ଶାଉଛି**



**ବଡ଼ ବଡ଼ ଭାଷଣ ନ ଦେଇ ରାଜ୍ୟ ସରକାର ସଜାଗ ହୁଅନ୍ତୁ**

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ବ୍ରହ୍ମପୁର ବଡ଼ବଜାର ସ୍ଥିତ ଅମ୍ବିକା ନଗରରେ ରାସ୍ତା ଉପରେ ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ କଟୁରୀରେ ନିର୍ମମ ଭାବେ ଆକ୍ରମଣର ଦୃଶ୍ୟ ଅତ୍ୟନ୍ତ ବିଚଳିତ କରିବା ପରି। ଏଇ କିଛି ଦିନ ତଳେ ବ୍ରହ୍ମପୁରରେ ଜଣେ ଯୁବକ ଓ ଯୁବତୀଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ମନରୁ ନ ଲିଭୁଣୁ ପୁଣି ▶ପୃଷ୍ଠା-୭

**ଅସମ୍ଭାଳ କରୁଛି ତାତି**

# ୨୮ ପରେ ଭୀଷଣ କାଳବୈଶାଖୀ

■ ଭୁବନେଶ୍ୱର, ୨୫।୫ (ସମିସ): ରାଜ୍ୟରେ ଲାଗି ରହିଥିବା ପ୍ରବଳ ତାତି ଓ ଗୁଳୁଗୁଳିରୁ ମୁକ୍ତି ମିଳିବ। ଆସନ୍ତା ୨୮ ପରେ ରାଜ୍ୟରେ ଭୀଷଣ କାଳବୈଶାଖୀ ଯୋଗୁଁ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଏହାଦ୍ୱାରା ରାଜ୍ୟରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହୋଇଯିବା ସହ ଜାରି ରହିଥିବା ଗୁଳୁଗୁଳି ସ୍ଥିତିରୁ ମୁକ୍ତି ମିଳିବ। ଆଗକୁ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ହେବାକୁ ଯାଉଛି। ସାଧାରଣତଃ ପଶ୍ଚିମା ଝଡ଼ ଆସିବା ପୂର୍ବରୁ ତାତି ଓ ଗୁଳୁଗୁଳି ପିକ୍‌ରେ ପହଞ୍ଚିଥାଏ। ଏହି କ୍ରମରେ ରାଜ୍ୟରେ ଆସନ୍ତା ୨ ଦିନ ▶ପୃଷ୍ଠା-୭

**ଅଥୟ କରିବ ବଜ୍ରପାତ**

## ଭୁଶୁଡ଼ିଲା ଧନୁଯାତ୍ରା ସ୍ମାରକୀ ଗେଟ୍




■ ବରଗଡ଼, ୨୫।୫ (ସମିସ): ବରଗଡ଼ ସହରରେ ସୋମବାର ଅପରାହ୍ନରେ ହୋଇଥିବା ଭୟଙ୍କର କାଳବୈଶାଖୀ ଝଡ଼ ତୋଫାନରେ ଧନୁଯାତ୍ରା ସ୍ମାରକୀ ଗେଟ୍ ଭାଙ୍ଗି ଯାଇଛି। ଏହାଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ପରେ ସମଗ୍ର ସହରରେ ଚର୍ଚ୍ଚାର ବିଷୟ ସୃଷ୍ଟି ହୋଇଛି। ଗେଟ୍ ନିର୍ମାଣରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ▶ପୃଷ୍ଠା-୭



ସକାଳ THE SAKALA



www.sakalaepaper.com

# ଆରମ୍ଭ ହେଲା ରବିଋତୁ ଧାନକିଣା

ବଲାଙ୍ଗିର,୨୫।୫(ସମିସ)



ଚାଷୀଙ୍କଠାରୁ ସୁରୁଖୁରୁରେ ରବି ଧାନ ସଂଗ୍ରହ କରିବା ପାଇଁ ସୋମବାର ଆଗଲପୁର ବ୍ଲକ୍ ବୁଢ଼ୁଲାଠାରେ ରବି ଧାନ ସଂଗ୍ରହ ମଣ୍ଡି ଆରମ୍ଭ ହୋଇଛି। ଚାଷୀ ଯେପରି ସେମାନଙ୍କ କଷ୍ଟ ଉପାର୍ଜିତ ଫସଲର ଠିକ୍ ମୂଲ୍ୟ ପାଇପାରିବେ ଏବଂ ବିକ୍ରି ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ସେଥିପାଇଁ ଧାନ ଦିଆଯାଇଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଆଗଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ, ଯୋଗାଣ ବିଭାଗର ପ୍ରତିନିଧି, ସମବାୟ ସମିତିର କର୍ମକର୍ତ୍ତା ଏବଂ ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ବୁଢ଼ୁଲା ପ୍ୟାକ୍ସର ସଭାପତି ଚିନ୍ତାମଣି ଭୋଇ ଓ ସେକ୍ରେଟାରୀ ଅଶ୍ୱିନୀ ଗଡତିଆ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ଧାନକିଣାର ସମୟ ନିର୍ଦ୍ଧାରିତ କରାଯାଇଛି। ସକାଳ ୭ରୁ ୧୧ ଏବଂ ଅପରାହ୍ନ ୩ରୁ ୬ଟା ମଧ୍ୟରେ ଧାନ କିଣା ହେବ। ଦିନ ୧୧ଟାରୁ ୩ଟା ଯାଏ କୌଣସି ଧାନ କିଣା କିମ୍ବା ଲୋଡ୍ ହେବ ନାହିଁ। ଅଦିନିଆ ବର୍ଷାକୁ ଆଖି ଆଗରେ ରଖି ନିୟନ୍ତ୍ରିତ ବଜାର କମିଟି ତରଫରୁ ସମସ୍ତ ମଣ୍ଡିକୁ ପାଲ ତଥା ତର୍ପୋଲିନ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ସେହିପରି ଧାନ ଓଜନ ଏବଂ ଗୁଣବତ୍ତା ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ମଣ୍ଡି ପରିସରେ ଚାଷୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଏବଂ ବିଶ୍ରାମର ସୁବିଧା କରାଯାଇଛି। ଧାନ କିଣାଯିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କ ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଅଧିକାରୀମାନେ ଚାଷୀଙ୍କୁ ଦଲାଲଙ୍କଠାରୁ ଦୂରେଇ ରହି ସିଧାସଳଖ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଅନୁରୋଧ କରିଛନ୍ତି। ଏଥିସହିତ ମଣ୍ଡି ପରିଚାଳନାରେ କୌଣସି ପ୍ରକାର ଅନିୟମିତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବୁଢ଼ୁଲାଠାରେ ମଣ୍ଡି ଆରମ୍ଭ ହେବା ଫଳରେ ସ୍ଥାନୀୟ ଚାଷୀକୂଳ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ୩୩୨୫୫ ମେଟ୍ରିକ୍ ଟନ୍‌ର ରବି ଧାନ ସଂଗ୍ରହ କରିବା ଲକ୍ଷ୍ୟ ରଖାଯାଇଛି। ୧୭,୩୦୪ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରିଛନ୍ତି। ୧୨୧ଟି ପ୍ୟାକ୍ସ ଏବଂ ୫୧ ଜଣ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

- ସକାଳ ୭ରୁ ୧୧ ଏବଂ ଅପରାହ୍ନ ୩ରୁ ୬ଟା ମଧ୍ୟରେ ଧାନ କିଣା
- ଦଲାଲଙ୍କଠାରୁ ଦୂରେଇ ରହି ସିଧାସଳଖ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଅନୁରୋଧ
- ମଣ୍ଡି ପରିଚାଳନାରେ କୌଣସି ପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ

## ତମିଆଁ ପାକ୍ସରେ ରବିଋତୁ ଧାନକ୍ରୟ ପାଇଁ ଶୁଭାରମ୍ଭ



ପାଟଣାଗଡ଼,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ପେକ୍ସ ପରିସରରେ ସୋମବାର ଚଳିତ ବର୍ଷ ରବି ଧାନ କ୍ରୟ ପାଇଁ ଶୁଭାରମ୍ଭ ହୋଇଯାଇଛି। ପେକ୍ସ ସଭାପତି ରାଜେଶ ଚାନ୍ଦ, ଉପ ସଭାପତି ସୟଦ ଅବଦୁଲ ଶିରାଜ, ଅସାତୁ ସାହୁଙ୍କ ସହ ସମସ୍ତ ଡାଇରେକ୍ଟର, ଧାନ କ୍ରୟ କମିଟିର ଚତୃ ମେହେର, ଆନନ୍ଦ ତ୍ରିପାଠୀ, ସୁମନ୍ତ ଭୋଇ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ, ପେକ୍ସର ସମସ୍ତ କର୍ମଚାରୀ ଓ ଚାଷୀଙ୍କ ଉପସ୍ଥିତିରେ ଧାନ କ୍ରୟ ପାଇଁ ପୂଜାରମ୍ଭ ହୋଇଯାଇଛି। ପୂଜକ ଭାବେ ଗୋପାଳ ଚନ୍ଦ୍ର ଦାସ ଯୋଗଦେଇ ଧାନ କ୍ରୟ ପାଇଁ ବିଭିନ୍ନ ଯନ୍ତ୍ରାଂଶଗୁଡିକୁ ପୂଜାର୍ଚ୍ଚନା କରିଥିଲେ। ତମିଆଁ ପେକ୍ସରେ ୧୧୩ ଜଣ ଚାଷୀ ରବି ଧାନ କ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ରୁ ୧୧ ଓ ଅପରାହ୍ନ ୪ଟା ପରେ ଧାନ କ୍ରୟ ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି।

## ଯୁରିଆରେ ରବି ଧାନ ମଣ୍ଡି ଉଦ୍‌ଘାଟିତ



ଖପ୍ରାଖୋଲ,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଯୁରିଆରେ ସୋମବାର ରବି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ସମ୍ମାନୀତ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆନନ୍ଦ ପଣ୍ଡା, ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି, ସହକାରୀ ସମବାୟ ସହ ନିବନ୍ଧକ ରଥ ଇବ୍ରାହିମ, ଯୋଗିମୁଣ୍ଡା ଆର୍‌ଏମସି ସମ୍ପାଦକ କ୍ଷମାନିଧି ଗଡତ୍ୟା ଯୋଗ ଦେଇଥିଲେ। ଏହି ପ୍ୟାକ୍ସରେ ୧୮୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି।

## ଦେଓଗାଁରେ ଆଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

ଦେଓଗାଁ,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଞ୍ଚଳରେ ଆଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ଏହି ଅଞ୍ଚଳରେ ୨୬ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ଗ୍ରାମାଞ୍ଚଳରେ କାହାକୁ ନ ଜଣାଇ ମରାମତି ନାମରେ ଲୁହାକୁ ଲୁହା ବିଦ୍ୟୁତ୍ କାଟ୍ ହେଉଥିବାରୁ ସାଧାରଣ ଜନତା ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଛୋଟ ଛୁଆ ମାନେ ଅତ୍ୟଧିକ ଗରମରେ ଛଟପଟ ହେଉଥିବା ନଜରକୁ ଆସିଛି। ରାଜ୍ୟ ସରକାର ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ୍ ହେବ ନାହିଁ ବୋଲି କହିଆସୁଥିବା ବେଳେ ଟାଟା ପାୱାର ତରଫରୁ ଚାରିଆଡେ ଅଘୋଷିତ ବିଦ୍ୟୁତ୍ କାଟ୍ କରାଯିବା ଦ୍ୱାରା ରାଜ୍ୟ ସରକାରଙ୍କ ଏହା ଦୋ ମୁହାଁ ନୀତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗଳିକନ୍ଦିରେ ମଦ ବେପାର: ବିଭାଗ ନିଦାବିଷ୍ଟ

ଦେଓଗାଁ,୨୫।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା ସମେତ ଆଖାପାଖ ଅଞ୍ଚଳର ବିଭିନ୍ନ ଗଳିକନ୍ଦିରେ ଦେଶୀ ଓ ବିଦେଶୀ ମଦ ବେପାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ି ଚାଲିଛି। ଏହାଫଳରେ ଗାଁଗଣ୍ଡାରେ ପ୍ରତ୍ୟହ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଏହାକୁ ନେଇ ଲୋକେ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନେକ କୁଟିଆ ମଦ ବେପାରୀ ଅଧିକ ଲାଭ ଆଶାରେ ଖୋଲା ଦେଶୀ ମଦ ବିକ୍ରି କରଛନ୍ତି। ନକଲି ବିଦେଶୀ ମଦ ମଧ୍ୟ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ ବିଭାଗୀୟ ଅଧିକାରୀ ସବୁ ଜାଣି ନ ଜାଣିଲା ପରି ଚୁପ୍ ରହୁଥିବା ଲୋକେ ଅଭିଯୋଗ ଉଠାଇଛନ୍ତି। ଖୁଲମଖୁଲା ଗାଁ ଭିତରେ ମଦ ବିକ୍ରି ଯୋଗୁଁ ନିଶାସକ୍ତଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଅନେକ ନିଶାସକ୍ତ ବ୍ୟକ୍ତି ଗାଁ ଭିତରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବାରୁ ଗାଁରେ ଅଶାନ୍ତି ପରିବେଶ ଦେଖା ଦେଉଛି। ଗାଁର ମହିଳା ଓ ଯୁବତୀମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଅଭିଯୋଗ ହୋଇଛି।

## ୬ ବାଲି ବୋଝେଇ ହାଇଓ୍ୱା ଜବତ

କେସିଙ୍ଗା,୨୫।୫(ସମିସ): କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ଗତକାଲି ରାତିରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅଚାନକ ଚଢଉ କରି ୬ ଟି ହାଇଓ୍ୱା ଜବତ କରିଥିବା ସୂଚନା ମିଳିଛି। ୬ ଟି ହାଇଓ୍ୱା ମଧ୍ୟରୁ ୩ ଟି ହାଇଓ୍ୱାକୁ କେସିଙ୍ଗା ପୁଲିସଷ୍ଟେସନର ଜିମାରେ ଦେଇ ବାକି ୩ ଟି ହାଇଓ୍ୱାକୁ ଖଣି ବିଭାଗ ସାଙ୍ଗରେ ନେଇ ଭବାନୀପାଟଣା ଖଣି କାର୍ଯ୍ୟାଳୟକୁ ନେଇଥିବା ଜଣାପଡ଼ିଛି।

## ମହିଳା ଆରକ୍ଷଣ ବିଲ୍‌କୁ ନେଇ ବିଜେଡିର ଜିଲ୍ଲାପାଳ ଅଫିସ ଘେରଉ



ନୂଆପଡ଼ା,୨୫।୫(ସମିସ): ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କୁ ୩୩ପ୍ରତିଶତ ଆରକ୍ଷଣ ଦାବିକୁ ନେଇ ନୂଆପଡା ଜିଲ୍ଲା ବିଜେଡି ଜିଲ୍ଲାପାଳ ଅଫିସ ଘେରଉ କରି ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ନେତୃତ୍ୱରେ ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ପୁଲିସ ପଡିଆରୁ ଏକ ରାଲିରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଠୁଳ ହୋଇଥିଲେ। ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ ପରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ତରଫରୁ ଅତିରିକ୍ତ ଜିଲ୍ଲାପାଳ କୌସ୍ତୁଭ ସା ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, କାର୍ତ୍ତିକ ଦୀପ, ଚିତ୍ତ ବେହେରା ପ୍ରମୁଖ ସାମିଲ ଥିଲେ

- କଣ୍ଟାବାଞ୍ଜି ଆଇଟିଆଇ କୋଠା ନିର୍ମାଣରେ ସବୁ ସରକାରୀ ନିୟମ ଉଲ୍ଲଂଘନ

## ୪୫ ଡିଗ୍ରୀ ତାତିରେ କାମ କରୁଛି ଶ୍ରମିକ

କଣ୍ଟାବାଞ୍ଜି,୨୫।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଧାମନଡ଼ଙ୍ଗା ଆଇଟିଆଇରେ କୋଟି ଟଙ୍କା ଟଙ୍କାର କୋଠା ନିର୍ମାଣ ଚାଲିଛି। ସରକାରଙ୍କ ଅଧୀନରେ ଥିବା ପୋଲିସ ହାଉସିଙ୍ଗ ବୋର୍ଡ ଏହି କାମର ସିଧାସଳଖ ତଦାରଖ କରୁଛି; ହେଲେ ସରକାରୀ ଠିକା ସଂସ୍ଥା ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା ଚିତ୍ର ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁସାରେ ଜଣେ ଶ୍ରମିକ ସକାଳ ୭ରୁ ଦିନ ୧୧ଟା ଏବଂ ଅପରାହ୍ନ ୩ ଟାରୁ ସନ୍ଧ୍ୟା ୫ଟା ସମୟ ପର୍ଯ୍ୟନ୍ତ କାମ କରିବ; ହେଲେ ଡହ ଡହ ଖରାରେ ମଧ୍ୟ ଏଠି ଶ୍ରମିକଙ୍କୁ କାମ କରାଯାଉଛି। ଅନ୍ୟପକ୍ଷେ ଠିକା ସଂସ୍ଥା ପକ୍ଷରୁ ଶ୍ରମିକଙ୍କୁ ସୁରକ୍ଷା କିଟ୍ ମଧ୍ୟ ପ୍ରଦାନ କରାଯିବା ନିୟମ ରହିଛି; କିନ୍ତୁ ଏହି ଦାୟିତ୍ୱରେ ଥିବା ଠିକାଦାର ନିଜ ମନ ମୁତାବକ କାମ କରାଉଛନ୍ତି। ଏଠି ସବୁ ସରକାରୀ ନିୟମ ଉଲ୍ଲଂଘନ କରାଯାଉଛି। ବର୍ତ୍ତମାନ ତାପମାତ୍ରା ୪୫ ଡିଗ୍ରୀ। ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଲୋକଙ୍କ ଗରିବିର ଫାଇଦା ଉଠାଇ ଡହଡହ ଖରାରେ ଶ୍ରମିକଙ୍କୁ ଏଠାରେ କାମ କରାଯାଉଛି। ଜଣେ ମଧ୍ୟ ଶ୍ରମିକଙ୍କୁ କାମ କରିବା ସମୟରେ ବ୍ୟବହାର କରିବାକୁ ସୁରକ୍ଷା କିଟ୍ ପ୍ରଦାନ କରାଯାଉନାହିଁ। ଠିକାଦାରଙ୍କ ଏହି ମନମୁଖୀ କାର୍ଯ୍ୟକଳାପକୁ ସ୍ଥାନୀୟ ଶ୍ରମିକ ନେତା କମଲ ଭୋଇ ବିରୋଧ କରିଛନ୍ତି। ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି ସେ ସମ୍ପୃକ୍ତ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ମଧ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

- ଜଣକୁ ମଧ୍ୟ ସୁରକ୍ଷା କିଟ୍ ଦିଆ ଯାଉନି
- ପୋଲିସ ହାଉସିଂ ବୋର୍ଡ ତଦାରଖ କରଛି
- ନିର୍ମାଣ କାର୍ଯ୍ୟ ମଧ୍ୟ ଅତି ନିମ୍ନମାନର ଅଭିଯୋଗ



## ଆଗଲପୁର ବ୍ଲକ୍‌ରେ ଅଭିଯୋଗ ଶୁଣାଣି

ବଲାଙ୍ଗିର,୨୫।୫(ସମିସ): ଆଗଲପୁର(ଡୁଡୁକା)ପଞ୍ଚାୟତ ସମିତି ବୈଠକ ଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନର ନଜରକୁ ଆଣିଥିଲେ। ଏଥିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗ ଗୁଡିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଶିବିରରେ ମୋଟ ୧୧୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୯୧ଟି ବ୍ୟକ୍ତିଗତ ଏବଂ ୨୫ଟି ସାମୂହିକ ଅଭିଯୋଗ ଥିଲା। ସେଥିରୁ ୨୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଆଗଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାପାତ୍ର, କୁଲଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜନ ଶୁଣାଣି ପରେ ଜିଲ୍ଲାପାଳ ପଞ୍ଚାୟତ ସମିତି ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ର କିପରି ପରିଚାଳିତ ହେଉଛି ଏବଂ ଚାଷୀ କିପରି ଉପକୃତ ହୋଇପାରୁଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଆଗଲପୁର(ଡୁଡୁକା) ପାଠାଗାର ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟାର୍ଥୀଙ୍କ ଭଲମନ୍ଦ ବୁଝିଥିଲେ।



## ବେଲପଡ଼ା ବିଡିଓଙ୍କ ଟେବୁଲରେ ଡ୍ରେନ୍ ପାଣି ରଖି ପ୍ରତିବାଦ

- ସଙ୍ଗେ ସଙ୍ଗେ ସଫା ହେଲା ଡ୍ରେନ୍

ବଲାଙ୍ଗିର,୨୫।୫(ସମିସ): ଡ୍ରେନ୍ ସଫା କରିବାକୁ କହି କହି ଥକିଗଲେ। ଶେଷରେ ବୋତଲରେ ଡ୍ରେନ୍ ପାଣି ଭର୍ତ୍ତିକରି ବିଡ଼ିଓ ରାଜେଶ ମେହେରଙ୍କ ପାଖରେ ପହଞ୍ଚିଲେ ଯୁବକ। ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକରେ ଏମିତି ଏକ ଅଜବ ଚିତ୍ର ଦେଖିବାକୁ ମିଳିଛି। ଧୁମାଭଟା ଗାଁ ରଣାପଡାରେ ଦୀର୍ଘ ଦିନ ହେବ ଡ୍ରେନ ସଫା କରାଯାଉନାହିଁ। ଏହା ଫଳରେ ମଇଳା ପାଣି ଲୋକଙ୍କ ଘରେ ପଶିବା ସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଡ୍ରେନ୍ ପାଖ ରାସ୍ତା ଦେଇ ଚଲାଚଳ କରି ହେଉ ନ ଥିବାରୁ ଏହାକୁ ନେଇ ସିପୁନ ଖମାରୀ ଗତ ଶୁକ୍ରବାର ବେଲପଡା ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ଡ୍ରେନ୍ ସଫା କରାଯାଇ ନ ଥିଲା। ଶେଷରେ ସେ ୨ଟି ବୋତଲରେ ଡ୍ରେନ୍ ପାଣି ଭର୍ତ୍ତି କରି ବିଡ଼ିଓଙ୍କ ଅଫିସରେ ପହଞ୍ଚି ଥିଲେ। ଏହି ଡ୍ରେନ ପାଣିକୁ ବିଡିଓଙ୍କ ଟେବୁଲ ଉପରେ ସୀଧା ରଖିଦେଇ ପ୍ରତିବାଦ କରିଥିଲେ। ବାରମ୍ବାର ଅଭିଯୋଗ ପରେ ବି କାହିଁକି ଡ୍ରେନ ସଫା କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ତେବେ ଅଭିଯୋଗ ପାଇଲା ପରେ ତୁରନ୍ତ ଧୁମାଭଟା ପିଇଓଙ୍କୁ ଫୋନ କରି ଡ୍ରେନ୍ ସଫା କରିବାକୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ। କାମ ମଧ୍ୟ ସାଙ୍ଗେ ସାଙ୍ଗେ ହୋଇଥିଲା।





## ଆଣ୍ଠେଇଛି ଜଳ ଜୀବନ ମିଶନ

# ଶତ ପ୍ରତିଶତ ପରିବାରକୁ ଟ୍ୟାପ୍ ସଂଯୋଗ ସ୍ୱପ୍ନ

ବଲାଙ୍ଗିର,୨୫।୫(ସମିସ)

ରାଜ୍ୟ ତଥା ବିଶେଷ କରି ବଲାଙ୍ଗିର ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଦୂର କରିବାରେ କେନ୍ଦ୍ର ସରକାର ବିଫଳ। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ କେନ୍ଦ୍ର ସରକାର ୨୦୧୯ ମସିହାରେ ଜଳ ଜୀବନ ମିଶନ ଆରମ୍ଭ କରିଥିଲେ। ୨୦୨୪ ସୁଦ୍ଧା ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲାର ସମସ୍ତ ଗାଁର ପ୍ରତି ପରିବାରକୁ ଟ୍ୟାପ ସଂଯୋଗ କରିବା ସହ ୫୫ ଲିଟର ଦୈନିକ ବିଶୁଦ୍ଧ ଜଳ ଯୋଗାଇଦେବାର ପ୍ରତିଶୃତି ଦେଇଥିଲେ; କିନ୍ତୁ ଦୁର୍ଭାଗ୍ୟ ବଲାଙ୍ଗିର ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଏହି ଯୋଜନା ଆଣ୍ଠୁ ମାଡି ପଡିଛି। ଏହି ଯୋଜନାର ସଫଳତା ହାର ତାଲିକା ଉପରେ ନଜର ପକାଇଲେ ତଳ ଆଡୁ ବଲାଙ୍ଗିର ଜିଲ୍ଲା ଦ୍ୱିତୀୟ ନମ୍ବରରେ ରହିଛି; ଯାହାକି ସ୍ପଷ୍ଟ କରିଛି ଯେ, ପାନୀୟ ଜଳ ଯୋଗାଇଦେବାରେ କେନ୍ଦ୍ର ସରକାର କେତେ ସଫଳ ହୋଇଛନ୍ତି। ଜିଲ୍ଲାର ମାତ୍ର ୫୭ ପ୍ରତିଶତ ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଇଛି। ଆଜି ପର୍ଯ୍ୟନ୍ତ ସମସ୍ତ ଟ୍ୟାପ୍‌ରୁ ପାଣି ଯୋଗାଣ ହୋଇପାରିନ।

୨୦୧୯ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଳ ଜୀବନ ମିଶନ ହର୍ ଘର୍ ଜଲ୍ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ଦେଶର ପ୍ରତିଟି ପରିବାରକୁ ଟ୍ୟାପ ସଂଯୋଗ କରାଯିବା ସହ ଦୈନିକ ୫୫ ଲିଟର ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା। ଏହି ଯୋଜନାରେ ଶତ ପ୍ରତିଶତ ସଫଳତା ପାଇଁ ୨୦୨୪କୁ ଧାର୍ଯ୍ୟ କରାଯାଇଥିଲା; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ୨୦୨୪ କ'ଣ ୨୦୨୬ ସୁଦ୍ଧା ସଫଳତା ହାର କେବଳ ୫୭ ପ୍ରତିଶତ ବୋଲି ଜଣାପଡିଛି। ପଞ୍ଚାୟତିରାଜ ବିଭାଗ ୱେବସାଇଟରୁ ହିଁ ଏହି ସୂଚନା ସ୍ପଷ୍ଟ କରିଛି। ଜିଲ୍ଲାର ୩୧୭ ପଞ୍ଚାୟତ ଅଧୀନ ୧୭୪୪ ଗ୍ରାମରେ ସମୁଦାୟ ୩ ଲକ୍ଷ ୮୮ ହଜାର ୮୮୦ ପରିବାର ରହିଥିବା ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ ଲକ୍ଷ ୬୬ ହଜାର ୮୪୯ ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଇଥିବା ବିଭାଗ କହୁଛି। ସେହିପରି ୨୭୩ ଗାଁରେ ଶତ ପ୍ରତିଶତ ଟ୍ୟାପ ସଂଯୋଗ କରାଯାଇଥିବା ବେଳେ ସେହି ଭିତରୁ ୨୨୪ ଗାଁର ଗ୍ରାମସଭାରେ ସତରେ ପାଣି ସଂଯୋଗ ଦିଆଯାଇଥିବା ସ୍ପଷ୍ଟ କରାଯାଇଛି। ଏବେ ବି ୧୩୩୧ କାର୍ଯ୍ୟ ଜାରି ରହିଥିବା ବେଳେ ୨୫ ଟି ଗାଁରେ ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଏହିକ୍ରମରେ ଆଗଲପୁର ବ୍ଲକରେ ୨୭୪୦୩ ପରିବାର ମଧ୍ୟରୁ ୨୩୮୧୭, ଲୋଇସିଂହା ବ୍ଲକରେ ୨୭୦୩୧ ପରିବାରରୁ ୧୭୪୪୯, ପୁଇଁନ୍ତଲା ବ୍ଲକରେ ୨୬୪୦୬ ପରିବାରରୁ ୫୯୧୯, ବଲାଙ୍ଗିର ସଦର ବ୍ଲକରେ ୨୫୮୭୧ ପରିବାରରୁ ୧୫୨୮୯, ଦେଓଗାଁରେ ୨୫୪୪୨ ପରିବାରରୁ ୧୩୪୭୫, ଗୁଡଭେଲା ବ୍ଲକରେ ୧୪୨୬୧ ପରିବାରରୁ ୫୩୦୧, ସଇଁନ୍ତଲା ବ୍ଲକରେ ୩୨୫୨୬ ପରିବାରରୁ ୧୪୫୭୯, ପାଟଣାଗଡ ବ୍ଲକରେ ୩୫୨୨୧ ପରିବାରରୁ ୨୪୭୯୨, ଖପ୍ରାଖୋଲରେ ୨୫୯୧୩ ପରିବାରରୁ ୨୨୪୬୩, ବେଲପଡା ବ୍ଲକରେ ୩୪୯୦୮ ପରିବାରରୁ ୨୬୫୮୦, ତୁରେକେଲା ବ୍ଲକରେ ୨୨୩୪୩ ପରିବାରରୁ ୬୨୬୦, ମୁରିବାହାଲ ବ୍ଲକରେ ୩୦୨୨୬ ପରିବାରରୁ ୧୩୩୯୯, ବଙ୍ଗୋମୁଣ୍ଡା ବ୍ଲକରେ ୨୭୪୫୮ ପରିବାରରୁ ୧୬୨୫୯ ଓ ଟିଟିଲାଗଡ ବ୍ଲକରେ ୩୩୮୭୧ ପରିବାରରୁ ୧୭୨୬୭ ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଇଥିବା ବିଭାଗୀୟ ରିପୋର୍ଟରୁ ଜଣାପଡିଛି। ଏହି ଯୋଜନାରେ ଗାଁର ପ୍ରତିଟି ପରିବାର ସହ ସାମାଜିକ ଓ ଶିକ୍ଷା ଅନୁଷ୍ଠାନକୁ ମଧ୍ୟ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଘୋଷଣା କରାଯାଇଥିଲା। ତେବେ କେନ୍ଦ୍ର ସରକାର ଏହି ଯୋଜନାକୁ ୨୦୨୪ ସୁଦ୍ଧା ସଂପୂର୍ଣ୍ଣ କରିବାରେ ସଫଳ ହୋଇପାରି ନ ଥିବାରୁ ଜଳ ଜୀବନ ମିଶନ ୨.୦ ଅନୁଯାୟୀ ୨୦୨୮ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଛନ୍ତି। ଜିଲ୍ଲାରେ ଚଳିତ ବର୍ଷ ପାନୀୟ ଜଳ ଉତ୍କଟ ରହିଥିବା ବେଳେ ୫୭ ପ୍ରତିଶତ ସଫଳତା ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି। ଟ୍ୟାପ ସଂଯୋଗ ହୋଇଛି ସତ; କିନ୍ତୁ ଟ୍ୟାପରୁ ଏପର୍ଯ୍ୟନ୍ତ ଠିକ ଭାବେ ପାଣି ବାହାରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଜଳ ଜୀବନ ମିଶନ ୨.୦ର ଦୁଇ ବର୍ଷ ବିତିଯାଇଥିବା ବେଳେ ଆଉ ଦୁଇ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ଶତ ପ୍ରତିଶତ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ କଥା। ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଥିବା ବେଳେ କେନ୍ଦ୍ରୀୟ ଯୋଜନାର ଏହିଭଳି ଅବସ୍ଥା ସାଧାରଣରେ ପ୍ରଶ୍ନ ଉଠାଇଛି।

- ଯୋଜନା କାର୍ଯ୍ୟକାରିତା ହାର ମାତ୍ର ୫୭ ପ୍ରତିଶତ
- ପୁଇଁନ୍ତଲା, ଗୁଡଭେଲା, ତୁରେକେଲା ବ୍ଲକ୍‌ରେ ଚିନ୍ତାଜନକ ସ୍ଥିତି



## ଶିକ୍ଷାବିତ୍ ଡ. ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ



ନୂଆପଡ଼ା,୨୫।୫(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ଶିକ୍ଷାବିତ ଡ. ମହେନ୍ଦ୍ର ମିଶ୍ର ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦୌପଦିମୁର୍ମୁଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡ. ମିଶ୍ର ୪ ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତ ପ୍ରାୟ ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ ତଥା ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି। ସେ ଭାରତର ଆଦିବାସୀ ଓ ଗ୍ରାମୀଣ ଜନସମାଜରେ ସନ୍ନିହିତ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସ୍ୱର ଦେବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ହାସଲ କରିଛନ୍ତି। ୧୯୫୨ ଏପ୍ରିଲ ୧ ତାରିଖରେ ତତ୍କାଳୀନ କଳାହାଣ୍ଡି ତଥା ଏବର ନୂଆପଡା ଜିଲ୍ଲାରେ ଜନ୍ମିତ ଡ. ମିଶ୍ର ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ୧୯୮୭ରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ସେ ଜନଜାତି ବହୁ ଭାଷୀ ଶିକ୍ଷା ଉପରେ ଧ୍ୟାନ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶିକ୍ଷା ପାଇଁ ରାଜ୍ୟ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ।

ସକାଳ THE SAKALA
ମଙ୍ଗଳବାର
୨୭ ମେ, ୨୦୨୬



# ଚମକିଲା ରାସ୍ତା; ଅନ୍ଧାରରେ ଆଲୋକ ବ୍ୟବସ୍ଥା

**କୋକସରା, ୨୫ ।୫ (ସମିସ):** ସରକାରୀ ଅର୍ଥର ହରିଲୁଟ୍ ଓ ନିମ୍ନମାନର କାର୍ଯ୍ୟର ଆଉ ଏକ ଉଦାହରଣ ଦେଖିବାକୁ ମିଳିଛି କୋକସରା ବ୍ଲକ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଚିଲିଗୁଡା ନିକଟରେ। ଲୋକଙ୍କ ସୁବିଧା ପାଇଁ ଲଗାଯାଇଥିବା ଲାଇଟ୍ ଏବେ ଅତ୍ୟଧିକ ଲାଭଖୋର ମନୋଭାବ ଏବଂ ଅତ୍ୟନ୍ତ ନିମ୍ନମାନର ବୈଦ୍ୟୁତିକ ସରଞ୍ଜାମ ବ୍ୟବହାର ଯୋଗୁଁ ଏହି ଲାଇଟ୍ ଗୁଡ଼ିକ ଧପ୍ ଧପ୍ ହେବା ସହ ଏବେ ଅନେକ ଲାଇଟ୍ ଅଚଳ ହୋଇଛି। ରାଜପଥରେ ଗାଡ଼ି ଗୁଡ଼ିକ ଦ୍ରୁତ ଗତିରେ ଯାତାୟାତ କରୁଥିବା ବେଳେ, ହଠାତ୍ ନୂଆ ଲାଇଟ୍ ଗୁଡ଼ିକ ବନ୍ଦ ହୋଇଯିବା ଯୋଗୁଁ ସ୍ଥାନୀୟ ଲୋକେ ଓ ଗାଡ଼ି ଚାଳକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ, ତୁରନ୍ତ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ



ତଦନ୍ତ କରାଯିବା ସହ ଅଚଳ ଲାଇଟ୍ ଗୁଡ଼ିକୁ ବଦଳାଇ ନୂତନ କାର୍ଯ୍ୟକ୍ଷମ ଲାଇଟ୍ ଲଗାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଏହାକୁ ନେଇ ଜନ ଆନ୍ଦୋଳନ ହେବାର ଚେତାବନୀ ମଧ୍ୟ ମିଳିଛି। ଏ ବିଷୟରେ ଜାତୀୟ ରାଜପଥ ବିଭାଗର ପ୍ରତିକ୍ରିୟା ନେବାପାଇଁ ଅନେକ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।

ପ୍ରଶାସନ ଓ ଠିକା ସଂସ୍ଥାର ସଲାସୁତୁରାକୁ ପଦାରେ ପକାଇଛି। ଗତ କିଛି ଦିନ ତଳେ ଚିଲିଗୁଡା ନିକଟରେ ଏନ୍‌ଏଚ୍ ଡିଭିଜନ ପକ୍ଷରୁ ରାଜ୍ୟ ବାହାରର ଠିକା ସଂସ୍ଥା ଦ୍ୱାରା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେବା ପରେ, ରାତିରେ ପଥିକ ଓ ସ୍ଥାନୀୟ ଲୋକଙ୍କ ଗମନାଗମନକୁ ସୁରକ୍ଷିତ କରିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ଷ୍ଟ୍ରିଟ୍ ଲାଇଟ ଲଗାଯାଇଛି। ହେଲେ ଠିକା ସଂସ୍ଥାର

## ମହିଳା ବିଜେଡି ପକ୍ଷରୁ ଭବାନୀପାଟଣାରେ ନାରୀ ଅଧିକାର ଅଭିଯାନ

# ଟିଷ୍ଟି ପାରିବନି ନାରୀବିରୋଧୀ ବିଜେପି ସରକାର

**ଭବାନୀପାଟଣା, ୨୫ ।୫ (ସମିସ)**

ବିଜେପି ସରକାରର ୩୩ ପ୍ରତିଶତ ମହିଳା ସଂରକ୍ଷଣ ବ୍ୟବସ୍ଥାରେ ଟାଳଟୁଳ ନୀତି ଅବଲମ୍ବନ ଓ ଚରମସୀମାରେ ପହଞ୍ଚିଥିବା ନାରୀ ନିର୍ଯାତନା ବିରୋଧରେ ଭବାନୀପାଟଣାରେ ଗର୍ଜିଲେ ହଜାର ହଜାର ମହିଳା। ପ୍ରଚଣ୍ଡ ରୌଦ୍ରତାପକୁ ଖାତିର ନକରି ଅପାରଗ ଡବଲଇଞ୍ଜିନ ସରକାର ଯେଉଁ କୁତ୍ସିତ କପଟ ଆଚରଣ ଚଳାଇଛି ତାହାର ତୀବ୍ର ସମାଲୋଚନା କରାଯାଇଥିଲା। ୩୩ ପ୍ରତିଶତ ସଂରକ୍ଷଣ ନୀତିରେ ବିଜେପି ସରକାର ଯଦି ନିଜ ଆଭିମୁଖ୍ୟ ପରିବର୍ତ୍ତନ ନକରନ୍ତି ତେବେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବବୋଲି ବିକ୍ଷୋଭରେ ସାମିଲ୍ ହୋଇଥିବା ବହୁ ବିଜେଡି ନାରୀ ନେତ୍ରୀ ବିଶୋଦଗାର କରିଥିଲେ। ଏକ ବିରାଟ ରାଲିରେ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଁଚି




ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ନେତୃତ ନେଇଥିଲେ ମହିଳା ବିଜୁ ମହିଳା ଜୋନ ସଭାନେତ୍ରୀ ଲଳିତା ନାୟକ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ କଳାହାଣ୍ଡି ବିଜେଡି ସଭାପତି ପ୍ରଦୀପ ଦୀଶାରୀ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିତେନ୍ଦ୍ର ମହାନ୍ତି, ଭବାନୀ ଶଙ୍କର ମିଶ୍ର, ଆଦିତ୍ୟ ନନ୍ଦ, ବଦ୍ରି ନାରାୟଣ ପଟ୍ଟନାୟକ, ପ୍ରଦୀପ ମୁଣ୍ଡ, ଦୁଷ୍ମନ୍ତ ନାୟକ, ଗୋବର୍ଦ୍ଧନ ଦାସ, ଧବଳେ ମହାପାତ୍ର, ପ୍ରଶାନ୍ତ ନାୟକ, ବିଷ୍ଣୁ ପ୍ରଧାନ, ମଣ୍ଟୁ ନାୟକ, ପ୍ରଶାନ୍ତ ଠାକୁର, ମନିନ୍ଦ୍ର ମହାନ୍ତି, କ୍ଷୀର ସିନ୍ଧୁ ନାୟକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ପୂର୍ବତନ ପୌର ଅଧକ୍ଷା ସଂଯୁକ୍ତା ବେହେରା ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ମହିଳାମାନଙ୍କ ବିକ୍ଷୋଭ ରାଲି ତଥା ସଭାରେ ଜିଲ୍ଲା ବିଜୁ ମହିଳା ସଭାପତି ସବିତା ପ୍ରଧାନ, ସବିତା ରାଉତ, ମମତା ଦାସ, ସୂତପା ବହିଦାର, ପ୍ରତିଭା ଚୌଭାନ, ରଞ୍ଜୁକ୍ତା ପ୍ରଧାନ ଏବଂ ଶତାଧିକ ମହିଳା ସହଯୋଗ କରିଥିଲେ। ରାଜ୍ୟ ବିଜେପି ମୋହନ ସରକାରଙ୍କ ଅସଫଳତା ଉପରେ ସମସ୍ତେ ଜୋରଦାର ବର୍ଷିଥିଲେ। ତତ୍‌ସହିତ ଅପାରଗ ଅବାଞ୍ଛିତ ମୋହନ ସରକାର ମହିଳାଙ୍କୁ ଅସମ୍ମାନ କରୁଥିବା ସେମାନଙ୍କ ବକ୍ତବ୍ୟରେ କହିଥିଲେ।

# ତେଲ ନଦୀ ବ୍ରିଜ୍ ଉପରେ ଆଉ ଏକ ଦୁର୍ଘଟଣା



**କେସିଙ୍ଗା, ୨୫ ।୫(ସମିସ):** କେସିଙ୍ଗା ପଟୁ ଟିଟିଲାଗଡ଼ ଆଡ଼କୁ ଯାଉଥିବା ସମୟରେ ବ୍ରିଜ୍ ଉପରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କୌଣସି କାରଣବଶତଃ ବ୍ରିଜ୍‌ର ସିମେଣ୍ଟ ଗ୍ରିଲ୍‌ରେ ଟ୍ରକ୍ ଟି ପିଟିହୋଇଥିଲା। ବ୍ରିଜ ବେରିକେଟ୍ ପାଇଁ ପୁଣିଥରେ ଗାଡ଼ି ଟି ନଦୀ ତଳକୁ ନ ଖସି ଅଳ୍ପକେ ବର୍ତ୍ତି ଯାଇଥିଲା। ଗତ କିଛିଦିନ ତଳେ ମଧ୍ୟ ଏକ କାର୍‌କୁ ପଛ ପଟୁ ପିକଅପ ଧକ୍କା ଦେବାରୁ ସେହି ବ୍ରିଜ ବେରିକେଟ ପାଇଁ କାରଟି ତଳକୁ ନ ଖସି ବର୍ତ୍ତି ଯାଇଥିଲା। ଉକ୍ତ ରାସ୍ତାରେ ତୁହାକୁ ତୁହା ଦୁର୍ଘଟଣା ବଢ଼ି ଚାଲିଥିବା ବେଳେ ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା। ସେପଟେ ସବୁ ସମୟରେ ଭାରୀଯାନ ଯାଆଆସ କରି କେସିଙ୍ଗା ଜଗନ୍ନାଥ ମନ୍ଦିର ଛକଠାରୁ ବ୍ରିଜ୍‌ପର୍ଯ୍ୟନ୍ତ ରାସ୍ତା ମଝିରେ ସ୍ଥାନେ ସ୍ଥାନେ ବଡ଼ବଡ଼ ଖାଲ ହୋଇ ମଟରସାଇକେଲ ଯିବା ପାଇଁ ମଧ୍ୟ ଅସୁବିଧା ହେଉଛି। କେବଳ ସତର୍କ ବୋର୍ଡ ଲଗାଇ ଚୁପ ନ ରହି ମଝିରେ ମଝିରେ କ୍ଷେତ୍ର ପରିଦର୍ଶନ କରି ଅମାନିଆ ଭାରୀଯାନ ଚାଳକଙ୍କୁ ସାବାଡ ନ କଲେ ଆଗାମୀ ଦିନରେ ବ୍ରିଜ୍ ଖରାପ ହେବାର ସମ୍ଭାବନା ରହିଛି।

# କଲମପୁର ପାକ୍ସରେ ମଣ୍ଡି ଶୁଭାରମ୍ଭ ଓ ସ୍ୱତନ୍ତ୍ର ସାଧାରଣ ସଭା

**କଲମପୁର, ୨୫ ।୫(ସମିସ):** କଲମପୁର ପାକ୍ସରେ ସର୍ବମୋଟ ୨୨୩୯ ସଦସ୍ୟ ଅଂଶଧନ ଜମା କରିଛନ୍ତି, ସମବାୟ ସମିତିର ୨୦୨୪-୨୫ ଆର୍ଥିକ ବର୍ଷର ରିପୋର୍ଟ



ଅନୁସାରେ ସମସ୍ତ ଅଂଶଧନ ଜମାକାରୀ ୧୨ ପ୍ରତିଶତ ହିସାବରେ ଲାଭାଂଶ ପାଇବେ, ଏହା ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହୋଇଥିବାବେଳେ ଲାଭାଂଶ ରାଶି ଅଂଶଧନ ଜମାକାରୀଙ୍କ ଆକାଉଣ୍ଟରେ ସିଧାସଳଖ ଭାବେ ଜମା କରାଯିବ ବୋଲି ଆଜି କଲମପୁର ଧାନମଣ୍ଡି ଶୁଭାରମ୍ଭ ଓ ସ୍ୱତନ୍ତ୍ର ସାଧାରଣ ବୈଠକରେ ଯୋଗଦେଇ ପାକ୍ସ ସଭାପତି ଶଙ୍କର୍ଷଣ ବେହେରା ମତବ୍ୟକ୍ତ କରିଛନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବାଗଙ୍କ ସଂଯୋଜନା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଧାନ ମଣ୍ଡି ଶୁଭାରମ୍ଭ କରାଯାଇ ଥିଲା। ଆର୍ତ୍ତତ୍ରାଣ ଯୋଶୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲା ପ୍ରଶାସନର ଘୋଷଣା ଅନୁସାରେ ଗତ ୨୦ ତାରିଖ ଠାରୁ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଧାନ ଅମଳରେ ବିଳମ୍ବତା କାରଣରୁ ତାହାକୁ ସ୍ଥଗିତ ରଖାଯାଇ ଆଜି ଶୁଭାରମ୍ଭ କରାଯାଇଛି। ଅନ୍ୟପକ୍ଷରେ କଲମପୁର ପାକ୍ସ ଅଧୀନସ୍ଥ କଲମପୁର, ଦେପୁର, ପଣ୍ଡିଗାଁ, ବରଗାଁ, ବଙ୍କାପଲା ମଣ୍ଡିରେ ୧୭ ୯ ୯ ଜଣ ଚାଷୀ ଧାନ ବିକ୍ରି ନିମନ୍ତେ ପଞ୍ଜିକୃତ କରିଛନ୍ତି। ଗତ ରବି ଋତୁରେ ୧, ୨୮୧୦୨, ୩୨ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ଚଳିତବର୍ଷ ତାହା ଠାରୁ ଅଧିକ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସଭାପତି ମହେନ୍ଦ୍ର ନାଥ ସାହୁ, ନିର୍ଦ୍ଦେଶକ ପୀତବାସ ସାହୁ ନିଜର ମତ ରଖିଥିଲେ। ଏଥିରେ କଲମପୁର ଅତିରିକ୍ତ ତହସିଲଦାର ଦେବାଶିଷ ଷଡ଼ଙ୍ଗୀ, ସମିତି ନିର୍ଦ୍ଦେଶକ ଘନଶ୍ୟାମ ନାଏକ, ସୁମନ୍ତ ମିଶ୍ର, ପବନ ମାଝୀ, ସଞ୍ଜୟ ସାହୁ, ଭୁଜବଳ କରୁଆଁ, ବିପିନ ପ୍ରଧାନୀ, ଅଶ୍ୱିନୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# କେସିଙ୍ଗାରେ ସଂସ୍କୃତ ପ୍ରଶିକ୍ଷଣ ବର୍ଗ



**କେସିଙ୍ଗା, ୨୫ ।୫ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂସ୍କୃତ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଚାଲିଛି। ଏହି ଅବସରରେ ସଂଯୋଜକ ଡ. ପି. ନନ୍ଦକୁମାର ନିଜ ବକ୍ତବ୍ୟରେ କହିଥିଲେ ଯେ ସଂସ୍କୃତ ଭାରତୀୟ ଏକତାକୁ ସୁଦୃଢ଼ କରୁଥିବା ଭାଷା। ସଂସ୍କୃତ ଆମ ସଂସ୍କୃତି, ଜ୍ଞାନ ଓ ଭାରତୀୟ ଚେତନାର ଆଧାର। ସେ କହିଥିଲେ ଯେ ସଂସ୍କୃତ କେବଳ ଅତୀତର ନୁହେଁ, ଭବିଷ୍ୟତର ମଧ୍ୟ ଆଧୁନିକ ଭାଷା। ସେହିପରି କେସିଙ୍ଗାର ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦ ବେହେରା କହିଥିଲେ ଯେ ସଂସ୍କୃତର ବ୍ୟାକରଣ ଅତ୍ୟନ୍ତ ବୈଜ୍ଞାନିକ, ଯାହା ପିଲାମାନଙ୍କର ଉଚ୍ଚାରଣ ଦୋଷ ଦୂର କରିବାରେ ସହାୟକ ହୁଏ। କ୍ଷେତ୍ର ସଂଗଠନ ମନ୍ତ୍ରୀ ପ୍ରଣବାନନ୍ଦ କହିଥିଲେ ଯେ ଏହି ପ୍ରଶିକ୍ଷଣ ବର୍ଗରେ ଓଡ଼ିଶା ଏବଂ ବଙ୍ଗର ଶତାଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି ଅବସରରେ କ୍ଷେତ୍ର ସଂଯୋଜକ ନୃସିଂହ ଚରଣ ପଣ୍ଡା, ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା, ପ୍ରାନ୍ତସହ ମନ୍ତ୍ରୀ ଡ. ମାନସ ରଞ୍ଜନ ସାହୁ, ଡ. ନବୀନ ପ୍ରଧାନ, ଶାରଦାସାଗର ମହାନ୍ତି, ପ୍ରଶିକ୍ଷଣ ପ୍ରମୁଖ ଡ. ମଧୁସୂଦନ ସାହୁ, ପ୍ରାନ୍ତପ୍ରଚାର ପ୍ରମୁଖ ଶେଷଦେବ ମିଶ୍ର, ଦମୟନ୍ତୀ କର, ସୁଧାକର ବେହେରା, ସନ୍ଧ୍ୟାରାଣୀ ଚୌଧୁରୀ, ବିରଜା ପ୍ରଧାନ, ହୀରାକାନ୍ତି ମାଝୀ, ଅଶୋକ ମୁଖାର୍ଜୀ, ପ୍ରଧାନ ଆଚାର୍ଯ୍ୟ ପ୍ରବୀଣ ବେହେରା, ସୁରେଶ ସୁନା, ସୁବ୍ରତ ରାଉତ, ରାଜେଶ୍ୱରୀ ରଥ, ଗଦାଧର ପ୍ରଧାନ, ଡ. ରବୀନ୍ଦ୍ରନାଥ ଖଟୁଆ, ସଂଘ ଚାଳକ ବିଶ୍ୱନାଥ କମାନୀ ପ୍ରମୁଖ ସହଯୋଗ କରିଥିଲେ।

# ଦୁଇ ମାସ ହେଲା ମିଳୁନି ଭତ୍ତା, ଶତାଧିକ ବୃଦ୍ଧବୃଦ୍ଧା ବ୍ଲକ୍‌ର ଦ୍ୱାରସ୍ଥ

**କୋକସରା, ୨୫ ।୫ (ସମିସ):** କୋକସରା ବ୍ଲକରୁ ଆସିଛି ଏକ ଚିନ୍ତାଜନକ ଖବର। ସରକାରୀ ଯୋଜନା ଥାଇ ବି ହିତାଧିକାରୀ ଭୋଗୁଛନ୍ତି ଚରମ ଦୁର୍ଦ୍ଦଶା। ଦୁଇମାସ ହେଲା ବାର୍ଦ୍ଧକ୍ୟ ଓ ବିଧବାଭତ୍ତା ମିଳୁନଥିବା ଅଭିଯୋଗ କରି ସୋମବାର ଗମ୍ଭାରୀଗୁଡା ପଞ୍ଚାୟତର ଶତାଧିକ ବୃଦ୍ଧବୃଦ୍ଧା ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଏପ୍ରିଲ ଓ ମେ' ମାସର ଭତ୍ତା ଟଙ୍କା ଏପର୍ଯ୍ୟନ୍ତ ମିଳିନାହିଁ। ଏନେଇ ହିତାଧିକାରୀମାନେ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ହତାଶ ହୋଇପଡ଼ିଛନ୍ତି। ଭତ୍ତା ସହାୟତା ରାଶି ଠିକ୍ ସମୟରେ ମିଳୁ ନ ଥିବା ଯୋଗୁଁ କିଏ ଔଷଧ କିଣି ପାରୁ ନାହାଁନ୍ତି ତ' ଆଉ କିଏ ପରିବାର ଚାଲାଇବା କଷ୍ଟ ହେଉଥିବା କହିଛନ୍ତି। ବ୍ୟାଙ୍କରେ ଲାଇନରେ ଛିଡା ହେବା ବୟସ ନାହିଁ, ଗୋଡ଼ ହାତ ଥରୁଛି। ଔଷଧ ଖାଇବାକୁ ଟଙ୍କା ମିଳୁନି, ବର୍ତ୍ତମାନ ଆମେ ସମ୍ପୂର୍ଣ୍ଣ ନିରୁପାୟ ହୋଇପଡ଼ିଛୁ। ବ୍ଲକ ସାମାଜିକ ସୁରକ୍ଷା ବିଭାଗରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକରେ ମୋଟ୍ ୧୭ ହଜାର ଭତ୍ତା ହିତାଧିକାରୀ ରହିଛନ୍ତି। ସେଥିମଧ୍ୟରୁ ୧୧ ହଜାର ୧ ଶହ ୩୩ ଜଣ ହିତାଧିକାରୀ ହାତାହାତି ଟଙ୍କା ପାଇଥାନ୍ତି। ଏବଂ ୬ ହଜାର ୯ ଶହ ୩୫ ଜଣ ହିତାଧିକାରୀଙ୍କ ନିକଟକୁ ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଯାଇଥାଏ। ମୋଟ୍ ବାର୍ଦ୍ଧକ୍ୟ ଭତ୍ତା ୪ ହଜାର ୮ ୯୦ ରହିଥିବାବେଳେ ବିଧବା ଭତ୍ତା ୧୭ ଶହ ୯୦ ଜଣ ଓ ୨୫୦ ଜଣ ଦିବ୍ୟାଙ୍ଗ ହିତାଧିକାରୀ ଭତ୍ତା ପାଉଛନ୍ତି। ତେବେ ବିଭିନ୍ନ ପଞ୍ଚାୟତର ହିତାଧିକାରୀ ସମେତ ଗମ୍ଭାରୀଗୁଡା ପଞ୍ଚାୟତର ହିତାଧିକାରୀ ମାନେ ଅପ୍ରେଲ ଓ ମଇ ଗତ ଦୁଇ ମାସର ଭତ୍ତା ଟଙ୍କା ଏପର୍ଯ୍ୟନ୍ତ ପାଇଁ ନାହାନ୍ତି। ଏହାକୁ ନେଇ ଆଜି ଗମ୍ଭାରୀଗୁଡା ପଞ୍ଚାୟତର ରୁଦ୍ର ଦୁର୍ଗା, ଟିକେ ନାଏକ, ଗିରିଧାରୀ ଦଳପତି, ଭବାନୀ ଦଳପତି, ସୁବର୍ଣ୍ଣ ବାଗ, ବୈଦେହୀ ପୂଝାରି, ଗୌରୀ ମାଝୀ, ସୁନାଦେଇ ନାଏକ ସମେତ ଅନେକ ବୃଦ୍ଧବୃଦ୍ଧା କୋକସରା ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ଅର୍ଥ ଅଧିକାରୀ ଦିଲୀପ କୁମାର ଶବର ଓ ବିଭାଗୀୟ ଅଧିକାରୀ ତଥା ହିସାବ ରକ୍ଷକ ସୁଦର୍ଶନ ବାଗଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏବଂ ବ୍ୟାଙ୍କ ବଦଳରେ ସେମାନଙ୍କୁ ହାତା ହାତି ଭତ୍ତା ଟଙ୍କା ଦେବାକୁ ଦାବି କରିବା ସହ ୨ମାସ ର ଭତ୍ତା ଟଙ୍କା ଶୀଘ୍ର ପ୍ରଦାନ କରିବା ପାଇଁ ଗୁହାରୀ କରିଥିଲେ।



## ସାପ କାମୁଡ଼ାରେ ଯୁବକ ମୃତ

**ଥୁଆମୂଳ ରାମପୁର, ୨୫ ।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ଅଧୀନ ସମାପଲା ଗାଁରେ ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡାରେ ଜଣେ ବିବାହିତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦାନ ମାଝୀ।

ସୂଚନା ଅନୁଯାୟୀ, ଦାନ ମାଝୀ ଆଜି ସକାଳେ ନିଜ ଚାଷ ଜମିରେ କାମ କରୁଥିବାବେଳେ କୌଣସି ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଥୁଆମୂଳ ରାମପୁର ଡାକ୍ତରଖାନାକୁ ନେଉଥିବା ବେଳେ ଅଧବାଟରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ଦାନ ମାଝୀଙ୍କ ପରିବାରରେ ସ୍ତ୍ରୀ ଓ ଗୋଟିଏ ଛୋଟ ଝିଅ ରହିଛନ୍ତି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସାଧାରଣ ସଭା

**ନୂଆପଡ଼ା, ୨୫ ।୫(ସମିସ):** ସ୍ଥାନୀୟ କେଏନକିଡ୍ସ ପବ୍ଲିକ ସ୍କୁଲ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ନୂଆପଡ଼ା ବ୍ଲକ ଶାଖାର ଏକ ସଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବ୍ଲକ ସଭାପତି ବିଭୂତିଭୂଷଣ ପାଣିଗ୍ରାହୀଙ୍କ ଆହ୍ୱାନକ୍ରମେ ତଥା ଜିଲ୍ଲା ସଭାପତି କ୍ଷୀରୋଦ ନିବାସ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଲୋକ ସଂସଦ ରାଜ୍ୟ ପ୍ରତିନିଧି ଭାବେ ସର୍ବଶ୍ରୀ ରବି ରଞ୍ଜନ ପ୍ରଧାନ, ଚନ୍ଦ୍ରଶେଖର ଚନ୍ଦ୍ରକାର ଏବଂ ଡ. ତରୁଣ ପ୍ରଧାନ ଯୋଗଦାନ କରିଥିଲେ। ଏହାସହ ବୋଡ଼େନ, ସିନାପାଲି, ଖଡ଼ିଆଳ ଓ ନୂଆପଡ଼ା ବ୍ଲକ କାର୍ଯ୍ୟକାରିଣୀରୁ ସଦସ୍ୟମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହିସଭାରେ ନୂଆପଡ଼ା ବ୍ଲକର ସାଙ୍ଗଠନିକ ତଥା ଜିଲ୍ଲାର ସାମଗ୍ରୀକ କାର୍ଯ୍ୟପନ୍ଥା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ସମ୍ପାଦକ ହେମନ୍ତ କୁମାର ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।

# 'ଶ୍ରୀ ଏଜୁକେଶନ'ରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ମ.ରାମପୁର, ୨୫ ।୫(ସମିସ):** ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଆଜି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଛାତ୍ରଛାତ୍ରୀଙ୍କ ସଫଳତା ଆମର ପୁରସ୍କାର ବୋଲି ଶ୍ରୀ ଏଜୁକେଶନ ମୁଖ୍ୟ ପରିଚାଳକ ସରୋଜ ପତି କହିଛନ୍ତି। ଖାଲି ସେତିକି ନୁହଁ ଆମେ ମାଟ୍ରିକରେ କମ୍ ମାର୍କ ରଖିଥିବା ଛାତ୍ରଙ୍କୁ କିପରି ଯୁକ୍ତ ଦୁଇରେ ଅଧିକ ନମ୍ବର ରଖିପାରିବେ ସେ ଉପରେ ଧ୍ୟାନ ଦେବାସହ କିପରି ଚାଷୀ, ଗରିବ ଓ ମଧ୍ୟବିତ୍ତ ଲୋକେ ଏଠାରୁ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ ଆମେ ସେ ଦିଗରେ ସଦା ତତ୍ପର ବୋଲି କହିଥିଲେ। ଯୁକ୍ତ ଦୁଇରେ ଡିଲେଶ୍ୱର ପଧାନ୯୬%, ଅନ୍ୱେଷ ଅଙ୍କିତ ଆଚାର୍ଯ୍ୟ ୯୫% ଏବଂ ୯୪% ରଖି ନାରାୟଣ ପଧାନ ତୃତୀୟ ସ୍ଥାନରେ ରହିଛନ୍ତି। ୧୭୬ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ପାସ୍‌ହାର ୯୯ ପ୍ରତିଶତ ରହିଛି। ୧୬୫ ଜଣ ପ୍ରଥମ ଶ୍ରେଣୀ ଓ ସେଥି ମଧ୍ୟରୁ ୧୦ ଜଣ ନବେ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଶ୍ରୀ ଏଜୁକେଶନର ମୁଖ୍ୟ ପରିଚାଳକ ସରୋଜ ପତି, ପ୍ରକଳ୍ପ ସଂଯୋଜକ ମନୋଜ କୁମାର ପତି, ମ୍ୟାନେଜିଂ ଟ୍ରଷ୍ଟି ସସ୍ମିତା ପତି, ଅଧ୍ୟକ୍ଷା ଅନିଶା ମିଶ୍ର ଉପସ୍ଥିତ ଥିଲେ।

# ସିଟିଜନ୍ ଫୋରମ୍‌ର ମାସିକ ବୈଠକ




**କେସିଙ୍ଗା, ୨୫ ।୫(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଥିବା ସିଟିଜନ୍ ଫୋରମ୍‌ର ଏକ ବୈଠକ ସ୍ଥାନୀୟ ଜଗନ୍ନାଥମନ୍ଦିର ନିକଟ ମୁଖ୍ୟମନ୍ତ୍ରୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସହରରେ ଥିବା ଗଳିକନ୍ଦି ରେ ବୁଲୁଥିବା ବୁଲା କୁକୁର ଓ ବୁଲା ଗାଈଗୋରୁଙ୍କ ଯୋଗୁଁ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଫୋରମ୍ ସଭାପତି ଡାକ୍ତର ହେମସାଗର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ନୀରଦ ଚନ୍ଦ୍ର କଅଁର, ବ୍ଲକ ଭେଟନେରି ଅଫିସର ଦେବାଶିଷ ପଟେଲ, କେସିଙ୍ଗା ବିଜ୍ଞାପିତ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କେସିଙ୍ଗା ଉପଖଣ୍ଡିୟ ପୁଲିସ ଅଧିକାରୀ ସନ୍ଦୀପ ମାଝୀ, କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ ଏବଂ ଫୋରମ୍ ସମ୍ପାଦକ ଭି.ଚନ୍ଦ୍ରଶେଖର ଆଚାରି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରାସ୍ତାରେ ବୁଲୁଥିବା ପଶୁଙ୍କ ଥାଇଥାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଫୋରମ୍ କୋଷାଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୋରମ୍‌ର ଅନେକ ସଦସ୍ୟ, ଅଞ୍ଚଳର ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୬୪ ଅଭିଯୋଗର ଶୁଣାଣି


**ସିନାପାଲି, ୨୫ ।୫(ସମିସ)**

ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ବ୍ଲକ ଉପାଧ୍ୟକ୍ଷା ମୀନା ଘିବେଲା, ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳି ମାଝୀ ଏବଂ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଚିନ୍ମୟ ସାଗର ଓ ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୫୫ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ସହ ମୋଟ ୬୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲ୍ଲାର ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଗୁଲସନ




କୁମାର ସରାଫଙ୍କୁ ଉଚ୍ଚଶିକ୍ଷା ପାଇଁ ୪୬, ୪୯୫ ଟଙ୍କା, ସରୋଜ ଶତନାମୀଙ୍କୁ ୩୯, ୫୮୩ ଟଙ୍କା ଓ ବିଶାଳ ଶତନାମୀଙ୍କୁ ୩୦, ୪୪୮ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ବିରମଣି ନିଆଲ, ଧନିରାମ ନିଆଲ ଓ ଦିନଜନ ଗୁଆଲଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଥିଲା। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପେନସନ ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଆବେଦନ ଉପରେ ମଧ୍ୟ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ଖଗେଶ୍ୱର ସା (ବରଗାଁ ଗ୍ରାମ ପଞ୍ଚାୟତ), ଚୁଡାରାମ ବିହାରୀ (ଗଣ୍ଡାବାହାଲି ଗ୍ରାମ ପଞ୍ଚାୟତ) ଓ ଲଳିତ ତାଣ୍ଡି (ମାଖାପଦର ଗ୍ରାମ ପଞ୍ଚାୟତ)ଙ୍କୁ ସ୍ୱଚ୍ଛତା ଦୂତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିର ଉପଲକ୍ଷେ ଗଣ୍ଡାବାହାଲି ଗ୍ରାମରେ ଜିଲ୍ଲା ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ପଶୁଚିକିତ୍ସା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ବହୁ ସଂଖ୍ୟକ ସାଧାରଣଲୋକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ପିଏମ୍-ଜନମନ ଅଭିଯାନର ସଫଳ ସମାପନ ଏହି ଅବସରରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଓ ଧରତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ (ଡିଏ-ଜିଏଉଏ) କାର୍ଯ୍ୟକ୍ରମର ସଫଳ ସମାପନ ମଧ୍ୟ ଘୋଷଣା କରାଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ଜନଜାତି ଅଧିବାସୀ ଅଞ୍ଚଳରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରାଯାଇଥିଲା।

# ସମ୍ପାଦକୀୟ



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁହଁ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ

ସକାଳ THE SAKALA

## ଓଡ଼ିଶାରେ କେବେ?

ଦେଶର ପ୍ରଥମ ରାଜ୍ୟ ଭାବେ କେରଳ ସରକାର ବୟସ୍କ ବା ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିଛନ୍ତି। ଏହି ବିଭାଗ ବୟସ୍କଙ୍କ ସାମୂହିକ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦେବ। ଭାରତରେ ବୟସ୍କଙ୍କ ସମ୍ପର୍କରେ ୨୦୨୧ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କେରଳରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ୧୬.୫% ଥିବା ବେଳେ ୨୦୩୧ ସୁଦ୍ଧା ୨୦.୯%ରେ ପହଞ୍ଚିବ ବୋଲି ଆକଳନ କରାଯାଇଥିଲା। ଜାତୀୟସ୍ତରରେ ଏହି ହାର ହେଉଛି ୧୩.୧%। ଅନ୍ୟ ରାଜ୍ୟମାନଙ୍କ ତୁଳନାରେ କେରଳରେ ବୟସ୍କଙ୍କ ହାର ଦ୍ରୁତଗତିରେ ବୃଦ୍ଧି ପାଇ 'ବୟସ୍କଙ୍କ ରାଜ୍ୟ' ଭାବେ ଏକ ଅଲୋଡ଼ା ପରିଚୟ ସୃଷ୍ଟି କରବା ସହିତ ଗୁରୁତର ସାମାଜିକ-ଆର୍ଥିକ ସମସ୍ୟା ସୃଷ୍ଟି କରିଛି। ପ୍ରତି ୧୦୦ କର୍ମଠ ଯୁବଶକ୍ତି ଉପରେ ନିର୍ଭରଶୀଳ ବୟସ୍କଙ୍କ ସଂଖ୍ୟା ସେହି ରାଜ୍ୟରେ ୨୦୧୧ରେ ୨୯.୬ ଥିବା ବେଳେ ୨୦୨୧ ବେଳକୁ ୨୬.୧%ରେ ଏବଂ ୨୦୩୧ ସୁଦ୍ଧା ୩୪.୩%ରେ ପହଞ୍ଚିବାର ଅନୁମାନ କରାଯାଇଛି। ଅପରପକ୍ଷରେ ଦେଶାନ୍ତର ପ୍ରବାସୀ କେରଳୀଙ୍କ ସଂଖ୍ୟା ବଢୁଥିବାରୁ ପରିବାରରେ ବୟସ୍କମାନଙ୍କ ଦେଖାଶୁଣା କରିବା ପାଇଁ ମାନବ ସମ୍ବଳ ସଙ୍କଟ ଦେଖାଦେଇଛି। ଏହି ଦୃଷ୍ଟିକୋଣରୁ କେରଳ ସରକାରଙ୍କ ପଦକ୍ଷେପ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର କଥା ଦେଖାଯାଉ। ନିକଟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଓଡ଼ିଶା ମଧ୍ୟ 'ବୟସ୍କଙ୍କ ସମାଜ'(ଏଜିଙ୍ଗ ସୋସାଇଟି) ର ପରିଚୟ ପଥରେ ଦ୍ରୁତ ଗତିଶୀଳ ବୋଲି ଉଲ୍ଲେଖ ରହିଛି। ରାଜ୍ୟରେ ଯୁବଶକ୍ତିଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ନିର୍ଭରଶୀଳ ବୟସ୍କଙ୍କ ହାର ବଢ଼ିବାରେ ଲାଗିଛି। ରାଜ୍ୟରେ ବୟସ୍କଙ୍କ ହାର ଏବେ ମୋଟ ଜନସଂଖ୍ୟାର ୧୩% ରହିଛି, ଯାହା ୨୦୩୧ ସୁଦ୍ଧା ୧୫% ଏବଂ ୨୦୩୬ ସୁଦ୍ଧା ୧୭%ରେ ପହଞ୍ଚିବାକୁ ଯାଉଛି। ଏ ଦୌଡ଼ରେ କେରଳ ତୁଳନାରେ ଓଡ଼ିଶା ମାତ୍ର ଦୁଇପାଦ ପଛରେ ରହିଛି। ଆହୁରି ଚିନ୍ତାଜନକ ହେଲା ଓଡ଼ିଶାରେ ବୟସ୍କ ପୁରୁଷଙ୍କ ତୁଳନାରେ ବୟସ୍କ ମହିଳାଙ୍କ ସଂଖ୍ୟା ଅଧିକ। ତେଣୁ ସାମାଜିକ ଓ ପାରିବାରିକ ନିର୍ଭରଶୀଳତାର ଚିତ୍ର ମଧ୍ୟ ଉଦ୍‌ବେଗଜନକ। ଯୁବଶକ୍ତି ଉପରେ କେବଳ ପରିବାର ନୁହେଁ, ଅର୍ଥନୀତି ମଧ୍ୟ ଅନେକ ମାତ୍ରାରେ ନିର୍ଭରଶୀଳ। ସମ୍ପ୍ରତି ଓଡ଼ିଶାର କର୍ମଶୀଳ ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୬୫% ରହିଥିବାରୁ ଆଉ ମାତ୍ର କିଛିବର୍ଷ ପରେ ସେମାନେ ବାର୍ଦ୍ଧକ୍ୟର ପ୍ରଥମ ସୋପାନରେ ଉପନୀତ ହେବେ। ଅର୍ଥାତ୍ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶହେବର୍ଷ ପୂର୍ତ୍ତି ପାଳନ ବେଳକୁ ଓଡ଼ିଶା ବିଶ୍ୱବ୍ୟାଙ୍କର ବାର୍ଦ୍ଧକ୍ୟ ରାଜ୍ୟ ତାଲିକାରେ ସାମିଲ୍ ହୋଇସାରିଥିବ।

ଏହି ପୃଷ୍ଠଭୂମିରେ ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟି କ'ଣ ରହିଛି ସେ ପ୍ରଶ୍ନ ଅନେକ ମହତ୍ତ୍ୱ ରଖେ। ପୂର୍ବ ସରକାର ଅମଳରେ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଓ ନିରାପତ୍ତା ପାଇଁ ପ୍ରତି ଥାନାରେ ବରିଷ୍ଠ ନାଗରିକ ପ୍ରକୋଷ୍ଠ ଖୋଲାଯାଇଥିଲା। କିନ୍ତୁ ଆଜିର ଦିନରେ ସେଗୁଡ଼ିକ କେତେ କାର୍ଯ୍ୟକ୍ଷମ ରହିଛି ଏବଂ ସେଠାରେ ବରିଷ୍ଠ ନାଗରିକଙ୍କୁ କି ପ୍ରକାର ସୁବିଧା ଓ ସହାୟତା ମିଳୁଛି ତାହା ଭୁକ୍ତଭୋଗୀ ହିଁ କହିପାରିବେ। ଅନେକ ବରିଷ୍ଠ ନାଗରିକଙ୍କ ଅଭିଯୋଗ ଅନୁଯାୟୀ ନାମକୁ ମାତ୍ର ବରିଷ୍ଠ ନାଗରିକ ପ୍ରକୋଷ୍ଠ ପ୍ରତିଷ୍ଠା ହୋଇଛି ଏବଂ ସେଗୁଡ଼ିକର ବାସ୍ତବତା କେବଳ ପ୍ରଚାର ପ୍ରସାରରେ ସୀମିତ ରହିଛି। ଯେଉଁଠି ବରିଷ୍ଠ ନାଗରିକ ସେବାର ଉପସ୍ଥିତି ସହରବାସୀ ଏପରିକି ଦ୍ୱୈତନଗର ବାସୀ ଉପଲବ୍ଧ କରିପାରୁନାହାନ୍ତି; ଗାଁ ଓ ଦୁର୍ଗମ ଅଞ୍ଚଳ କଥା ନ କହିବା ଭଲ। ଏଥିପାଇଁ କେବଳ ପୁଲିସ୍‌କୁ ଦାୟୀ କଲେ ହେବ ନାହିଁ। ଭିଆଇପି/ଭିଭିଆଇପିଙ୍କ ସେବା ଓ ସୁରକ୍ଷାରେ ସୀମିତ ମାନବ ସମ୍ବଳ ବିଶିଷ୍ଟ ପୁଲିସ୍ ପ୍ରଶାସନକୁ ସମର୍ପିତ ରହିବାକୁ ବିବଶ କରୁଥିବାରୁ ବରିଷ୍ଠ ନାଗରିକଙ୍କ କଥା ବୁଝିବ ବା କିଏ? ଆହୁରି କେତେକ ବରିଷ୍ଠ ପୁଲିସ ପଦାଧିକାରୀଙ୍କ ସୂଚନା ଅନୁଯାୟୀ କେତେକ ଅଞ୍ଚଳରେ ବରିଷ୍ଠ ନାଗରିକମାନେ ଅତି ମାମୁଲି କଥାରେ ପୁଲିସ୍ ଠାରୁ ଅଧିକ ସେବା ଆଶା କରିବସୁଛନ୍ତି, ଯାହା ସବୁବେଳେ ପୂରଣ କରିବା ସମ୍ଭବ ହେଉନାହିଁ।

ତେବେ କେରଳ ସରକାରଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଶା ମଧ୍ୟ ଏଥିପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିଲେ ଭୁଲ୍ ହେବ ନାହିଁ। ଏହାଦ୍ୱାରା ପୁଲିସ୍ ଉପରେ ରହୁଥିବା ଚାପ ଓ ଦାୟିତ୍ୱ ବିଭିନ୍ନ କ୍ଷେତ୍ରକୁ ହସ୍ତାନ୍ତର ହୋଇପାରିବ। ସ୍ୱାସ୍ଥ୍ୟ, ଆଇନ, ଆର୍ଥିକ ଓ ଅର୍ଦ୍ଧନ୍ୟାୟିକ ସେବା ଆଦି କ୍ଷେତ୍ରରେ ଏହି ବିଭାଗ ନିଃସହାୟ ବରିଷ୍ଠ ଓ ବୟସ୍କ ନାଗରିକଙ୍କ ପାଇଁ ନିଶ୍ଚୟ ବରଦାନ ସାବ୍ୟସ୍ତ ହେବ। ୨୦୨୫ରେ କେରଳ ସରକାର 'ରାଜ୍ୟ ବୟସ୍କ ଆୟୋଗ' ଗଠନ କରିଥିଲେ, ଯାହା ଦ୍ୱାରା ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୭୫% ଅର୍ଦ୍ଧନ୍ୟାୟିକ ଓ ସାମାଜିକ ସେବା କ୍ଷେତ୍ରରେ ଉପକୃତ ହୋଇଥିଲେ। ଏହାଛଡ଼ା ସେଠାରେ 'ବୟୋମିତ୍ରମ୍' ନାମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ସୁବିଧା ଏବଂ 'ସମୟପ୍ରଭା' ନାମରେ ଡେ କେୟାର(ସ୍ୱାସ୍ଥ୍ୟ ଯତ୍ନସେବା) ସୁବିଧା ପ୍ରଚଳିତ ଅଛି। 'ଡିଜିଟାଲ୍ ୟୁନିଭର୍ସିଟି ଅଫ୍ କେରଳ'ର ସହଯୋଗିତାରେ 'କେରଳ କେୟାର ପାଲିଆଟିଭ୍ ଗ୍ରୀଡ୍(ଯନ୍ତ୍ରଣା ଉପଶମକାରୀ ସେବା ସଂସ୍ଥା) ଗଠନ ହୋଇଛି, ଯାହା ଅଧୀନରେ ୧, ୩୮୭ ସରକାରୀ ଓ ୧୨୨୭ ଏନ୍‌ଜିଓ କାର୍ଯ୍ୟରତ। ଏହି ସଂସ୍ଥା ଦ୍ୱାରା ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଶଯ୍ୟାଶାୟୀ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ରୋଗାକ୍ରାନ୍ତ ବୟସ୍କ ଚିକିତ୍ସିତ ହେଉଛନ୍ତି। ଏଥିସହିତ ସେଠାରେ ସମର୍ପିତ ୧୨୦ ଜଣ ଜେରିଆଟ୍ରିସିଆନ୍ (ବାର୍ଦ୍ଧକ୍ୟରୋଗ ବିଶେଷଜ୍ଞ), ୬୦୦ ନର୍ସ, ୪୦୦ ଫିଜିଓଥେରାପିଷ୍ଟ, ୫୦ ଜଣ ଅକ୍ୟୁପେସନାଲ୍ ଥେରାପିଷ୍ଟ ନିଯୁକ୍ତ ଅଛନ୍ତି। ଏହି ପରିସଂଖ୍ୟାନ ସହିତ ଓଡ଼ିଶାକୁ ତୁଳନା କଲେ ସ୍ଥିତି କେତେ ନୈରାଶ୍ୟଜନକ ତାହା ଅନୁମେୟ।

ତେଣୁ ବେଳ ହୁଁ ଏ ଦିଗରେ ଓଡ଼ିଶା ସରକାର ଦୃଷ୍ଟି ଦେବା ବିଧେୟ। ଯେଉଁ ବୁଢ଼ାବୁଢ଼ୀମାନେ ଏକୁଟିଆ ରହୁଥିବେ ସେମାନଙ୍କ ପାଖରେ କିପରି ସ୍ୱାସ୍ଥ୍ୟ ସେବା ସୁବିଧାରେ ଓ କମ୍ ସମୟ ମଧ୍ୟରେ ପହଞ୍ଚାଇ ଦିଆଯାଇପାରିବ ଏବଂ ଜରୁରିକାଳୀନ ଚିକିତ୍ସାସେବାରୁ ଆରମ୍ଭ କରି ଦୀର୍ଘକାଳୀନ ଓ ଦୁରାରୋଗ ବ୍ୟାଧିର ଚିକିତ୍ସା ସୁନିଶ୍ଚିତ କରାଯାଇପାରିବ ସେ ଦିଗରେ ସରକାର ଗୁରୁତ୍ୱର ସହିତ ଚିନ୍ତା କରିବା ଆବଶ୍ୟକ ବୋଲି ନିତି ଆୟୋଗ ପରାମର୍ଶ ଦେଇଛନ୍ତି। ଏ ଦୃଷ୍ଟିରୁ ନବଗଠିତ କେରଳ ସରକାରଙ୍କ ଉଦ୍‌ଯୋଗ ଧନ୍ୟବାଦାର୍ହ।

# ଖର୍ଚ୍ଚକାଟ ପରାମର୍ଶ ଅନ୍ତରାଳେ

କିଶୋର ଜେନା

ଯେତେବେଳେ କୌଣସି ଦେଶର ସରକାର ନାଗରିକମାନଙ୍କ ଉଦ୍ଦେଶ୍ୟରେ କୁହନ୍ତି 'ତେଲ କମ୍ ବ୍ୟବହାର କରନ୍ତୁ, 'ଅନାବଶ୍ୟକ ବିଦେଶ ଭ୍ରମଣ ଏଡ଼ାଇ ଯାଆନ୍ତୁ', 'ବର୍ଷକ ପାଇଁ ସୁନା କିଣନ୍ତୁ ନାହିଁ', 'ସାରର ବ୍ୟବହାର ଅର୍ଦ୍ଧେକ କରନ୍ତୁ', 'ଘରୁ କାମ କରନ୍ତୁ'- ସେତେବେଳେ ତାହା କେବଳ ନିଛକ ଉପଦେଶ ନୁହେଁ। ଏହା ଅସଲରେ ଦେଶର ଅର୍ଥନୈତିକ ଅବସ୍ଥାର ଗଭୀର ସଙ୍କଟକୁ ପ୍ରକାଶ କରେ। 'ସ୍ୱେଚ୍ଛାରେ କୃଚ୍ଛ୍ର ସାଧନା'ର ଆହ୍ୱାନକୁ କେବଳ ମାତ୍ର ଦେଶପ୍ରେମର ଆବେଦନ ରୂପେ ଦେଖିଲେ ଭୁଲ୍ ହେବ। ଏହା ଭିତରେ ଲୁକ୍କାୟିତ ରହିଛି ଭାରତର ବୈଦେଶିକ ମୁଦ୍ରାର ଚାପ, ଇନ୍ଧନର ଆମଦାନୀ ନିର୍ଭରଶୀଳତା, ଉଚ୍ଚ ମୁଦ୍ରାସ୍ଫୀତି, ଦୁର୍ବଳ କର୍ମସଂସ୍ଥାନ, ବ୍ୟର୍ଥତା ଜନିତ ସଙ୍କଟ ଇତ୍ୟାଦି। ଏହାର ଦାୟ ସାଧାରଣ ଜନତାଙ୍କ ଉପରେ ଚାପି ଦେଇ କର୍ପୋରେଟ୍ ମୁନାଫା, ଅନାବଶ୍ୟକ ସରକାରୀ ବ୍ୟୟ ବା ନୀତିଗତ ଭୁଲ୍ ନେଇ ସରକାର ନିରବ।

ଭାରତ ପୃଥିବୀର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଦେଶ। ଅଣପରିଶୋଧିତ ତୈଳର ପ୍ରାୟ ୮୮-୯୦ ପ୍ରତିଶତ ବିଦେଶରୁ ଆମଦାନୀ ହୁଏ। ୨୦୨୪-୨୫ ଆର୍ଥିକବର୍ଷରେ ଭାରତର ଦୈନିକ ତୈଳ ଚାହିଦା ଥିଲା ୫୫ଲକ୍ଷ ବ୍ୟାରେଲ। ଯଦି ୧ ବ୍ୟାରେଲ ୭୦ ଡଲାରରୁ ୧୦୫-୧୧୦ ଆମେରିକା ଡଲାରରେ ପହଞ୍ଚିଯାଏ, ତେବେ ଭାରତର ଆମଦାନୀ ବାବଦ ଖର୍ଚ୍ଚ କେଇ ହଜାର କୋଟି ଡଲାର ବଢ଼ିଯିବ। ମୂଳ ସମସ୍ୟା ହେଲା ତେଲ ଡଲାରରେ କିଣାଯାଏ। ଫଳରେ ତେଲର ମୂଲ୍ୟ ବଢ଼ିବା ଅର୍ଥ ବିଶାଳ ଆମଦାନୀ ବ୍ୟୟ, ଟଙ୍କାର ବ୍ୟାପକ ଅବମୂଲ୍ୟାୟନ, ବୈଦେଶିକ ଋଣର ଚାପ, ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ମଧ୍ୟ ସିଧାସଳଖ ଚାପ। ଅଥଚ ରୁଷିଆରୁ ଭାରତ ତେଲର ମୂଲ୍ୟ ମେଣ୍ଟାଇବା ପାଇଁ ସଂଯୁକ୍ତ ଆରବ ଏମିରେଟ୍‌ର ଦିରହାମ୍, ଚାଇନା-ୟୁୟାନ ଏବଂ କ୍ଷେତ୍ର ବିଶେଷରେ ଭାରତୀୟ ଟଙ୍କା ମଧ୍ୟ ବ୍ୟବହାର କରିଆସିଛି। ୨୦୧୨ରୁ ଭାରତ ଓ ଇରାନ ଏକ ବ୍ୟବସ୍ଥା ପ୍ରଚଳନ କରି ଯେଉଁଠି ତେଲ ମୂଲ୍ୟର ପ୍ରାୟ ୪୫ ପ୍ରତିଶତ ଭାରତୀୟ ମୁଦ୍ରାରେ ଆମଦାନୀ କରାଯାଉଥିଲା। କିନ୍ତୁ ଡୋନାଲ୍ଡ ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବା ପାଇଁ ଭାରତ ସରକାର 'ସ୍ୱତନ୍ତ୍ର ଚୁକ୍ତି' କରି ସେହିସବୁ ସୁବିଧା ସୁଯୋଗର ବଳି ଦେଇଛନ୍ତି। ଭାରତର ପରିବହନର ମେରୁଦଣ୍ଡ ହେଲା ଡିଜେଲ। ଡିଜେଲ ମୂଲ୍ୟ ବଢ଼ିଲେ କୃଷିରେ ସେଚ ଖର୍ଚ୍ଚ ବଢ଼େ, ଟ୍ରକ ଭଡ଼ା ବଢ଼େ, ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼େ, ବସ୍‌ଭଡ଼ା ବଢ଼େ, ନିର୍ମାଣ ଖର୍ଚ୍ଚ ବଢ଼େ। ଅର୍ଥାତ୍ ଇନ୍ଧନର ମୂଲ୍ୟ ବୃଦ୍ଧି ଶେଷ ପର୍ଯ୍ୟନ୍ତ ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଜୀବନଯାତ୍ରାର ମାନ କମାଇଦିଏ।

ଜଣେ ମଧ୍ୟବିତ୍ତ ହୁଏତ ନିଜର ମୋଟର ଗାଡ଼ି ବ୍ୟବହାର କମ୍ କରିପାରେ। କିନ୍ତୁ ସେ ବଜାରରୁ କମ୍ ମୂଲ୍ୟରେ ଖାଦ୍ୟଦ୍ରବ୍ୟ କିଣିପରିବ ନାହିଁ। କାରଣ ଦରବୃଦ୍ଧି ତା'ର ନିୟନ୍ତ୍ରଣରେ ନାହିଁ। ଏଠାରେ ସବୁଠାରୁ ବଡ଼ ବୈପରୀତ୍ୟ ହେଉଛି- ଆନ୍ତର୍ଜାତିକ ବଜାରରେ ତେଲର ମୂଲ୍ୟ କମିଲେ ମଧ୍ୟ ଭାରତ ସରକାର ଶୁଳ୍କ ବଢ଼ାଇ ତେଲର ମୂଲ୍ୟ କମିବାକୁ ଦେଇନାହାନ୍ତି। ୨୦୧୪ ପରଠାରୁ ସାରା ବିଶ୍ୱ ବଜାରରେ ତେଲର ମୂଲ୍ୟ ଐତିହାସିକ ପତନ ଘଟି ବ୍ୟାରେଲ ପିଛା ୨୦-୪୦ ଡଲାର ହୋଇଥିଲା। କିନ୍ତୁ ସେତେବେଳେ ପେଟ୍ରୋଲ, ଡିଜେଲ ଦାମ ଭାରତରେ କମି ନ ଥିଲା। କାରଣ କେନ୍ଦ୍ର ସରକାର ବାରମ୍ବାର ଶୁଳ୍କ ବଢ଼ାଇ ନିଜର ଭଣ୍ଡାର ଭର୍ତ୍ତି କରିବାକୁ ଅଗ୍ରାଧିକାର ଦେଇଥିଲେ। ସରକାର ଇନ୍ଧନରୁ କର ବାବଦକୁ ୩୦ଲକ୍ଷ କୋଟି ଟଙ୍କାରୁ ବେଶି ରାଜସ୍ୱ ସଂଗ୍ରହ କରୁଛନ୍ତି। ଏହି ପରିସ୍ଥିତିରେ ଜନଗଣଙ୍କୁ ସ୍ୱେଚ୍ଛାରେ 'କୃଚ୍ଛ୍ର ସାଧନ' ଶିଖାଇବା ପ୍ରକୃତରେ ଅର୍ଥନୈତିକ ପ୍ରୟୋଜନ ନୁହେଁ, ସରକାରଙ୍କ ଦାୟ ଏଡ଼ାଇବାର ପ୍ରଚେଷ୍ଟା ମାତ୍ର।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ୱର୍ଣ୍ଣ ଆମଦାନୀକାରୀ ଦେଶ। ପ୍ରତିବର୍ଷ ୭୦୦ରୁ ୮୦୦ ଟନ ପର୍ଯ୍ୟନ୍ତ ସୁନା ଆମଦାନୀ କରେ। ଫଳରେ ବିପୁଳ ପରିମାଣର ବୈଦେଶିକ ମୁଦ୍ରା ବ୍ୟୟ ହୁଏ। କିନ୍ତୁ ଭାରତରେ ସୁନା କ୍ରୟର ବାସ୍ତବତା କେବଳମାତ୍ର ବିଳାସ ନୁହେଁ। ଏହା ବହୁ ପରିବାରର ଶେଷ ସମ୍ବଳ। ଭାରତର ଗ୍ରାମୀଣ ଏବଂ ନିମ୍ନ-ମଧ୍ୟବିତ୍ତ ପରିବାରରେ ସୁନା ହେଉଛି ଅଣ ଆନୁଷ୍ଠାନିକ ଆର୍ଥିକ ସୁରକ୍ଷା। ବ୍ୟାଙ୍କରେ ଟଙ୍କା ରଖିଲେ ସୁଧର ହାର କମ୍। କିନ୍ତୁ ସୁନାର ମୂଲ୍ୟ ସାଧାରଣତଃ ଦୀର୍ଘମିଆଦରେ ବଢ଼ିଥାଏ। 'ବିଶ୍ୱ ସ୍ୱର୍ଣ୍ଣ ପରିଷଦ'ର ତଥ୍ୟ ଅନୁସାରେ ଭାରତରେ ପ୍ରାୟ ୨୫ ହଜାର ଟନ୍‌ରୁ ବେଶି ସୁନା ବ୍ୟକ୍ତିଗତଙ୍କ ହାତରେ ରହିଛି। ଏହି ସୁନା ବହୁ ପରିବାରକୁ ଚିକିତ୍ସା, ବିବାହ, ଫସଲ ନଷ୍ଟ ହେଲେ ଋଣ ପରିଶୋଧରେ ବା କର୍ମଚ୍ୟୁତ ହେବା ସମୟରେ ବଞ୍ଚାଇଥାଏ। ପ୍ରଶ୍ନ ହେଉଛି ଯଦି ସୁନା କିଣା ନ ଯାଏ, ତା'ହେଲେ ବିକଳ୍ପ ନିରାପତ୍ତା କ'ଣ? ବ୍ୟାଙ୍କ ଜମାରେ ସୁଧର ହାର କ୍ରମାଗତ କମିବାରେ ଲାଗିଛି। ସେୟାର ବଜାର ଅସ୍ଥିର। କର୍ମସଂସ୍ଥାନ ଅନିଶ୍ଚିତ। ତା'ହେଲେ ସାଧାରଣ ଜନତା କ'ଣ କରିବେ? ସୁନା ନ କିଣିବା ପାଇଁ କହିବା ଅର୍ଥ କେବଳ ଆମଦାନୀ କମାଇବାର ଆହ୍ୱାନ ନୁହେଁ। ଏହା ଲୋକଙ୍କର ଆର୍ଥିକ ଆତ୍ମରକ୍ଷାର ଏକ ଦୀର୍ଘ ଲାଳିତପଦ୍ଧତିକୁ ଦୁର୍ବଳ କରିବାର ପ୍ରଚେଷ୍ଟା।

ଏବେ କୃଷି ବିଷୟକୁ ବିଚାରକୁ ନେବା। ଭାରତରେ ପ୍ରତିବର୍ଷ ପ୍ରାୟ ୧.୫ ଲକ୍ଷରୁ ୨ଲକ୍ଷ କୋଟି ଟଙ୍କାର ରିହାତି ସାର ବାବଦରେ ଦିଆଯାଏ। ରାସାୟନିକ ସାରର କଞ୍ଚାମାଲର ଏକ ବଡ଼ ଅଂଶ ବିଦେଶରୁ ଆମଦାନୀ ହୁଏ। ଏହାର ବଡ଼ କାରଣ ବିଗତ ତିନି ଦଶନ୍ଧି ଧରି ଦେଶର ସାର କାରଖାନାଗୁଡ଼ିକୁ ବନ୍ଦ କରି ଆମଦାନୀ ନିର୍ଭର ଅର୍ଥନୀତି ଗଢ଼ାଯାଇଛି। ଫଳରେ ସରକାର ଚାହାନ୍ତି 'ସାର ବ୍ୟବହାର କମୁ'। କିନ୍ତୁ ୫୦ ପ୍ରତିଶତ ସାର କମାଇ ପ୍ରାକୃତିକ ଚାଷକୁ ଫେରିଯିବା କ'ଣ ବାସ୍ତବ ସମ୍ଭବ? ଏଠାରେ ଶ୍ରୀଲଙ୍କାର ଉଦାହରଣ ପ୍ରାସଙ୍ଗିକ। ୨୦୨୧ରେ ଶ୍ରୀଲଙ୍କା ହଠାତ୍ ରାସାୟନିକ ସାର ନିଷିଦ୍ଧ କରି ସମ୍ପୂର୍ଣ୍ଣ ଜୈବଚାଷକୁ ଯିବାକୁ ଚେଷ୍ଟା କରିଥିଲା। ଫଳ ଭୟଙ୍କର ହେଲା। ଧାନ ଉତ୍ପାଦନ କମିଗଲା, ଖାଦ୍ୟ ଆମଦାନୀ ବଢ଼ିଗଲା। ଦରଦାମ୍ ବୃଦ୍ଧି ପାଇଲା ଏବଂ ଶେଷ ପର୍ଯ୍ୟନ୍ତ ଅର୍ଥନୈତିକ ଓ ରାଜନୈତିକ ସଙ୍କଟ ତୀବ୍ର ହୋଇଉଠିଲା। ଭାରତ ପରି ଦେଶରେ ଯଦି ଖାଦ୍ୟ ଉତ୍ପାଦନ କମିଯାଏ, ତା'ହେଲେ ଚାଉଳ, ଗହମ, ଡାଲି, ପନିପରିବା ପ୍ରଭୃତି ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼ିଯିବ। ଯଦିଓ ସ୍ୱାସ୍ଥ୍ୟ ଓ ପରିବେଶ ଦୃଷ୍ଟିରୁ ଦୀର୍ଘ ମିଆଦରେ କୃଷିରେ ଜୈବ ସାରର ବ୍ୟବହାର ଆବଶ୍ୟକ; କିନ୍ତୁ ବୈଜ୍ଞାନିକ ପରିକଳ୍ପନା ବିନା ପ୍ରାକୃତିକ ଜୈବ ଚାଷକୁ ଲଦିଦେବା ବିପଜ୍ଜନକ।

ଅର୍ଥନୀତିର ଏକ ମୌଳିକ ସତ୍ୟ ହେଲା- 'ଜଣଙ୍କର ବ୍ୟୟଆଉ ଜଣଙ୍କର ଆୟ'। ସମସ୍ତେ ଯଦି ଏକା ସାଙ୍ଗରେ ସଞ୍ଚୟ ବଢ଼ାଇବେ ଓ ଖର୍ଚ୍ଚ କମାଇବେ, ତା'ହେଲେ ବଜାରରେ ଚାହିଦା କମିଯିବ। ଚାହିଦା କମିଲେ ଉତ୍ପାଦନ କମିବ। ଉତ୍ପାଦନ କମିଲେ କର୍ମସଂସ୍ଥାନ କମିବ, ଆଉ କର୍ମସଂସ୍ଥାନ କମିଲେ ଅର୍ଥନୀତି ଆହୁରି ଦୁର୍ବଳ ହୋଇଯିବ। ଭାରତରେ ବେକାରୀ ଏକ ବଡ଼ ସମସ୍ୟା। ସିଏମ୍‌ଆଇଇର ତଥ୍ୟ ଅନୁସାରେ ବେକାରତ୍ୱ ୨୦ ପ୍ରତିଶତ ଉପରେ। ସହରରେ ମଧ୍ୟବିତ୍ତଙ୍କର ପ୍ରକୃତ ଆୟ ବଢୁ ନାହିଁ। ଏହି ପରିସ୍ଥିତିରେ ସରକାର ନିଜେ ଯେତେବେଳେ ଜନଗଣଙ୍କୁ ଖର୍ଚ୍ଚ କମାଇବାକୁ କୁହନ୍ତି, ଫଳ ହେବ ବଜାରରେ ଚାହିଦା ଆହୁରି ସଙ୍କୁଚିତ ହେବ। ଚାହିଦା କମିଲେ ସର୍ବପ୍ରଥମେ କ୍ଷତିଗ୍ରସ୍ତ ହେବେ ବ୍ୟବସାୟୀ, କ୍ଷୁଦ୍ର କାରଖାନା, ସ୍ଥାନୀୟ ବ୍ୟବସାୟୀ ଓ ଅସ୍ଥାୟୀ ଶ୍ରମିକମାନେ।

ଗୋଟିଏ ଶବ୍ଦବନ୍ଧ ଏବେ ଖୁବ୍ ଶୁଣାଯାଏ, 'ଭୋକାଲ ଫର୍ ଲୋକାଲ'। କଥାଟି ଶୁଣିବାକୁ ବେଶ୍ ଭଲ। କିନ୍ତୁ ଆଜିକାର ଅର୍ଥନୀତି ଓ ବ୍ୟବସାୟ ବାଣିଜ୍ୟ ବିଶ୍ୱବ୍ୟାପୀ ସରବରାହ ଶୃଙ୍ଖଳ ଉପରେ ଛିଡ଼ା ହୋଇଛି। ଆମ ଦେଶରେ ବ୍ୟବହୃତ 'ମେଡ ଇନ୍ ଇଣ୍ଡିଆ' ସ୍ମାର୍ଟଫୋନର ଚିପ୍ ତାଇୱାନରୁ ଆସେ, ଡିସ୍‌ପ୍ଲେ ଦକ୍ଷିଣକୋରିଆରୁ ଆସେ, ଅଧିକାଂଶ ଯନ୍ତ୍ରାଂଶ ଚାଇନାରୁ ଆସେ। ବ୍ୟାଟେରିର କଞ୍ଚାମାଲ ଆଫ୍ରିକା ବା ଦକ୍ଷିଣଆମେରିକାରୁ ଆସେ। ଶେଷକଥା ହେଉଛି ଦାୟଭାର କେବଳ ଜନସାଧାରଣଙ୍କର ହେବ କାହିଁକି? ଗତ ଦଶକରେ ବିକଳ୍ପ ଇନ୍ଧନ, ଗଣପରିବହନ, ଶକ୍ତି ଦକ୍ଷତା ଏବଂ ସ୍ଥାନୀୟ ଉତ୍ପାଦନ ବୃଦ୍ଧିର ଦୀର୍ଘମିଆଦୀ ପରିକଳ୍ପନା କାହିଁକି ନିଆଯାଇ ନାହିଁ? ଇଥାନଲର ବ୍ୟବହାର, ସୌରଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ ସମ୍ପର୍କରେ ଏବେ ଭାରତରେ ଭାରି ଜୋରରେ କୁହାଯାଉଛି। ଠିକ୍ କଥା। କିନ୍ତୁ ବାସ୍ତବରେ ଅଗ୍ରଗତି ଏବେ ମଧ୍ୟ ସୀମିତ। ଡଲାର ବଞ୍ଚାଇବା ପାଇଁ ଜନଗଣଙ୍କୁ ଖର୍ଚ୍ଚ କମାଇବା ଲାଗି କହିବା ହୁଏତ ପ୍ରଶାସନିକ ଭାବେ ସହଜ। କିନ୍ତୁ ଏହା କୌଣସି ଅର୍ଥନୈତିକ ସମାଧାନ ନୁହେଁ। ଏକ ଶକ୍ତିଶାଳୀ ଅର୍ଥନୀତି ଗଢ଼ିଉଠିବ ଆତ୍ମନିର୍ଭର, ନିର୍ଭରଯୋଗ୍ୟ ଗଣପରିବହନ, ଶକ୍ତି କ୍ଷେତ୍ରର ବୃଦ୍ଧି, କର୍ମସଂସ୍ଥାନ ବୃଦ୍ଧି, ନୀତିଗତ ସ୍ୱଚ୍ଛତା ଇତ୍ୟାଦି ମାଧ୍ୟମରେ। ସର୍ବଶେଷରେ ପ୍ରଶ୍ନଟି ଅର୍ଥନୈତିକ ଯେତେ ରାଜନୈତିକ ସେତେ। ସରକାରଙ୍କର କାର୍ଯ୍ୟ କ'ଣ? ଜୀବନଯାତ୍ରାର ମାନ ଉନ୍ନତ କରିବା ନା ଜୀବନଯାତ୍ରାର ମାନକୁ ନିମ୍ନକୁ ନେଇଯିବା?

କଟକ, ମୋ: ୯୪୩୭୩୮୪୮୬୭

# ଛୋଟ ଦୁନିଆର ଉଚ୍ଚାଭିଳାଷ

ଜେହେରା ଜବୀନ୍

ଛୋଟପିଲା ଯେତେବେଳେ କଥା କହି ଶିଖେ, ତା' ଭିତରେ ଅଙ୍କୁରିତ ହୁଏ ଭାଷା ଓ ଅନୁଭୂତିକୁ ବର୍ଣ୍ଣନା କରିବାର କ୍ଷମତା। ଭାଷା ଦ୍ୱାରା ହିଁ ଶିକ୍ଷା ଓ ସାହିତ୍ୟର ଜନ୍ମ। ଶିକ୍ଷା ଆଉ ସାହିତ୍ୟକୁ ଯୋଡ଼େ ଶିଶୁସାହିତ୍ୟ। ସେଥିରେ ଲୁଚିଥାଏ ଜୀବନର ପ୍ରଥମ ଅଙ୍କୁରିତ ଚେତନା ଓ ନୈତିକତାବୋଧ। ଶିଶୁମନର ଜିଜ୍ଞାସା ପରିଚୟ ଖୋଜିଲା ବେଳେ ତା'ର ଭେଟ ହୁଏ ନୀତି ଓ ସଙ୍ଗୀତ ସାଙ୍ଗରେ। ଏହି ମିଳନକୁ 'ଶିଶୁସାହିତ୍ୟ' ଆଖ୍ୟା ଦିଆଯାଇପାରେ। ଏଠି ପୂରା ସମ୍ପ୍ରଦାୟର ସଂସ୍କାର, ମୂଲ୍ୟବୋଧ ଓ କଳ୍ପନାଶକ୍ତିର ଆଭାସ ମିଳେ।

ଓଡ଼ିଆ ଶିଶୁସାହିତ୍ୟରେ ପ୍ରଥମ ହସ୍ତକ୍ଷେପ ଗଳ୍ପର ନୁହେଁ କି ଗୀତର ନୁହେଁ। ଏହା ଥିଲା ୧୮୯୫ରେ ଭକ୍ତକବି ମଧୁସୂଦନ ରାଓଙ୍କ ଚିରପରିଚିତ 'ବର୍ଣ୍ଣବୋଧ'ର ନୀତିଶିକ୍ଷା। 'ବର୍ଣ୍ଣବୋଧ' ନଥିଲା କେବଳ ଅକ୍ଷର ଶିଖିବା ପାଇଁ ପୁସ୍ତକଟିଏ। ଏହା ଥିଲା ଓଡ଼ିଶାରେ ଶିଶୁସାହିତ୍ୟର ପ୍ରଥମ ପାଦ। ଦେଇଥିଲା ବହୁମାତ୍ରାରେ ଆଚରଣ ଓ ନୀତିଜ୍ଞାନ। ସେଥିରେ ଥିଲା ଛୋଟ ଛୋଟ ପଦ, ଯାହାର ଥିଲା ମହାନ୍ ଅର୍ଥ। କିଏ ଭୁଲିପାରେ - **'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନ କର ଆଉ।'** 'ବର୍ଣ୍ଣବୋଧ'ର ସକାଳ ଓ ସନ୍ଧ୍ୟା ବର୍ଣ୍ଣନାକୁ କିଏ ମୁକାବିଲା କରିପାରେ! ସରଳ ଶବ୍ଦରେ ଦିଏ ସେ ଗଭୀରଶିକ୍ଷା। ମଧୁସୂଦନ ରାଓଙ୍କ ଉଦ୍ଦେଶ୍ୟ ନଥିଲା ଶିକ୍ଷା ପ୍ରଚାର। ସେ ଚାହିଁଥିଲେ ମଣିଷର ମନୁଷ୍ୟତା ଗଢ଼ିବାକୁ।

ସମୟ ସହିତ ତାଳ ମିଶାଇ ଶିଶୁସାହିତ୍ୟ ଉଡ଼ିଚାଲିଲା ସ୍ୱପ୍ନ ଓ ଭାବନାର ଜଗତକୁ। ଲୋକକଥା, ଗୀତ, ପଶୁପକ୍ଷୀ, ଫୁଲପତ୍ର ସବୁ ଲେଖନୀ ଦ୍ୱାରା ଶିଶୁ ମନରେ ପ୍ରବେଶ କଲେ। ଶିଶୁମନ ଅଗଣା ପାଲଟିଲା। ଅନେକ ଲେଖକ ବୁଝିଲେ ଶିଶୁ ମନ ଏବଂ ଆଣିଲେ ଅନୁଭବ ଓ ଆଶ୍ଚର୍ଯ୍ୟର ଅଭିବ୍ୟକ୍ତି। ଏହି ମୂଳଶାନ୍ତ ବିପ୍ଳବ ମଧ୍ୟରେ ଜନ୍ମନେଲେ ବୀରକିଶୋର ପାଢ଼ୀ - ଜଣେ ଶିକ୍ଷକ, କବି ଓ ସାହିତ୍ୟ ଏକାଡେମୀ ସମ୍ମାନିତ ଲେଖକ। ତାଙ୍କ ଲେଖା, କବିତା ଓ ନାଟକ ଗାଁ ଲୋକ ଓ ଶିଶୁମାନଙ୍କ ଜୀବନକୁ ଆଲୋକିତ କରିଥିଲା। ସେ ଗଢ଼ିଥିଲେ ସହିଷ୍ଣୁତା, ମାନବିକତା, ଏକତାର ପ୍ରଗତିପଥର ଏକ ନୂଆ ସଂସାର। ତାଙ୍କ କଠୋର ଶୃଙ୍ଖଳାରେ ଲୁଚି ରହିଥିଲା ଅମାପ ପ୍ରେମ। ଗାଁ ଲୋକ ଏବେ ମଧ୍ୟ ଖୋଜନ୍ତି ତାଙ୍କ ସରଳତା ଓ ସହଜତା। ତାଙ୍କ ରଚନାରେ ପ୍ରକୃତି ଓ ମନୁଷ୍ୟ ନିଜ ବାର୍ତ୍ତା ନିଜେ ଦେଲା ବେଳେ ହୁଏ ସାଧାରଣ ଓ ମହାନତାର ଜୀବନ୍ତଗୀତ। ତାଙ୍କ 'କୁନୁମୁନି' କବିତା ବହିରେ ଛପିଥିବା କବିତା 'ଭାଇ ଭଉଣୀ' ରେ ଗୋଲାପ ଓ ତା'ର ଭାଇ ଖଜୁରୀ ଗଛ ମଧ୍ୟରେ ଚିଠିଲେଖି କଥା କହୁଛନ୍ତି। ଗୋଲାପ ଆଡ଼ମ୍ବରରେ ପରିପୂର୍ଣ୍ଣ। ଖଜୁରୀ ମରୁଭୂମି ମାଟିରେ ପ୍ରତିଷ୍ଠିତ। ଖଜୁରୀ କହୁଛି - **'ଖରାରେ ଖଇଫୁଟା ବାଲିକୁ ଡେଇଁ, ବାଟୋଇ ଯେତେବେଳେ ଆସଇ ଧାଇଁ / ଏଇ ମୋ ଗଛତଳେ ଆରାମ ନିଏ, ପତର ହଲାଇ ମୁଁ ପବନ ଦିଏ/ ଏପରି ବଡ଼ ସୁଖ ସେଠାରେ କାହିଁ?'** ନମ୍ରତା ଓ ସେବାଭାବର ଅଦୃଶ୍ୟ ଗୌରବ ଲୁଚି ରହିଛି ଏଇ ଧାଡ଼ିମାନଙ୍କରେ। ସେହିପରି 'ଧାନ ଓ ଦୁବ' କବିତାରେ ଧାନ ଗର୍ବରେ ମଣ୍ଡିତ। ହସୁଛି ହିଡ଼ରେ ଶୋଇରହିଥିବା କୁନି କୁନି ଦୁବକୁ ଦେଖି। ଦୁବ କହୁଛି - **'ଏଇ ମୋର ଛୋଟ କଅଁଳ କଥାଟି ନିତି, ସହୁଥାଏ କେତେ ମଣିଷ ପାଦର ଗତି / ଦୁବ ତ ନଥିଲେ ପୂଜା ପାଏ ନାହିଁ ଧନ, ସେଇ ମୋର ସୁଖ ସେବା ପୂଜା ସନମାନ।'** ନମ୍ରତା ଦେବତ୍ୱର ରୂପ ନେଇ ପିଲାଙ୍କୁ ଦେଇଛି ମହତ ଜ୍ଞାନ। 'କରିବା ନାହିଁ ଡେରି' କବିତାରେ ସମୟ ଓ ପ୍ରକୃତିର ଗାଥା ଶୁଭେ - **'ଆସିଲେ ଶୀତ ଧାନ କିଆରି ହଳଦୀ ବୋଲି ହୁଏ, କାକର ପାଣି କେଉଁଠୁ ଆସି ଆମରି ଗୋଡ଼ ଧୁଏ / ଫଗୁଣ ମାସେ ପେଣ୍ଠାକୁ ପେଣ୍ଠା ବଉଳ ଧରି କଷି, ଗରମ ଦିନେ ଆମରି ପାଇଁ ଗଛରୁ ପଡ଼େ ଖସି।'** ସୂର୍ଯ୍ୟ, ଋତୁ, ଗଛ, ଫୁଲ ସମସ୍ତଙ୍କର ଗୋଟିଏ ବାର୍ତ୍ତା, ଗୋଟିଏ ନୀତି - ଉଠ କାମ କର, ଜୀବନ ସୁନ୍ଦର, ଜୀବନର ଗତିକୁ ଚିହ୍ନି ତା' ସାଙ୍ଗରେ ଅଗ୍ରସର ହୁଅ।

ଦେଖାଯାଏ ଯେ ଶିଶୁ ସାହିତ୍ୟ ମନ ଓ ମନୋଭାବ ଦୁହିଁଙ୍କୁ ଗଢ଼ିବାରେ ଭୂମିକା ରଖେ। ଗୀତ, ପଦ୍ୟ ଓ କାହାଣୀ ମାଧ୍ୟମରେ ଶିଖାଏ ଅନେକ ବାର୍ତ୍ତା। ସହାନୁଭୂତି, ପ୍ରକୃତିପ୍ରେମ, ସାମୂହିକ ଜୀବନ, ନୀତି ଓ ନୈତିକତା ଶିଖାଇଦିଏ। ଭାଷା ପାଲଟିଯାଏ ଜୀବନ ଶିକ୍ଷା ଏବଂ ବାନ୍ଧିଦିଏ ଏକ ସେତୁ ଉନ୍ନତ ସାହିତ୍ୟ ଆଡ଼କୁ। ଆଜି ଅନେକଘରେ ଶିଶୁ ସାହିତ୍ୟ ରହିଛି ନୀରବ। ମୋବାଇଲର ପରଦା ଆଲୋକିତ, ପୁସ୍ତକ ରହିଛି ବନ୍ଦ। ଫୋନ୍ ଚାଲିଛି ଘଣ୍ଟା ଘଣ୍ଟା; କିନ୍ତୁ ବହି ରହିଛି ଅନ୍ଧାର। ଗାଁ ଗଣ୍ଡାର ସୁଲଭ ଗୀତ ପାସୋରି ହୋଇଛି। ଯେଉଁ ଗୀତ କରୁଥିଲା ଗାଁର ସ୍ୱର ଓ ମଧୁର ଆନନ୍ଦର ଉତ୍ତରଣ, ଏବେ ସେସବୁ ହଜିଯାଇଛି ଅତୀତର ଗୌରବ ମଧ୍ୟରେ। କ'ଣ ଶିଶୁସାହିତ୍ୟର ପୁନରୁଦ୍ଧାର ହୋଇପାରିବ? ପୁନରୁଦ୍ଧାର ମାନେ ନୁହେଁ ଯେ ଆମେ ଆଉ ଥରେ ପୁରୁଣାଗୀତ ଓ କାହାଣୀକୁ ମୁଦ୍ରଣ କରିବୁ। ଏହା ହେଉଛି ନୂତନ ରୂପ ବିଶ୍ୱାସ କରିବା ଯେ ଶିଶୁମନର ଅମୂଲ୍ୟ ଚିନ୍ତା, ଚେତନା ଓ କଳ୍ପନାର ବିକାଶ ହୋଇପାରେ। ଆମ ଲେଖକଙ୍କୁ ଆଉ ଥରେ ନିବେଶ କରିବାକୁ ହେବ ଫୁଲ, ପକ୍ଷୀ, ମେଘ, ମଣିଷ ଖୁସିରେ ବାସ କରୁଥିବା ଦୁନିଆରେ, ଯେଉଁଠି ଦୟା ଓ ପ୍ରେମ ବ୍ୟାପି ରହିଥିବ ଏବଂ ସମସ୍ତଙ୍କ ମଙ୍ଗଳପ୍ରାପ୍ତି ହୋଇଥିବ। ଛୋଟ ଶିଶୁଙ୍କୁ ସାହିତ୍ୟଦିଏ ମହାନ୍ ଜ୍ଞାନ। ଶାନ୍ତସ୍ୱରରେ ଛାପିଦିଏ ଏକ ବାର୍ତ୍ତା। ବିଶ୍ୱସୁନ୍ଦର, ସତ୍ୟର ଜୟ ହୁଏ, ପ୍ରେମ ଦୁର୍ଲ୍ଲଭ ଓ ବିଶ୍ୱାସ ମୂଲ୍ୟବାନ। ଏ ସବୁ ଶିକ୍ଷା ଅନ୍ତରରେ ରହିଥାଏ ଶେଷଜୀବନ ପର୍ଯ୍ୟନ୍ତ। ସେଥିପାଇଁ ଓଡ଼ିଆ ଶିଶୁସାହିତ୍ୟକୁ ପୁନର୍ଜୀବନ ଦେବା ହେଉଛି ଏକ ମୂଲ୍ୟବୋଧର ପୁନଃପ୍ରତିଷ୍ଠା, ଯେଉଁଠି ଛୋଟ ଛୋଟ କଥାରେ ଥାଏ ଉଚ୍ଚ ଅଭିଳାଷ ଏବଂ ସେହି ଅଭିଳାଷକୁ ପୂରା କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

(ଅଧ୍ୟାପିକା, ଖ୍ରୀଷ୍ଟ ମହାବିଦ୍ୟାଳୟ)
କଟକ, ମୋ: ୯୩୩୮୮୧୨୧୨୭

# ପୁନଶ୍ଚ ଗ୍ରହ ହେବ କି ପ୍ଲୁଟୋ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପ୍ରାୟ ଦୁଇଦଶକ ପୂର୍ବେ ସୌରମଣ୍ଡଳରେ ୯ଟି ଗ୍ରହ ଥିବାର ମନେ କରାଯାଉଥିଲା। ସେଗୁଡ଼ିକ ହେଲେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ, ନେପ୍‌ଚୁନ୍ ଓ ପ୍ଲୁଟୋ। ତେବେ ୨୦୦୬ ମସିହାରେ 'ଆର୍ନ୍ତଜାତିକ ଜ୍ୟୋତିର୍ବିଜ୍ଞାନୀ ସଂଘ' ପ୍ଲୁଟୋକୁ ସେ ତାଲିକାରୁ ବାଦ ଦେଇ ତାହାକୁ ଏକ 'ବାମନ ଗ୍ରହ' ରୂପେ ଗଣନା କଲା। କାରଣ କୁପିୟର୍ ପଟ୍ଟିରେ ଥିବା ଅନେକ ବରଫାବୃତ୍ତ ପିଣ୍ଡ ତୁଳନାରେ ଏହାର ଆକାର ଥିଲା କ୍ଷୁଦ୍ରତର (ବ୍ୟାସ ପ୍ରାୟ ୧୪୦୦ ମାଇଲ)। ପୁନଶ୍ଚ ଏହି ସଂଘ କୌଣସି ଏକ ମହାକାଶ ପିଣ୍ଡକୁ ଗ୍ରହର ମାନ୍ୟତା ଦେବା ପାଇଁ ତିନୋଟି ସର୍ତ୍ତ ପ୍ରଣୟନ କଲା। ସେଗୁଡ଼ିକ ହେଲା ଯେ ତାହା ସୂର୍ଯ୍ୟକୁ ପରିକ୍ରମା କରୁଥିବ, ତାହାର ବସ୍ତୁତ୍ୱ ଯଥେଷ୍ଟ ହୋଇଥିବ, ଯେପରିକି ତହିଁରୁ ଉତ୍ପନ୍ନ ମହାକର୍ଷଣ ବଳ ତା'କୁ ପ୍ରାୟତଃ ବର୍ତ୍ତୁଳାକାର ରୂପ ଦେଇ ପାରୁଥିବ ଏବଂ ତା'ର ଏକ ପରିଷ୍କାର କକ୍ଷପଥ ଥିବ। ପ୍ଲୁଟୋ ପ୍ରଥମ ଦୁଇଟି ସର୍ତ୍ତ ପୂରଣ କଲା ବେଳେ ତୃତୀୟଟି କରି ପାରୁନଥିଲା। କାରଣ ଏହାର କକ୍ଷକୁ ସ୍ପର୍ଶ କରୁଥିଲେ କୁପିୟର ପଟ୍ଟିରେ ଥିବା ଅନେକ ବରଫାଚ୍ଛନ୍ନ ପିଣ୍ଡ।

ପ୍ଲୁଟୋ ୧୮, ଫେବୃୟାରୀ ୧୯୩୦ ମସିହାରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ କ୍ଲାଇଡ୍ ଟମ୍ବାଉଙ୍କ ଦ୍ୱାରା ଆମେରିକାର ଆରାଜୋନାଠାରେ ଥିବା ଲୋୱେଲ୍ ପର୍ଯ୍ୟବେକ୍ଷଣ କେନ୍ଦ୍ରର ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ରସାହାଯ୍ୟରେ ଆବିଷ୍କୃତ ହୋଇଥିଲା। ତପ୍ରେ ଏହାକୁ ସୌରଜଗତର ୯ ମ ଗ୍ରହ ରୂପେ ସ୍ୱୀକାର କରାଗଲା। ପ୍ରାୟ ୭ ଦଶକ ପରେ ଆର୍ନ୍ତଜାତିକ ଜ୍ୟୋତିର୍ବିଜ୍ଞାନୀ ସଂଘ ଏହାକୁ 'ବାମନ ଗ୍ରହ' ଶ୍ରେଣୀଭୁକ୍ତ କଲା। ତେବେ ନିକଟରେ ଆମେରିକାର ମହାକାଶ ଗବେଷଣା ପ୍ରଶାସନ 'ନାସା'ର ମୁଖ୍ୟ ଜାରେଡ୍ ଆଇଜାକ୍ ମ୍ୟାନ୍ ୨୮, ଅପ୍ରେଲ, ୨୦୨୬ ଦିନ ସିନେଟ୍ କମିଟି ଆଗରେ ପ୍ରସ୍ତାବ ରଖିଛନ୍ତି ଆମେରିକାର ମହାକାଶ ବିଭାଗ ପ୍ଲୁଟୋକୁ ଗ୍ରହ ରୂପେ ପୁନଃ ସ୍ୱୀକୃତି ପ୍ରଦାନ ବିଚାର କରିବାକୁ। ତାଙ୍କ ବ୍ୟତୀତ ସେଠାରେ ଅନ୍ୟ କେତେକ ବୈଜ୍ଞାନିକ 'ପ୍ଲୁଟୋକୁ ପୁନର୍ବାର ଗ୍ରହ କରଯାଉ' ବୋଲି ଦଳଟିଏ ଗଢ଼ି ଦାବି କରି ଆସୁଛନ୍ତି।

'ନାସା' ର ମୁଖ୍ୟ ଓ ଅନ୍ୟମାନେ ବର୍ତ୍ତମାନ ଯାଏଁ ଏଥିପାଇଁ ନିମ୍ନୋକ୍ତ ଯୁକ୍ତି ମାନ ଉପସ୍ଥାପିତ କରୁଛନ୍ତି। (୧) ପ୍ଲୁଟୋ ଏକ ଜଟିଳ ଓ ବିସ୍ମୟକର ଦୁନିଆ, ଯହିଁରେ ଅନ୍ୟାନ୍ୟ ଗ୍ରହ ଭଳି ରହିଛି ବହୁ ପାହାଡ଼ ପର୍ବତ, ଉପତ୍ୟକା, ସମତଳ ଭୂମି ଓ ହିମବାହ। (୨) ଏହାର ୫ଟି ଜଣାଶୁଣା ଚନ୍ଦ୍ର ବା ଉପଗ୍ରହ ଅଛି। (୩) ଏହାକୁ ୨୦୦୬ ମସିହାରେ କରାଯାଇଥିବା ବର୍ଗୀକରଣ ବେଶ୍ ପୁରୁଣା ମତବାଦ ଉପରେ ପର୍ଯ୍ୟବସିତ ଏବଂ ସେଥିରେ ପରିବର୍ତ୍ତନ ଅଣାଯିବା ଦରକାର। (୪) ବାମନ ଗ୍ରହ ରୂପେ ଘୋଷଣା କରାଯିବା ପରଠାରୁ ପ୍ଲୁଟୋ ସଂପର୍କରେ ଅନେକ ନୂତନ ତଥ୍ୟ ଆବିଷ୍କାର ହୋଇସାରିଛି, ଯାହାକି ଗ୍ରହମାନଙ୍କ ପାଇଁ ପ୍ରଯୁଜ୍ୟ।

ବର୍ତ୍ତମାନ ସୁଦ୍ଧା ପ୍ଲୁଟୋ ଏବଂ ଏହାର ଚନ୍ଦ୍ରଗୁଡ଼ିକୁ ଖୁବ୍ ନିକଟରୁ ପର୍ଯ୍ୟବେକ୍ଷଣ କରିଥିବା ଏକ ମାତ୍ର ମହାକାଶ ଯାନ ହେଲା 'ନାସା' ଦ୍ୱାରା ପ୍ରେରିତ 'ନିଉ ହୋରାଇଜୋନ୍'। ଏହା ୨୦୧୫ ମସିହାରେ 'ବାମନ ଗ୍ରହ'ଟିର କରିଥିବା ଅଧ୍ୟୟନ ତା'ସଂପର୍କରେ ରହିଆସିଥିବା ଅନେକଗୁଡ଼ିଏ ଧାରଣାକୁ ବଦଳାଇ ଦେଇପାରିଛି। ତ' ଦ୍ୱାରା ପ୍ରେରିତ ବହୁ ନୂତନ ଚିତ୍ର ପ୍ଲୁଟୋକୁ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଦର୍ଶନ କରିପାରିଛି। ତାହା ଅନେକ ବୈଜ୍ଞାନିକ ତଥ୍ୟ ଉନ୍ମୋଚନ କରିଛି, ଯାହାକୁ ନେଇ ଡକ୍ଟର ଆଇଜ୍ୟାକ ମ୍ୟାନ୍ ସମେତ 'ନାସା'ର ଅନେକ ବୈଜ୍ଞାନିକ ଏହାକୁ ପୁନର୍ବାର ଗ୍ରହ ରୂପେ ଗ୍ରହଣ କରିବା ସପକ୍ଷରେ ମତ ଦେଇଛନ୍ତି।

ତଥାପି କେତେକ ଜ୍ୟୋତିର୍ବିଜ୍ଞାନୀ ଏହାର ବିରୋଧ କରୁଛନ୍ତି। ସେମାନଙ୍କର ଯୁକ୍ତି ହେଲା ଯେ ଯଦି ପ୍ଲୁଟୋକୁ ଗ୍ରହ ରୂପେ ଗ୍ରହଣ କରିବାକୁ ସଂଜ୍ଞାମାନଙ୍କରେ ପରିବର୍ତ୍ତନ ଅଣାଯାଏ, ତେବେ ତାହା କୁଇପର ପଟ୍ଟିରେ ଥିବା ଆହୁରି ପ୍ରାୟ ୨୦୦ ପିଣ୍ଡମାନଙ୍କ ପ୍ରତି ପ୍ରଯୁଜ୍ୟ ହେବ। ଏଗୁଡ଼ିକ ମଧ୍ୟରେ ରହିବ ଇରିସ୍, ଟ୍ରାଇଟନ୍, ମେକ୍‌ମେକ୍, କ୍ୱାଓର୍, ରବସ୍ ଓ ଏଭଳି ଆହୁରି ଅନେକ। ସେଗୁଡ଼ିକର ଆକାର ଓ ସଂରଚନା ଅନେକ ମାତ୍ରାରେ ପ୍ଲୁଟୋ ଭଳି। ଏଣୁ ଏହା କରାଗଲେ ଗ୍ରହମଣ୍ଡଳ ଏକ ଅତି ବିଶାଳ ରୂପ ନେବ। ଏପରିସ୍ଥଳେ, ପ୍ଲୁଟୋକୁ ପୁନର୍ବାର ଗ୍ରହ ଆଖ୍ୟା ଦେବାର ପ୍ରସ୍ତାବ ଏବେ କେବଳ ତର୍କବିତର୍କ ମଧ୍ୟରେ ହିଁ ସୀମିତ ରହିଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଇପିଏଲ୍ ବେଟିଂ ରାକେଟ୍‌ର ପର୍ଦ୍ଦାଫାସ୍; ୮ ଗିରଫ

ଝାରସୁଗୁଡ଼ା, ୨୫।୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୁଲିସ ଆଜି ଏକ ଆଇପିଏଲ୍ ବେଟିଂ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି। ଏକ ଭଡ଼ାଘରେ ବେଟିଂ ଚାଲିଥିବାବେଳେ ପୁଲିସ ସେଠାରେ ଚଢ଼ଉ କରି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୫ ଲକ୍ଷ ୯ ହଜାର ୧୦୦ ନଗଦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରର ରାହୁଲ

### ୫ ଲକ୍ଷ ୯ ହଜାର ୧୦୦ ନଗଦ ଟଙ୍କା ଜବତ

ସାହୁ ଓ ସ୍ଥାନୀୟ ଅଞ୍ଚଳର ଗୋବିନ୍ଦ ଦାସ ମହନ୍ତ, ଆକାଶ ଶ୍ରୀବାସ୍ତବ, ବିଶାଳ କୁମାର ରବି, ଭୀମ କୁମାର ରାମ, ମନୁ ସିଂ, ଶଙ୍କର ପ୍ରସାଦ, ରାଜୀବ କୁମାର। ଏନେଇ ବ୍ରଜରାଜନଗର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ବିସ୍ତୃତ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ବ୍ରଜରାଜନଗର ଗାନ୍ଧୀଛକ ଏବଂ ରାମପୁର ଅଞ୍ଚଳର ଭଡ଼ା ଘରେ ଅନଲାଇନ ମଧ୍ୟମରେ ଆଇପିଏଲ୍ ବେଟିଂ କାରବାର ଚାଲିଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ବ୍ରଜରାଜନଗର ପୁଲିସ ଦୁଇଟି ଟିମ୍ ଗଠନ କରି ସେଠାରେ ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ମୋଟ ୫ ଲକ୍ଷ ୯ ହଜାର ୧୦୦ ଟଙ୍କା ନଗଦ ଜବତ




କରିଥିଲା। ଏହାସହ ଅନଲାଇନ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୩ ଲକ୍ଷ ୭୦ ହଜାର ଟଙ୍କାକୁ ପୁଲିସ ତରଫରୁ ଫ୍ରିଜ୍ କରାଯାଇଛି। ବ୍ୟବହୃତ ୨ଟି ଲାପଟପ, ୪୧ଟି ମୋବାଇଲ, ଗୋଟିଏ ଇନୋଭା କ୍ରିଷ୍ଟା, ଗୋଟିଏ କାର୍‌କୁ ପୁଲିସ ଜବତ କରିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଜାଲ୍ ଓଟିଇଟି ପ୍ରମାଣପତ୍ର ପାଇଁ ବହିଷ୍କାର ପ୍ରସଙ୍ଗ

## ଦୁଇ ଗଣଶିକ୍ଷକଙ୍କୁ ପୁନଃନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୫।୫ (ସମିସ): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଜାଲ୍ ପ୍ରମାଣପତ୍ର ଦାଖଲ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲାର ଦୁଇଜଣ ମହିଳା ଗଣଶିକ୍ଷକ ପ୍ରଜ୍ଞା ପାରମିତା ସ୍ୱାଇଁ ଏବଂ ସନ୍ଧ୍ୟାରାଣୀ ପଲ୍ଲାରୀଙ୍କୁ ଚାକିରିରୁ ବହିଷ୍କାର ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏହାସହ ସେମାନଙ୍କୁ ତୁରନ୍ତ ଚାକିରିରେ ପୁନଃନିଯୁକ୍ତି ଦେବା ସହ ସମସ୍ତ ପିଛିଲା ଆର୍ଥିକ ଓ ସେବା ସମ୍ବନ୍ଧୀୟ ସୁବିଧା ଯୋଗାଇ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ ପ୍ରକ୍ରିୟା ୬ ସପ୍ତାହ ମଧ୍ୟରେ ଶେଷ କରିବାକୁ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ପ୍ରଜ୍ଞା ପାରମିତା ଏବଂ ସନ୍ଧ୍ୟାରାଣୀ ଗତ ୨୦୦୮ ମସିହା ଅଗଷ୍ଟରେ ସୁନ୍ଦରଗଡ଼ ଜିଲ୍ଲାରେ ଗଣଶିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସରକାରଙ୍କ ୨୦୧୬ର ଏକ ବିଜ୍ଞପ୍ତି ଅନୁଯାୟୀ, ବାର୍ଷିକ ଦରମା ବୃଦ୍ଧି ପାଇଁ ଗଣଶିକ୍ଷକମାନଙ୍କୁ ୨୦୧୯ ମାର୍ଚ୍ଚ ୩୧ସୁଦ୍ଧା ଓଟିଇଟି ପାସ୍ କରିବା ବାଧ୍ୟତାମୂଳକ ଥିଲା। ଉଭୟ ଶିକ୍ଷୟିତ୍ରୀ ପରୀକ୍ଷା ଦେଇଥିଲେ ଏବଂ ସ୍ପିଡ୍ ପୋଷ୍ଟ ଯୋଗେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସେମାନଙ୍କ ପାସ୍ ସାର୍ଟିଫିକେଟ୍ ପାଇଥିଲେ। କିନ୍ତୁ ୨୦୨୧ ମସିହାରେ ସେମାନଙ୍କ ସାର୍ଟିଫିକେଟ୍ ଜାଲ୍ ବୋଲି ଦର୍ଶାଇ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସେପ୍ଟେମ୍ବର ୨୦୨୧ରେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହା ସହ ବୀରମିତ୍ରପୁର ଥାନାରେ ଏକ ଅପରାଧିକ ମାମଲା ମଧ୍ୟ ରୁଜୁ କରାଯାଇଥିଲା।

## ବିଜେଡିରୁ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା

### ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଭେଟି ସାଂସଦ ପଦରୁ ବି ଦେଲେ ଇସ୍ତଫା

ଭୁବନେଶ୍ୱର, ୨୫।୫ (ସମିସ): ସୋମବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଦେବାଶିଷ ସାମନ୍ତରାୟ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାସହିତ ରାଜ୍ୟସଭାରୁ ମଧ୍ୟ ସେ ଇସ୍ତଫା ପ୍ରଦାନ କରିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ଆଜି ସେ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଇସ୍ତଫାପତ୍ର ଦେଇଛନ୍ତି। ତାଙ୍କର ଇସ୍ତଫାପତ୍ରକୁ ରାଜ୍ୟସଭା ଅଧ୍ୟକ୍ଷ ତତ୍‌କ୍ଷଣାତ୍ ଗ୍ରହଣ କରି ନେଇଛନ୍ତି। ରାଜ୍ୟସଭା ସଚିବାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଆଜି ଏହା ପ୍ରକାଶ ପାଇଛି। ସାମନ୍ତରାୟଙ୍କ ଇସ୍ତଫା ସହିତ ଗୃହ ଓ ନଗର ବ୍ୟାପାର ସଂକ୍ରାନ୍ତ ଷ୍ଟାଣ୍ଡିଂ କମିଟି ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂକ୍ରାନ୍ତ କମିଟିର ସଭ୍ୟ ପଦ ଖାଲି ପଡ଼ିଲା ବୋଲି ଏହି ବିଜ୍ଞପ୍ତିରେ କୁହାଯାଉଛି। ଏହି ଦୁଇଟି କମିଟିରେ ସାମନ୍ତରାୟ ସଭ୍ୟ ଥିଲେ।

ଏହାପୂର୍ବରୁ ବିଜେଡି ସୁପ୍ରିମୋ ନବୀନଙ୍କୁ ଲେଖିଥିବା ଚିଠିରେ ଶ୍ରୀ ସାମନ୍ତରାୟ ତାଙ୍କୁ ରାଜ୍ୟସଭାରେ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅବିଭକ୍ତ କଟକ ଜିଲ୍ଲାର ଜନସାଧାରଣଙ୍କ ସେବା କରିବା ଏବଂ ଜାତୀୟ ସ୍ତରରେ ଓଡ଼ିଶାର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେଇଥିବାରୁ ସେ ସାରା ଜୀବନ ଋଣୀ ରହିବେ ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି।


**ବ୍ୟାଙ୍କ ଅଫ୍ ବରୋଦା Bank of Baroda** | ବଡବଜାର ଶାଖା, ଭେଙ୍କଟେଶ୍ୱର ଟେମ୍ପୁଲ ରୋଡ୍, ବ୍ରହ୍ମପୁର, ଜିଲ୍ଲା:ଗଞ୍ଜାମ

**ସଂଶୋଧନ ପତ୍ର**

ଦୈନିକ ଖବରକାଗଜ "ସକାଳ"ରେ ତା.୨୨.୦୫.୨୦୨୬ରିଖରେ ପ୍ରକାଶିତ ଆମର ଲକର ନୋଟିସ୍‌ରେ ଲକର ଭଙ୍ଗା ତାରିଖକୁ ତା.୨୨.୦୮.୨୦୨୬ରିଖ ପରିବର୍ତ୍ତେ ତା.୨୪.୦୮.୨୦୨୬ରିଖ ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ।

ସ୍ଥାନ: ବ୍ରହ୍ମପୁର | କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ: ୨୫.୦୫.୨୦୨୬ | ବ୍ୟାଙ୍କ ଅଫ୍ ବରୋଦା

**LOST**

I, **Rabindra Meher,** aged about 43 years, S/o-Jalandhar Meher, resident of Vill/PO-Belpara, PS: Belpara, Dist: Balangir, Odisha, do hereby declare that the Original Sale Deed No-1325 of 2016 document pertaining to Khata No. 476/1936 of Mouza: Belpara, PS: Belpara, was lost / misplaced during my transit from my residence to the Tahasil Office, Belpara. If found, please return it to the above address and contact Mr. Bikash Pradhan, Mobile: 9437362343.

**LOST**

I, **Thakur Kanda,** S/o Malakham Kanda, resident of Village-Barla, P.O.-Ghunesh, P.S.-Turekela, Dist.-Balangir, Odisha, hereby inform that Original Sale Deed No. 10342300146 relating to ROR No. 137/281 and Original ROR No. 137/212 along with Sale Deed No. 10341700306 standing in the name of Ganesh Ram Suna have been lost / misplaced during my journey to Tahasil Office. Despite thorough search, the documents could not be traced. If found, kindly return to the above address or contact Mr.Bikash Pradhan on Mob: 9437362343.


## ଫ୍ଲାଏ-ଆଶ୍ ଡମ୍ପିଙ୍ଗ୍: ଓପିଜିସିକୁ ନୋଟିସ୍ କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ସମ୍ବଲପୁର, ୨୫।୫ (ସମିସ): ସମ୍ବଲପୁର ଜିଲ୍ଲାର ରାସ୍ତାଘାଟ, ଜମି, ଖାଲ ଜାଗା, ନାଳ ଆଦି ସବୁଆଡ଼େ ବିଭିନ୍ନ କମ୍ପାନୀରୁ ବାହାରୁଥିବା ପାଉଁଶ (ଫ୍ଲାଏ ଆସ୍)କୁ ବେଆଇନ ଭାବେ ପକାଇ ଦିଆଯାଉଛି। ଫ୍ଲାଏ ଆସ୍ ଡମ୍ପିଂକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏନେଇ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ (ଓପିଜିସି)କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ପତ୍ର ସଂଖ୍ୟା ୩୦୧୬ ତା. ୨୨-୫-୨୦୨୬ ଅନୁଯାୟୀ ୭ ଦିନ ମଧ୍ୟରେ ସଂଶୋଧିତ ପ୍ରସ୍ତାବ ଓ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନେଇ ଜବାବ ଦେବାକୁ ଉଲ୍ଲେଖ ରହିଛି।

ଇବ୍‌ଥର୍ମାଲ ପାୱାର ଷ୍ଟେସନ, ଓପିଜିସି ବନହରପାଲି ନିର୍ଦ୍ଦେଶକଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟ ନାରାୟଣ ନନ୍ଦଙ୍କ ପତ୍ର ଅନୁଯାୟୀ, ଓପିଜିସି କମ୍ପାନୀ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷକରି ରେଙ୍ଗାଲି ଅଞ୍ଚଳରେ ଫ୍ଲାଏ ଆସ୍ ଅନଧିକୃତ ପରିବହନ ଏବଂ ବେଆଇନ ଡମ୍ପିଂ କରୁଥିବା ବହୁବାର ଅଭିଯୋଗ ହେବା ସହ କ୍ଷେତ୍ର ପରିଦର୍ଶନ ରିପୋର୍ଟରୁ ପ୍ରାପ୍ତ ହୋଇଛି। ଏହି ପାଉଁଶ ରାସ୍ତା-ଭର୍ତ୍ତି କରିବା ଏବଂ ଦୂରରେ ଥିବା ଫ୍ଲାଏଆସ୍ ଇଟା ନିର୍ମାଣ ୟୁନିଟ୍‌ଗୁଡ଼ିକୁ ଯୋଗାଣ ପାଇଁ ଉଦ୍ଦିଷ୍ଟ। ଏହି ଯୋଜନାରେ ଗାଡ଼ିଗୁଡ଼ିକ ଫ୍ଲାଏ-ଆସ୍ ନେଇ କମ୍ପାନୀରୁ ବାହାରୁଛି। କିନ୍ତୁ ପରିବହନ ଖର୍ଚ୍ଚ ହ୍ରାସ କରିବା ପାଇଁ ଉକ୍ତ ଫ୍ଲାଏ ଆସ୍‌କୁ ନିକଟବର୍ତ୍ତୀ ସ୍ଥାନରେ ବେଆଇନ ଭାବେ ଡମ୍ପିଂ କରାଯାଉଛି। ଏହାବ୍ୟତୀତ ଅଧିକୃତ ଉପଭୋକ୍ତାଙ୍କ ପାଖରେ ଯୋଗାଣ କରିବାକୁ ବାହାରି ଫ୍ଲାଏ ଆଶ୍‌କୁ ଅନଧିକୃତ ସ୍ଥାନରେ ଡମ୍ପିଂ କରାଯାଉଛି, ଯାହା ପରିବେଶ ପ୍ରଦୂଷଣ ସହ ଅଞ୍ଚଳବାସୀଙ୍କ ସକାଶେ ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି କରୁଛି। ଫ୍ଲାଏ ଆସ୍ ପରିବହନରେ ନିୟୋଜିତ ଗାଡ଼ିଗୁଡ଼ିକରେ ଜିପିଏସ୍ ଟ୍ରାକିଂ ସିଷ୍ଟମ ନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ସହିତ ମଧ୍ୟ ରିଏଲ୍-ଟାଇମ୍ ଟ୍ରାକିଂ ଡାଟା ସେୟାର କରାଯାଉନାହିଁ। ବେଆଇନ ପାଉଁଶ ଡମ୍ପିଂ ରୋକିବା ପାଇଁ ଫ୍ଲାଏ ଆସ୍ ମନିଟରିଂ ମୋବାଇଲ୍ ଆପ୍ଲିକେସନ୍ ଅଧୀନରେ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି ଏସ୍‌ପିସିବି ସଭ୍ୟ ସଚିବ ପତ୍ର ସଂଖ୍ୟା ୬୨୭୫ ତା ୨୩-୪-୨୦୨୬ରେ ଅବଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପତ୍ର ପାଇବାର ୭ଦିନ ମଧ୍ୟରେ ଓପିଜିସିକୁ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତରରେ ଗତ ତିନି ମାସ ମଧ୍ୟରେ ଉତ୍ପାଦିତ ଏବଂ ପଠାଯାଇଥିବା ଫ୍ଲାଏ ଆସ୍‌ର ପରିମାଣ, ସ୍ଥାନ ଏବଂ ଯୋଗାଯୋଗ ସୂଚନା ସହ ଅଧିକୃତ ଉପଭୋକ୍ତାମାନଙ୍କ ବିବରଣୀ, ଫ୍ଲାଏ ଆସ୍ ପରିବହନରେ ନିୟୋଜିତ ଯାନବାହନଗୁଡ଼ିକର ବିବରଣୀ, ଫ୍ଲାଏଆସ୍ ପରିବହନ କରୁଥିବା ସମସ୍ତ ଯାନରେ ଟ୍ରାକିଂ ସିଷ୍ଟମ୍ ଇନ୍‌ଷ୍ଟଲେସନ୍ ନିଶ୍ଚିତ କରିବା, ପ୍ରକୃତ ସମୟ ଟ୍ରାକିଂ ଡାଟା ଉପଲବ୍ଧତା ପ୍ରଦାନ, ଫ୍ଲାଏ ପାଉଁଶର ସମସ୍ତ ବେଆଇନ ଡମ୍ପିଂକୁ ତୁରନ୍ତ ବନ୍ଦ କରିବା, ଫ୍ଲାଏ ଆଶ୍ ପରିବହନ ଓ ଶେଷମୁଣ୍ଡରେ ବ୍ୟବହାରକୁ ନେଇ ପ୍ରମାଣପତ୍ର ଓ ଯାଞ୍ଚ ବ୍ୟବସ୍ଥା ସହ ଏକ ମନିଟରିଂ ମେକାନିଜମ୍ ପ୍ରସ୍ତୁତ କରିବା ଏବଂ ଏକ ଅନ୍ତରୀଣ ତଦନ୍ତ କରି ନିୟମ ଉଲ୍ଲଂଘନକୁ ନେଇ ଉଲ୍ଲଂଘନକାରୀକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏହାସହ ସମ୍ବଲପୁର ଜିଲ୍ଲା ମଧ୍ୟ ଦେଇ ଯାଇଥିବା ରାସ୍ତାଗୁଡ଼ିକୁ ଏଡ଼ାଇ ଅନ୍ୟ ରାସ୍ତା ଦେଇ ଗନ୍ତବ୍ୟସ୍ଥଳକୁ ଫ୍ଲାଏଆସ୍ ପରିବହନ କରିବାକୁ ତାଗିଦ୍ କରାଯାଇଛି। ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳ ହେଲେ, ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଆଇନ, ୧୯୭୪ ଏବଂ ବାୟୁ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଆଇନ, ୧୯୮୧ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚିଠିରେ ଓଡିଜିସିକୁ ଚେତାବନୀ ଦିଆଯାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 839, dated 21-05-2026, I, GOBARDHAN SOURA, S/o - Maheswar Soura, permanent resident of Village - Bankasargi, PO - Pandikote, PS - Papadahandi, Dist- Nabarangpur, Odisha, Pin - 764071, declare that I have changed the name of my Son from SHyamo soura to SHYAMAGHANA SOURA. Henceforth, he shall be known as **SHYAMAGHANA SOURA** for all purposes.

**Sd/- Gobardhan Soura**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 830, dated 18.05.2026, I, MADHUSUDAN JANI, Son of - Baidu Jani, Resident of Village - Buchiaguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from NANDU JANI to MADHUSUDAN JANI. Henceforth, I shall be known as **MADHUSUDAN JANI** for all purposes.

**Sd/- Madhusudan Jani**

**AFFIDAVIT**

I B.Sukanya Pattnayak, D/o- Late B Balaji Pattnayak, Resident of Purunagada, Po- P.R Peta PS.- Jeypore Town, Dist.- Koraput, Pin- 764001, Odisha declare by this affidevit No.2133 Dated 20.05.2026, that now onwards I shall be known as **Sukanya Ghadei** for all future purpose.


## ଅବଶିଷ୍ଟାଂଶ...

### ପୁଣି ମହଙ୍ଗା...

କ୍ଷତି କମାଇବାକୁ ଚେଷ୍ଟା କରୁଛନ୍ତି। ଗତମାସ ଶେଷ ପର୍ଯ୍ୟନ୍ତ ତେଲ କମ୍ପାନୀ ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର କ୍ଷତି ସହିଥିଲେ। ଲିଟର ପିଛା ୧୮ ରୁ ୩୩ ଟଙ୍କା ପର୍ଯ୍ୟନ୍ତ କ୍ଷତି ହେଉଥିଲା। ଏହାକୁ ଭରଣ କରିବାକୁ ହେଲେ ପେଟ୍ରୋଲ ଦର ଲିଟର ପିଛା ୧୩୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପଡ଼ିବ ବୋଲି ସେମାନେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ବେଳେ ଲିଟର ପିଛା ଆହୁରି ୨୦ ଟଙ୍କା ବଢ଼ିବ ବୋଲି ସେମାନେ ଆକଳନ କରିଛନ୍ତି। ପେଟ୍ରୋଲ ଏବଂ ଡିଜେଲ୍ ଦରରେ ହୋଇଥିବା ବୃଦ୍ଧି ଦେଶରେ ମୁଦ୍ରାସ୍ଫୀତିକୁ ଦ୍ରୁତ ଗତିରେ ବୃଦ୍ଧି କରିବ। ଏହାର ପ୍ରଭାବ ଖୁବ୍ ଖାଉଟି ବଜାର ଉପରେ ଅନୁଭୂତ ହେବ ବୋଲି ଏବେଠାରୁ ଆକଳନ କଲେଣି। ଯାହାର ଫଳ ସ୍ୱରୂପ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଆକାଶଛୁଆଁ ହେବ। ଅନ୍ୟପକ୍ଷାରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ରାଜନୀତି ଜୋର ଧରିଛି। କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ମୁଦ୍ରାସ୍ଫୀତି ମାନବ ମୋଦି' ବୋଲି କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ନିର୍ବାଚନ ସମୟରେ ଗୋଟିଏ ପ୍ରତିଶ୍ରୁତି ଦିଅନ୍ତି ଏବଂ ନିର୍ବାଚନ ଶେଷ ହେବା ମାତ୍ରେ ଜନତାଙ୍କ ପକେଟ ଲୁଟିବା ଆରମ୍ଭ କରନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ ସେ ଏହି ଆର୍ଥିକ ଝଡ଼ ବିଷୟରେ କିଛି ମାସ ପୂର୍ବରୁ ଚେତାବନୀ ଦେଇଥିଲେ, କିନ୍ତୁ ମୋଦୀ ନିର୍ବାଚନ ପାଇଁ ବ୍ୟସ୍ତ ଥିଲେ।

### ସାରା ଓଡ଼ିଶାରେ...

ଏପରି ନାରକୀୟ କାଣ୍ଡ ଓଡ଼ିଶାବାସୀଙ୍କୁ ଆତଙ୍କିତ କରିଛି। ସାରା ଓଡ଼ିଶାରେ ଗୁଣ୍ଡାରାଜ୍, ଚାରିଆଡ଼େ ଭୟର ବାତାବରଣ ଦେଖାଦେଇଛି। ସ୍ଥିତି ହାତରୁ ଖସିଯିବା ଆଗରୁ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ତଥା ଆଇନର ଶାସନ ବଜାୟ ରଖିବା ପାଇଁ ବଡ଼ ବଡ଼ ଭାଷଣ ଛାଡ଼ି ସରକାର ସଜାଗ ହୁଅନ୍ତୁ ବୋଲି ନବୀନ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

### ଆଇପିଏସ୍ ଦୟାଲ...

କରିଥିବା ମଧ୍ୟ ସେ କହିଥିଲେ। କବିତା ଆହୁରି ମଧ୍ୟ ଅଭିଯୋଗ କରିଥିଲେ ଯେ, ସୌମ୍ୟ ଭୁବନେଶ୍ୱରରେ ଥିବା ଗଙ୍ଗୱାରଙ୍କ ଜିମ୍ ସେଣ୍ଟର ବୁଝାବୁଝି କରୁଥିଲେ। ଗଙ୍ଗୱାର ତାଙ୍କ ପୁଅକୁ ନିୟମିତ ମୋଡ଼ାଘସା କରାଯାଇବାକୁ ଡାକୁଥିଲେ। ସେ କିଛିମାସ ତଳେ ଅସହମତି ପ୍ରକାଶ କରିବାରୁ ଏଡିଜିଙ୍କ ସହ ସୌମ୍ୟଙ୍କ ବିବାଦ ହୋଇଥିଲା। ଏହାପରେ ଗଙ୍ଗୱାରଙ୍କ ଇଙ୍ଗିତରେ କଟକ ଜିଆର୍‌ପି ଏସପି ଅଫିସ ପକ୍ଷରୁ ସୌମ୍ୟଙ୍କ ଦରମା ବନ୍ଦ କରାଯାଇଥିଲା ବୋଲି ଅଭିଯୋଗ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ ଏସମ୍ପର୍କରେ ଗଙ୍ଗୱାର କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

ସୌମ୍ୟଙ୍କ ମା'ଙ୍କ ଅଭିଯୋଗ ପରେ ମାମଲା ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ପହଁଞ୍ଚିଥିଲା। କମିସନ୍ ଅଭିଯୋଗକୁ ଭିତ୍ତି କରି ପ୍ରଥମ ଶୁଣାଣି କରି ସାରିଛନ୍ତି। ଆଗକୁ ଏହାର ତଦନ୍ତ ହେବାର ବାକି ଅଛି। ଖୁବ୍‌ଶୀଘ୍ର ଜାତୀୟ ମାନବାଧିକାର କମିସନଙ୍କ ଏକ ଟିମ୍ ଓଡ଼ିଶା ଆସି ଏହାର ତଦନ୍ତ କରିବେ ବୋଲି ସମ୍ଭାବନା ପ୍ରକାଶ ପାଇଛି। ଯାହା ଗଙ୍ଗୱାରଙ୍କ ପାଇଁ ଅଡୁଆ ବଢ଼ାଇପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହୋଉଛି। କମିସନଙ୍କ ନଜରରେ ପୁଲିସରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ୍‌ଙ୍କୁ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ନିଜସ୍ୱ କାମରେ ନିୟୋଜିତ କରିବା ଏକପ୍ରକାର ମାନବାଧିକାର ଉଲଘଂନ ଅଟେ। କମିସନଙ୍କ ତଦନ୍ତ ପରେ ଏହି ଅଭିଯୋଗର ସତତ୍ୟା ସମ୍ପର୍କରେ ସ୍ପଷ୍ଟ ହେବ।

ସେହିପରି ଜଣେ ସରକାରୀ ଅଧିକାରୀ ନିଜ ଚାକିରୀ କାଳ ମଧ୍ୟରେ ବ୍ୟବସାୟ କରିବା ନିୟମ ବହିର୍ଭୂତ ଅଟେ। ସେ ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷ ଭାବେ ସବୁକିଛି ବେନିୟମ। ସୌମ୍ୟ ମା'ଙ୍କ ଅଭିଯୋଗ ଅନୁଯାୟୀ ଯଦି ଦୟାଲ ଗଙ୍ଗୱାର ସତରେ ଓଡ଼ିଶାରେ ନିଜସ୍ୱ ଜିମ୍ ଚଳାଉଥିବେ, ତେବେ ତାଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇପାରେ। ତେଣୁ ଅଡୁଆ ସୃଷ୍ଟି ହେବା ପୂର୍ବରୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ଗ୍ରହଣ କଲେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି।

### ନିଆଳି ବିଧାୟକଙ୍କୁ ଭେଟିଲେ ବାପା-ମା' ଓ ମାମୁ

ଅନ୍ୟପକ୍ଷରେ ସୋମବାର ନିଆଳି ବିଧାୟକ ଛବି ମଲ୍ଲିକଙ୍କ କ୍ୱାର୍ଟର୍ସକୁ ସୌମ୍ୟଙ୍କ ପରିବାର ଲୋକ ଆସିଥିଲେ। ବିଧାୟକ ଛବିଙ୍କୁ ଭେଟି ସେମାନେ ନ୍ୟାୟ ପାଇଁ ଦାବି କରିଛନ୍ତି। ଏପରିକି ସିବିଆଇ ତଦନ୍ତ ପାଇଁ ପୁଣି ଦାବି କରିଥିଲେ। ସୌମ୍ୟଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ସହ ପ୍ରତିଶ୍ରୁତି ଦିଆଯାଇଛି। ଏହି ଘଟଣାରେ ଗଙ୍ଗୱାରଙ୍କ ବିରୋଧରେ ଗଣମାଧ୍ୟମ ସାମ୍ନାରେ ସେମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ଘଟଣାରେ ଦୟାଲଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରିଛନ୍ତି। କେବଳ ବଦଳି ଦଣ୍ଡ ନୁହେଁ, କଠୋର ଦଣ୍ଡବିଧାନ ଦରକାର ବୋଲି ସୌମ୍ୟଙ୍କ ମା କବିତା କହିଛନ୍ତି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ନ୍ୟାୟ ମିଳିନାହିଁ। ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଅସନ୍ତୋଷ ଥିବା କବିତା କହିଛନ୍ତି।

### ୨୮ ପରେ ଭୀଷଣ...

ତାତି ଓ ଗୁଳୁଗୁଳି ଯଥେଷ୍ଟ ଅଧିକ ରହିବା ସହ ୨୮ ସନ୍ଧ୍ୟା କିମ୍ବା ୨୯ ବେଳକୁ କାଳବୈଶାଖୀ ଜନିତ ସ୍ଥିତି ସୃଷ୍ଟି ହେବ। ଅନ୍ୟପଟେ ଗତ କିଛି ଦିନ ହେବ ବର୍ଷା ହୋଇ ନ ଥିବା ଯୋଗୁଁ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଭୂପୃଷ୍ଠ ଅତି ଉତ୍ତପ୍ତ ରହିଛି। ହେଲେ ପଶ୍ଚିମାଝଡ଼ ଯୋଗୁଁ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ହେବା ଦ୍ୱାରା ଭୀଷଣ ବିଜୁଳି ଘଡ଼ଘଡ଼ି ହେବ। ୨୮-୨୯ରେ ଏହାର ସର୍ବାଧିକ ପ୍ରଭାବ ରହିବା ସହ ପବନର ପ୍ରକୋପ ମଧ୍ୟ ୬୦-୭୦ କିମି ପର୍ଯ୍ୟନ୍ତ ପହଞ୍ଚିବ।

ଅନ୍ୟପଟେ ପୂର୍ବବତ ସୋମବାର ପଶ୍ଚିମ ଓଡ଼ିଶାରେ ଭୀଷଣ ତାତି ଜାରି ରହିଛି। ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୫.୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ତାପମାତ୍ରା ୪୫.୫ ଡିଗ୍ରୀ ରେକର୍ଡ ହୋଇଛି। ଏହାକୁ ମିଶାଇ ସୋମବାର ମୋଟ୍ ୨୦ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ମଙ୍ଗଳବାର ରାଜ୍ୟର ଅନେକ ସ୍ଥାନରେ ଦିନରେ ଭୀଷଣ ତାତି ଓ ଗୁଳୁଗୁଳି ସହ ରାତିରେ ମଧ୍ୟ ସ୍ୱାଭାବିକ ତୁଳନାରେ ତାତି ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି କିଛି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସମ୍ବଲପୁର ଓ ବଲାଙ୍ଗିରରେ ଉଭୟ ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅପେକ୍ଷାକୃତ ଯଥେଷ୍ଟ ଅଧିକ ରହିବା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ବୌଦ୍ଧରେ ମଧ୍ୟ ପ୍ରବଳ ତାତି ନେଇ ପାଣିପାଗ କେନ୍ଦ୍ରେ କହିଛି। ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଆସନ୍ତା ୨୮ ତାରିଖ ମଧ୍ୟରେ କିଛି କିଛି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ। ମାତ୍ର ୨୮ ପରେ ଏହାର ପ୍ରଭାବ ଯଥେଷ୍ଟ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ଭୁଶୁଡ଼ିଲା ଧନୁଯାତ୍ରା...

ଉଠିଛି। ଘଟଣାର ଭିଜିଲାନ୍ସ ଓ ନ୍ୟାୟିକ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଗତ କିଛି ଦିନ ଧରି ବରଗଡ଼ ଜିଲ୍ଲାରେ ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହୁଥିବା ବେଳେ ସୋମବାର ଅପରାହ୍ନରେ ହଠାତ୍ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରବଳ ପବନ, ଘଡ଼ଘଡ଼ି ଓ ବର୍ଷା ସହ ଝଡ଼ ତୋଫାନ ହୋଇଥିବାରୁ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ। ଏହି ସମୟରେ ବରଗଡ଼ ଥାନା ଛକରେ ଗତ ଧନୁଯାତ୍ରା ମହୋତ୍ସବ ଅବସରରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଧନୁଯାତ୍ରା ସ୍ମାରକୀ ଗେଟ୍ ହଠାତ୍ ଭାଙ୍ଗି ତଳକୁ ଖସିପଡ଼ିଥିଲା। ଗେଟ୍ ତଳେ ଚାପି ହୋଇ ଖେଦାପାଲି ଗ୍ରାମର ସଞ୍ଜୟ ବାଗ ଓ ଅଜୟ ବାଗ ଗୁରୁତର ଆହତ ହୋଇଥିଲେ। ଟାଉନ ଥାନା ଅଧିକାରୀଙ୍କ ସମେତ କିଛି ସ୍ଥାନୀୟ ଲୋକ ତୁରନ୍ତ ଆହତଙ୍କୁ ଉଦ୍ଧାର କରି ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ହଳଦିପାଲି ଅଞ୍ଚଳରେ ନିର୍ମିତ ଅନ୍ୟ ଏକ ସ୍ମାରକୀ ଗେଟ୍ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଝଡ଼ ପ୍ରଭାବରେ ସହରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାରୁ ଯାତାୟାତ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଗେଟ୍ ସାମାନ୍ୟ ଝଡ଼ରେ ଭାଙ୍ଗି ପଡ଼ିବା ପରେ ନିର୍ମାଣ କାମର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ସାଧାରଣ ଲୋକେ ନିମ୍ନମାନର କାମ ଓ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ଘଟଣା ପରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଯୁବ ନେତା ସମ୍ବିଦ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ଆଇନଜୀବୀ ଲିପ୍‌ସିତ ମିଶ୍ର, ଆମ୍ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଭବାନୀ ପ୍ରସାଦ ସାହୁ, ପୌରାଧ୍ୟକ୍ଷା କଳ୍ପନା ମାଝୀ ଓ ସମାଜସେବୀ ଶିବାନନ୍ଦ ମଟାରୀ ପ୍ରମୁଖ ଆହତଙ୍କୁ ଭେଟି ସମବେଦନା ଜଣାଇଥିଲେ। ସେମାନେ ଏହି ଘଟଣାର ଭିଜିଲାନ୍ସ ଏବଂ ନ୍ୟାୟିକ ତଦନ୍ତ କରାଯିବାକୁ ଦାବି କରିଥିବା ବେଳେ ଗେଟ୍ ନିର୍ମାଣରେ ସଂପୃକ୍ତ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ଅରୁଣ ପାଣ୍ଡେଙ୍କ ବିରୋଧରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଚିଠି ଲେଖି ଜଣାଇଥିବା ସୂଚନା ମିଳିଛି।


**Office of the Superintending Engineer**
**Earth Dam Division**
**At/Po: Chitrakonda, Dist. Malkangiri**
E-mail-executiveengineereddckd@gmail.com

32001/284/2627

**QUOTATION CALL NOTICE NO: 02/2026-27 (Vehicle)**

Sealed quotations are invited from interested reputed service provider for providing 01 (One) no. of (1) AC EV/Diesel/Petrol driven vehicle (Scorpio/Creta/Mahindra Marazzo) for Chief Construction Engineer, Potteru Irrigation Project, Balimela for the year 2026-27 (Period from 01.06.2026 to 31.03.2027) for official use having seating capacity not more than ten including driver, which shall confirm to the Terms and conditions (Annexure-II) on monthly rent basis.

1. The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from 25.05.2026 from 9.00 A.M. to 29.05.2026 up to 1.00 P.M. on the working days during working hour on payment of Rs.100/-(one hundred) only per set.
2. The completed quotation in all respect should reach the undersigned on or before 30.05.2026 by 11.00 A.M. and shall be opened on same day at 12.30 P.M.
3. The authority reserves the rights to reject any or all quotations without assigning any reason thereof.
4. Further details can be seen in the website Govt. of Odisha www.tendersodisha.gov.in

Superintending Engineer
Earth Dam Division, Chitrakonda

OIPR-32001/32019/1/26-27/0004

**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS) DIVISION-II**
**AT/PO- BHASKARGANJ, BALASORE**
CONTACT NO :- 06782-263149
E Mail ID :- eepwdbls2@gmail.com

34001/254/2627

**SHORT TENDER CALL NOTICE**
**BID INVITATION NO. SE (R and B) BLS-II- 03/ 2026-27**
No. 4300 dt. 25.5.26

| | | |
|---|---|---|
| 1 | The Superintending Engineer, Balasore (R & B) Division-II, Balasore on behalf of the Governor of Odisha invites Percentage rate bids to be received in ONLINE MODE only for Roads & Buildings works. | |
| 2 | No. of Work | 1 No |
| 3 | Nature of work | Electrical Shifting |
| 4 | Class of Contractor | "HT" Class Contractor |
| 5 | Approx. value of work | Rs. 16.77 Lakhs |
| 6 | Tender Cost | Rs. 6000.00 |
| 7 | Availability of Bid Documents in the website | From 10.00 Hours of 29.05.2026 to 4.00 Hours of 08.06.2026 |
| 8 | Date of Opening of Bid | Dt. 08.06.2026 at 4.30 Hours |
| 9 | Other details can be seen in the Bidding documents from the website | https://tendersorissa.gov.in |

Superintending Engineer,
Balasore (R&B) Division-II

OIPR-34001/34155/1/26-27/0001

**ODISHA HYDRO POWER CORPORATION LIMITED** 4001/110/2627
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST BALIMELA, DIST MALKANGIRI (ODISHA), PIN 764051
Phones: 06861-291058(O) / 06861-291048(R)
E-mail- bhep.balimela@gmail.com, unit.head_balimela@yahoo.com

**TENDER CALL NOTICE NO: BHEP/07/2026-27, DATED. ..05.2026**

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL NO | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 01 | HIRING OF 01 (ONE) NUMBER OF CLOSED LIGHT VEHICLE (TUV 300/ BOLERO / SUMO GOLD / ERTIGA) WITH SINGLE DRIVER PROVISION FOR 03 (THREE) YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty only) | Rs 17,500/- | From 25.05.2026 to up to 11.30 hrs on 08.06.2026 | 11:30 Hrs of 08.06.2026 | 12:00 Hrs of 08.06.2026 |

For details of the tender documents, terms & conditions please visit our website www.ohpcltd.com.

C&P Head
BHEP, Balimela

OIPR-4001/4019/1/26-27/0007

**"e" Procurement Notice for Tender Works** 19001/80/2627

| Sl No | Name of the Work | Estimated Cost in lakh | Class of Contractor | Bid identification No | Period for Completion |
|---|---|---|---|---|---|
| 1 | CONSTRUCTION OF ADDL. CLASSROOM AT GOVT. UPS MUKUNDASPUR | 1398123/- | D & Above | 01 / BPS /2026-27 | 6 months |

1. Availability of Tender Online for Bidding : Dt. 25.05.2026 from 11.00 AM to dt. 11.06.2026 at 05.00 PM
2. Last date & time of seeking Tender Clarification : Dt.08.06.2026 at 5.00 PM
3. Date & time of opening of Tender : Dt.18.06.2026 at 11.00 AM

Further details can be seen from the website www.tenderodisha.gov.in

Block Development Officer
Balipatna

OIPR-19001/19303/1/26-27/0001

**AFFIDAVIT**

By virtue of an affidavit sworn before Executive Magistrate / Notary Public) baripada, Mayurbhanj , Odisha sl no:458, dated 25.05.2026, I Apruva Mohanta, AT: kadalibadia, po: samakhunta, ps: baripada sadar, dist - Mayurbhanj , PIN - 757049 declare that I have changed my name from ritu mohanta to apruva mohanta. Henceforth, I shall be known as **Apruva Mohanta** for all purposes.

**AFFIDAVIT**

By virtue of an Affidavit resident before Notary Public, Malkangiri, I Besu Khil, aged about 80 Years, S/o.: Sarathi Khil, of village: Butiguda, PO.: Biralaxmanpur, P.S./Dist.: Malkangiri, Odisha declare by this Affidavit No.: 388/26, Dated: 22/05/2026 that I have changed my name from Benu Khil to Besu Khil. Henceforth I shall be known as **Besu Khil** for all future purposes.

**AFFIDAVIT**

By virtue of an affidavit (No. 3046, dtd- 22.04.2026) sworn before The Executive Magistrate, Bhadrak. I, **Bidyasagar Parida** (new name), S/o Late Nabakrishore Parida, resident of Vill/PO: Khadimahara, PS: Dhusuri, Dist: Bhadrak, State: Odisha, PIN: 756119, declare that I have changed my name from **Bimbadhar Parida to Bidyasagar Parida.** Henceforth, I shall be known as **Bidyasagar Parida** (new name) for all purposes.

**(Bidyasagar Parida)**

**AFFIDAVIT**

By virtue of an affidavit No-1272, sworn before The Executive Magistrate Jajpur on dtd- 27/01/2026. I, **Hemanta Malik,** S/o- Biswanath Malik, permanent resident of At-Falapur, Po- Haladidiha, Ps-Alakunda, Dist-Jajpur, Odisha Pin-755016, declare that my minor daughter's name change from **Priyashree Malik** (old name) to Priyashee Malik (new name). Henceforth, she shall be known as **Priyashee Malik** (new name) for all future purposes.

**Sd/- Hemanta Malik**

ସକାଳ THE SAKALA



### ଖତକୁରବାହାଲ ଅଞ୍ଚଳରେ ପୁଲିସର ଚଢ଼ଉ

# ୨ ଗିରଫ; ନିଶାଦ୍ରବ୍ୟ, ପଶୁମାଂସ, ମାରଣାସ୍ତ୍ର ଜବତ

**ରାଉରକେଲା, ୨୫।୫(ସମିସ)**

ଇଦ୍-ଉଲ୍-ଆଧା(ବକ୍ରିଦ୍) ପାଳନର ଅବ୍ୟବହିତ ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ କୁତ୍ରା ଥାନା ପୁଲିସ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ଖତକୁରବାହାଲ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ଉପରେ ବ୍ୟାପକ ଧରପଗଡ଼ କରାଯାଇଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତିଭୂଷଣ ଭୋଇ, କୁତ୍ରା ଥାନା ଅଧିକାରୀଙ୍କ ସମେତ ୪ ପ୍ଲାଟୁନ ପୁଲିସ ଫୋର୍ସ ଏହି ଧରପଗଡ଼ରେ ସାମିଲ ହୋଇଥିଲେ। ଖତକୁରବାହାଲ ଅଞ୍ଚଳରେ ଥିବା ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ଆଖଡ଼ାସ୍ଥଳୀ, ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ଏବଂ ନିଶା କାରବାରର ପେଣ୍ଠସ୍ଥଳି ଗୁଡିକରେ ପୁଲିସ ଦଳ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ଉକ୍ତ ଅଞ୍ଚଳର ଅପରାଧୀ ଓ ପୁଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପରାଧୀମାନେ



ଚଢ଼ଉକୁ ବିରୋଧ କରିବାକୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଛଢ଼ଉ ବେଳେ ପୁଲିସ ବହୁ ପରିମାଣରେ ନିଶାଦ୍ରବ୍ୟ, ୫୦ କିଲୋଗ୍ରାମର କଟା ପଶୁମାଂସ ଜବତ କରିବା ସହ ୨ଟି ମରଣାସ୍ତ୍ର, ୨ଟି ଓଜନ ମେସିନ ଏବଂ ଗୋଟିଏ ରେଫ୍ରିଜେଟର ଜବତ କରିଥିଲା। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଏନେଇ ଏସ୍‌ପି ଶ୍ରୀମତୀ କୌର କହିଛନ୍ତି, ସୁନ୍ଦରଗଡ଼ ପୁଲିସ ପକ୍ଷରୁ ସମ୍ପ୍ରତି ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ଆଖଡ଼ାସ୍ଥଳୀ, ଅପରାଧିକ କାର୍ଯ୍ୟକଳାପ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛି। ଏଥିପାଇଁ ଜିଲ୍ଲାର

**ଚଢ଼ଉ ବେଳେ ପୁଲିସ ଅପରାଧୀ ମୁହାଁମୁହିଁ**

ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ଉ ଜାରି ରହିଛି। ଅଭ୍ୟାସଗତ ଅପରାଧି ଏବଂ ଅସାମାଜିକ ବ୍ୟକ୍ତିଙ୍କ ଗିରଫଦାରୀ ଜାରି ରହିଛି। ଆଗାମୀ ଦିନରେ ଏହି ଚଢ଼ଉକୁ ଆହୁରି ବ୍ୟାପକ କରାଯାଇ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତୀ କୌର କହିଛନ୍ତି।

# ଷ୍ଟ୍ରିଟ୍ ଲାଇଟ୍ ଅଚଳ; ଅନ୍ଧାରରେ କେନ୍ଦ୍ରିକଳା ପଞ୍ଚାୟତର ଅନେକ ଗାଁ

**ବଣାଇଁ, ୨୫।୫(ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମପଞ୍ଚାୟତର କେନ୍ଦ୍ରିକଳା ଛକରୁ ମଧୁପୁର ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ଦୀର୍ଘ ଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଅଲେଖପୁର, ଗୁଡିଆଳି, ଉପରବାହାଳ, ଦରେଇକଳା ଭଳି ଅନେକ ଗୁଡ଼ିଏ ଗାଁ ସନ୍ଧ୍ୟା ହେବା ମାତ୍ରେ ଅନ୍ଧାରରେ ବୁଡି ରହୁଛି। ଯାହା ଫଳରେ ଲୋକେ ଯିବା ଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି



ଛାତ୍ରଛାତ୍ରୀମାନେ ଟିଉସନ ସାରି ଘରକୁ ଫେରିବା ବେଳେ ଭୟ କରୁଛନ୍ତି। ଅଦିନିଆ ବର୍ଷାରେ ସାପ, ପୋକ ବିଛାର ବେଶୀ ଭୟ ରହୁଛି। ଷ୍ଟ୍ରିଟ୍ ଲାଇଟ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ ବିଭିନ୍ନ କାରଖାନା କର୍ତ୍ତୃପକ୍ଷ ଦାୟିତ୍ୱ ନେଇଥିଲେ ମଧ୍ୟ ସେମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏପରିକି ଏହାସବୁ ପରେ ଚଳିତ ସପ୍ତାହରେ କାଳ ବୈଶାଖୀ ଯୋଗୁଁ ବାବୁ ନୁଆ ଗାଁ ଛକରୁ ଗୁଡିଆଳି ଏବଂ କେନ୍ଦ୍ରିକଳା ଛକରୁ ଦରେଇକଳା ପର୍ଯ୍ୟନ୍ତ ଲିଗିଥିବା ଷ୍ଟ୍ରିଟ୍ ଲାଇଟ୍‌ର ତାର ସବୁ ଛିଣ୍ଡି ରାସ୍ତା ଉପରେ ପଡ଼ି ରହିଛି। କେତେକ ସ୍ଥାନରେ ଲାଇଟ୍ ଭାଙ୍ଗି ଯାଇଥିବା ବେଳେ ଏବେ ପଞ୍ଚାୟତରର କେନ୍ଦ୍ରିକଳା, ଉପରପଡ଼ା, ମଧୁପୁର, ବାବୁ ନୁଆ ଗାଁ, ପଞ୍ଚାୟତ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ, ଯାହା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଏସବୁ ଅବ୍ୟବସ୍ଥା ଲାଗି ରହିଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଏସବୁର ମରାମତି କରିବାକୁ ଲୋକେ ଦାବି କରିଛନ୍ତି।

# ରାଉରକେଲା ପୁଲିସ ପକ୍ଷରୁ 'ସଣ୍ଡେ ଅନ୍ ସାଇକଲ'

### ଏସ୍‌ପି ଓ ଡିଆଇଜିଙ୍କ ସମେତ ଶତାଧିକ ପୁଲିସ ସାମିଲ

**ରାଉରକେଲା, ୨୫।୫(ସମିସ):** ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଓ ଫିଟନେସକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରବିବାର ସକାଳେ 'ସଣ୍ଡେ



ଅନ୍ ସାଇକେଲ' ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟଙ୍କ ସମେତ ଶତାଧିକ ପୁଲିସ କର୍ମଚାରୀ ଯୋଗଦେଇ ସାଇକ୍ଲୋଥୋନରେ ସାମିଲ ହୋଇଥିଲେ। ରବିବାର ସକାଳେ ରାଉରକେଲା ସହରର ମୁଖ୍ୟ ରାସ୍ତାରେ ଏହି ସାଇକେଲ ରାଲି ଆୟୋଜିତ ହୋଇଥିଲା। ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ନିଜେ ସାଇକେଲ ଚଳାଇ ଲୋକମାନଙ୍କୁ ଫିଟନେସ ପ୍ରତି ସଚେତନ ହେବାକୁ ବାର୍ତ୍ତା ଦେଇଥିଲେ। ତାଙ୍କ ସହ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ବିଭିନ୍ନ ପୁଲିସ ଅଧିକାରୀ, କର୍ମଚାରୀ ଓ ସହରବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏସପି ଶ୍ରୀ ୱାଧୱାନୀ କହିଥିଲେ, ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ଲୋକମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ନିୟମିତ ବ୍ୟାୟାମ ଓ ପରିବେଶବନ୍ଧୁ ଯାତାୟାତ ପ୍ରତି ସଚେତନତା ସୃଷ୍ଟି କରିବା। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟ 'ରାଇଡ୍ ଟୁଡେ, ଫିଟ୍ ଟୁମରୋ' ସ୍ଲୋଗାନକୁ ଅର୍ଥପୂର୍ଣ୍ଣ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

**କାଳବୈଶାଖୀ ତାଣ୍ଡବ**

# ଗଛ ଉପୁଡ଼ି ରାସ୍ତା ଅବରୋଧ, ଭାଙ୍ଗିଲା ଘର







**ରାଉରକେଲା, ୨୫।୫(ସମିସ):** ସୋମବାର ଅପରାହ୍ନରେ କାଳବୈଶାଖୀ ଯୋଗୁଁ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଅନେକ ଗଛ ଉପୁଡି ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ କେତେକ ସ୍ଥାନରେ ଘର ଭାଙ୍ଗିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଜି ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଘଡ଼ଘଡ଼ି ସହ ପ୍ରବଳ ପବନ, ବର୍ଷା ହେବା ଫଳରେ ରାଉରକେଲା ରିଙ୍ଗ ରୋଡରେ ଥିବା ବହୁ ସଂଖ୍ୟାରେ ଗଛ ଉପୁଡି ପଡ଼ିଥିଲା। ବିଶେଷକରି ସେକ୍ଟର - ୧, ସେକ୍ଟର - ୨ ଏବଂ ସେକ୍ଟର-୨୦ ଅଞ୍ଚଳରେ ବହୁ ସଂଖ୍ୟାରେ ଗଛ ଉପୁଡି ପଡ଼ି ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି। ସେକ୍ଟର-୨ର ବିଜୁ ପଟ୍ଟନାୟକ ଛକରୁ ରାଉରକେଲା କ୍ଲବ ଛକ ଏବଂ ସେକ୍ଟର - ୧୮ ଛକ ପର୍ଯ୍ୟନ୍ତ ଅନେକ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ସେହିପରି ସେକ୍ଟର-୧, ଏନଆଇଟି ରୋଡ ଅଞ୍ଚଳରେ ମଧ୍ୟ ଗଛ ଡାଳ ପଡ଼ି ରାସ୍ତା ଅବରୋଧ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଫଳରେ ଯାତାୟାତ ଏବଂ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେକ୍ଟର - ୧ ରେ ଏକ ଆମ୍ବଗଛ ଡାଳ ପଡ଼ି ଏକ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସେହିପରି ରାଉରକେଲା ହାଉସ ଛକ ନିକଟରେ ପାର୍କିଂ ହୋଇଥିବା ଏକ ଅଟୋରିକ୍ସା ଉପରେ ଏକ ଗଛ ପଡ଼ି କ୍ଷତିଗ୍ରସ୍ତ ହୋଇଛି। ସେକ୍ଟର - ୧ ଏବଂ ସେକ୍ଟର-୨ ମଧ୍ୟରେ ଅବସ୍ଥିତ ଖାରିଆ ବାହାଲ ବସ୍ତିରେ ଅନେକ ଅଞ୍ଚଳରେ ଗଛ ଉପୁଡ଼ି ପଡ଼ିବା ସହ ଗଛର ଡାଳ ଭାଙ୍ଗି ବ୍ୟାପକ କ୍ଷତି ହୋଇଛି। ଏପରିକି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଶିଳ୍ପ ସହରର ସେକ୍ଟର - ୧ ଏବଂ ସେକ୍ଟର-୨ ସମେତ କିଛି ଅଞ୍ଚଳରେ ପ୍ରବଳ ପବନ ଏବଂ ବର୍ଷା ସହିତ କୁଆପଥର ବର୍ଷା ହୋଇଥିବା ଜଣାପଡ଼ିଛି। ସେକ୍ଟର - ୨ ସ୍ଥିତ ଦୁର୍ଗା ପୂଜା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା 'ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର' କାର୍ଯ୍ୟକ୍ରମର ପ୍ରସ୍ତୁତି ମଧ୍ୟ କାଳବୈଶାଖୀ ଝଡ଼ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ସେକ୍ଟର - ୨୦ ସ୍ଥିତ ଡବଲ-ମହଲା ମାର୍କେଟ୍ ଏବଂ ଚିପ୍ ଟାଇପ୍ ମାର୍କେଟ୍ ଅଞ୍ଚଳରେ ଅନେକ ଗଛ ଉପୁଡ଼ି ପଡ଼ିବା ସହ ଡାଳ ଭାଙ୍ଗି ପଡ଼ିଛି। ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ କିଛି ଲୋକ ଆହତ ହୋଇଥିବା ସୂଚନା ମିଳିଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ନଗର ପ୍ରଶାସନ ଏବଂ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଆରମ୍ଭ କରିଛନ୍ତି।

# ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୨୫।୫ (ସମିସ):** ରାଉରକେଲା ଇସ୍ପାତ କାରଖାନାର କ୍ରୀଡ଼ା ବିଭାଗ ପକ୍ଷରୁ ଉଦୀୟମାନ ପ୍ରତିଭାମାନଙ୍କ ପାଇଁ ଆୟୋଜିତ ଏକ ବୃହତ କ୍ରୀଡ଼ା ଇଭେଣ୍ଟ '୩୯ତମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର-୨୦୨୬' ମଇ ୨୫ ତାରିଖ ଦିନ ଇସ୍ପାତ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଆର୍‌ଏସ୍‌ପିର ସିଜିଏମ୍(ଟିଇଆଣ୍ଡ ହର୍ଟିକଲଚର୍) ବି.କେ. ଜୋଜୋ ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ଜିଏମ୍(ପିଏଚ୍, ଏସ୍‌ଡବ୍ଲ୍ୟୁ. ଆଣ୍ଡ ଏୟାରପୋର୍ଟ) ଜେପି ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଶ୍ରୀ ଜୋଜୋ ଭବିଷ୍ୟତରେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବା ଏବଂ ଏକ ସୁସ୍ଥ ଜୀବନଶୈଳୀ ଅତିବାହିତ କରିବା ପାଇଁ ଅଂଶଗ୍ରହଣକାରୀଙ୍କୁ ନିଷ୍ଠା, ଶୃଙ୍ଖଳା ଏବଂ କ୍ରୀଡ଼ାବିତ୍ ମନୋଭାବ ସହ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ



ଅତିଥି ପ୍ରଶିକ୍ଷକ ଏବଂ ସେମାନଙ୍କ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବ ଶେଷରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଅବତରଣ କରି ୩୯ତମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର-୨୦୨୬ର ସମାପ୍ତି ଘୋଷଣା କରିଥିଲେ। ପୂର୍ବରୁ ଜେପି ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଶିବିର ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସିଲିକନ୍ ଷ୍ଟିଲ୍ ମିଲ୍‌ର ଜୁନିୟର ଇଞ୍ଜିନିୟର ଅନିଲ ମଲ୍ଲିକ ଏହି କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ଆର୍‌ଏନ୍ ପାଢ଼ୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଚଳିତ ମାସ ୫ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ରାଉରକେଲା ସମେତ ଆଖପାଖ ଅଞ୍ଚଳର ୧୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ବିଶେଷଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା।

# ସେକ୍ଟର-୧୮ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ

**ରାଉରକେଲା, ୨୫।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପାତଞ୍ଜଳି ଯୋଗ ପରିବାର ଦ୍ୱାରା ସଞ୍ଚାଳିତ ସେକ୍ଟର-୧୮ ସ୍ଥିତ ସୋସିଆଲ ହୋମ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରେଖା ନାୟକଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ କରାଯାଥିଲା। ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦ୍ରର ଯୋଗ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରତ ସ୍ୱାଭିମାନ ନ୍ୟାସର ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ଯୋଗର ଆବଶ୍ୟକତା ଓ ବ୍ୟକ୍ତି, ପରିବାରର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତମ୍ବିନୀ ସ୍ୱାଇଁ, ଜିଲ୍ଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ପିୱାଇଏସ୍ ଜିଲ୍ଲା ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲ୍ଲା କିଷାନ ପ୍ରଭାରୀ ପୀତବାସ ପ୍ରଧାନ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ଯୋଗ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ପାଢ଼ୀ ଯୋଗ ସୁସ୍ଥ ଓ ନିରୋଗ ଜୀବନ ପାଇଁ ବିନା ଅର୍ଥରେ ଏକମାତ୍ର ମାର୍ଗ ବୋଲି କହିଥିଲେ। କେନ୍ଦ୍ରର ଯୋଗ ପରିଚାଳିକା କଳ୍ପନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳିକା ବିଷ୍ଣୁ ପ୍ରିୟା ଦାଶ ସଞ୍ଚାଳନ କରିଥିଲେ। ମହିଳା ଜିଲ୍ଲା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଯୋଗ ଶିକ୍ଷୟିତ୍ରୀ ତପସ୍ୱିନୀ ପଣ୍ଡା, ମମତା ରାଉତ, ଆଶାଲତା ସାହୁ, ସବିତା ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ କଳ୍ପନା ପଣ୍ଡା, ସନ୍ତୋଷୀ, ଦମୟନ୍ତୀ ବେହେରା, ରଶ୍ମି ମହାପାତ୍ର, ସ୍ୱର୍ଣ୍ଣ ରାଉତ, ମିରା, ଉମା, କବିତା ବେହେରା, ସ୍ୱର୍ଣ୍ଣଲତା ରାଉଳ, ସୁଜାତା ସାମଲ ଓ ରେଣୁବାଳା ଏବଂ ସନ୍ତୋଷୀ ସୋଲୋଙ୍କ ଦ୍ୱାରା ୨ ଟି ଯୋଗ ନୃତ୍ୟ ପରିବେଷିତ ହୋଇଥିଲା।

# ହେମଗିର ବ୍ଲକ ପରିସରରେ ଯୁଗ୍ମ ଜନଶୁଣାଣି



**ରାଉରକେଲା, ୨୫।୫ (ସମିସ):** ହେମଗିର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୫ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ଅକ୍ସିଜେନ୍ ପ୍ଲାଣ୍ଟର ରେକର୍ଡ ରାଜସ୍ୱ ସଂଗ୍ରହ



**ରାଉରକେଲା, ୨୫।୫(ସମିସ):** ଉଚ୍ଚ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବା ସହ ନିରବଚ୍ଛିନ୍ନ ଇସ୍ପାତ ଉତ୍ପାଦନକୁ ନିଶ୍ଚିତ କରିବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପୁନଃ ପ୍ରତିପାଦିତ କରି ଆରଏସପିର ଅକ୍ସିଜେନ୍ ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଉତ୍କୃଷ୍ଟ ରାଜସ୍ୱ ସଂଗ୍ରହ, ନିଜସ୍ୱ ପାରଦର୍ଶିତା ଉପଯୋଗରେ ପ୍ରମୁଖ ରକ୍ଷଣାବେକ୍ଷଣ କାର୍ଯ୍ୟର ସଫଳ ରୂପାୟନ ପ୍ରମୁଖ କମିଶନିଂ କାର୍ଯ୍ୟରେ ଏହି ବିଭାଗ କାରଖାନାର ସାମଗ୍ରିକ ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଅକ୍ସିଜେନ୍ ପ୍ଲାଣ୍ଟ ବାହ୍ୟ ସଂସ୍ଥାଗୁଡ଼ିକୁ ତରଳ ଗ୍ୟାସ୍ ବିକ୍ରୟ କରି ଯଥେଷ୍ଟ ରାଜସ୍ୱ ସଂଗ୍ରହ କରିପାରିଛି। ସମୁଦାୟ ୭୧୨ ଟନ୍ ତରଳ ଆର୍ଗନ୍ ବିକ୍ରୟ କରାଯାଇ ୩.୬୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି। ଏହା ବ୍ୟତୀତ ୪୧୯ ଟନ୍ ତରଳ ନାଇଟ୍ରୋଜେନର ବିକ୍ରୟରୁ ୧୧.୭୫ ଲକ୍ଷ ଟଙ୍କା ଆୟ ହୋଇଛି। ଏକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ସଫଳତା ସ୍ୱରୂପ ଏଏସ୍‌ୟୁ-୩ ରେ ଥିବା ମଲିକ୍ୟୁଲାର ସିଭ୍ ବେଡ୍-ଏ ୱେଟ୍ ଏୟାର୍ ଇନଲେଟ୍ ଭାଲ୍ଭକୁ ପ୍ରଥମ ଥର ପାଇଁ ନିଜସ୍ୱ ସମ୍ବଳ ବ୍ୟବହାର କରି ବଦଳାଯାଇଛି। ଯାହା ଜଟିଳ ରକ୍ଷଣାବେକ୍ଷଣ ପାଇଁ କମ୍ ସମୟ ମଧ୍ୟରେ କାର୍ଯ୍ୟ ସମ୍ପାଦନ ସୁନିଶ୍ଚିତ କରିଛି। ଅତ୍ୟାବଶ୍ୟକ ଗ୍ୟାସ୍ ଏବଂ ୟୁଟିଲିଟି ଯୋଗାଣ ଲାଇନଗୁଡ଼ିକର ଆନ୍ତଃସଂଯୋଗ କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରି ଏସଏମଏସ-୨ ଠାରେ କାଷ୍ଟର-୪ର କମିସନିଂକୁ ସହଜ କରିବାରେ ଅକ୍ସିଜେନ୍ ପ୍ଲାଣ୍ଟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅକ୍ସିଜେନ୍, ନାଇଟ୍ରୋଜେନ୍, ଆର୍ଗନ୍, ପ୍ରୋପେନ୍ ଏବଂ କମ୍ପ୍ରେସଡ୍ ଏୟାର୍ ପାଇଁ ଆନ୍ତଃ ସଂଯୋଗ ସ୍ଥାପନ କରାଯାଇଥିଲା, ଯାହା ନୂତନ କାଷ୍ଟର ୟୁନିଟ୍‌ର ସହଜ ସମନ୍ୱୟ ଏବଂ ପ୍ରସ୍ତୁତିକୁ ସୁନିଶ୍ଚିତ କରିଛି। ବିଧିବଦ୍ଧ ଅନୁପାଳନ ଏବଂ ସୁରକ୍ଷା ପ୍ରସ୍ତୁତିକୁ ସୁଦୃଢ଼ କରି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରଥମ ଥର ପାଇଁ ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବା ପକ୍ଷରୁ ତିନୋଟି ଅଗ୍ନି ସୁରକ୍ଷା ପ୍ରମାଣପତ୍ର ହାସଲ କରି ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରୋପେନ୍ ପ୍ଲାଣ୍ଟ-୨, ପ୍ରୋପେନ୍ ପ୍ଲାଣ୍ଟ-୩ ଏବଂ ଏଏସ୍‌ୟୁ-୧, ଏଏସ୍‌ୟୁ-୨ ଓ ଏଏସ୍‌ୟୁ-୩ ପାଇଁ ଏହି ପ୍ରମାଣପତ୍ର ଗୁଡ଼ିକ ସୁରକ୍ଷିତ କରାଯାଇଛି, ଯାହା ସୁରକ୍ଷା ବ୍ୟବସ୍ଥା ଏବଂ ନିୟାମକ ଅନୁପାଳନ ପ୍ରତି ବିଭାଗର ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଅକ୍ସିଜେନ୍ ଏବଂ ଅନ୍ୟାନ୍ୟ ଶିଳ୍ପଭିତ୍ତିକ ଗ୍ୟାସ୍ ଆଧୁନିକ ଇସ୍ପାତ ଗଠନ ପ୍ରକ୍ରିୟାର ଜୀବନରେଖା ସଦୃଶ ଅଟେ। ଯାହା କନଭର୍ଟର, କଣ୍ଟିନିଉଅସ୍ କାଷ୍ଟିଂ, କଟିଂ କାର୍ଯ୍ୟ ଏବଂ ବିଭିନ୍ନ ୟୁଟିଲିଟି ସେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରାଜସ୍ୱ ସଂଗ୍ରହ, ବୈଷୟିକ ରକ୍ଷଣାବେକ୍ଷଣର ଶ୍ରେଷ୍ଠତା, ରଣନୀତିକ ପ୍ରକଳ୍ପ ସହାୟତା ଏବଂ ସୁରକ୍ଷା ପ୍ରମାଣପତ୍ର କ୍ଷେତ୍ରରେ ଏହାର ଚିତ୍ତାକର୍ଷକ ପ୍ରଦର୍ଶନ ସହିତ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ୍ ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉନ୍ନତ ଦକ୍ଷତା ଏବଂ ସ୍ଥାୟୀ କାର୍ଯ୍ୟ ପ୍ରଣାଳୀ ଦିଗରେ ଏକ ଦୃଢ଼ ଅବଦାନ ରଖିଛି।

### ଯୁବ ସଙ୍ଗମ ପର୍ଯ୍ୟାୟ-୬ କାର୍ଯ୍ୟକ୍ରମ

# ଗୁଜୁରାଟର ପ୍ରତିନିଧି ଦଳକୁ ଏନ୍‌ଆଇଟି ପକ୍ଷରୁ ସ୍ୱାଗତ

**ରାଉରକେଲା, ୨୫।୫(ସମିସ)**

ଯୁବ ସଙ୍ଗମ ପର୍ଯ୍ୟାୟ-୬ କାର୍ଯ୍ୟକ୍ରମ ଅଧୀନରେ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଅହମ୍ମଦାବାଦର ପାଞ୍ଚ ଜଣ ସମନ୍ୱୟ ଅଧିକାରୀଙ୍କ ସହିତ ଗୁଜରାଟର ୩୯ ଜଣ ଯୁବ ଅଂଶଗ୍ରହଣକାରୀଙ୍କ ଏକ ପ୍ରତିନିଧି ଦଳ ଓଡ଼ିଶାକୁ ଛଅ ଦିନିଆ ଗସ୍ତରେ ଆସିଥିବା ବେଳେ ସେମାନଙ୍କୁ ଏନ୍‌ଆଇଟି ରାଉରକେଲା ପକ୍ଷରୁ ବିପୁଳ ସ୍ୱାଗତ କରାଯାଇଥିଲା। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି ଯୁବ ସଙ୍ଗମ ପର୍ଯ୍ୟାୟ-୬ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାରୁ ନୋଡାଲ ପ୍ରତିଷ୍ଠାନ ଭାବରେ ଏନ୍‌ଆଇଟି ରାଉରକେଲାକୁ ମନୋନୀତ କରାଯାଇଛି। ଯୁବ ସଙ୍ଗମ ଓଡ଼ିଶାର ନୋଡାଲ ଅଧିକାରୀ ପ୍ରଫେସର ୱିନି ରାଉତରାୟଙ୍କ ମାର୍ଗଦର୍ଶନରେ ଏନ୍‌ଆଇଟି ରାଉରକେଲାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରଛାତ୍ରୀଙ୍କ ସହିତ ଆସିଥିବା ଆଇଆଇଏମ ଅହମ୍ମଦାବାଦର ପ୍ରତିନିଧି ଦଳରେ ସଂଯୋଜକ ରେଭେନ୍ଦ୍ର ଭାଘେଲା, ସୁମନ୍ତ ମିଶ୍ର, ଦିବ୍ୟା ବିଜୁ, ଗୋମଥି ମୁଦାଲିଆର ଏବଂ ସୁନୀଲକୁମାର ମନୁଭାଇ ପଟେଲ ପ୍ରମୁଖ ରହିଛନ୍ତି। ଏହି ଦଳ ଆଜି ଭୁବନେଶ୍ୱରରୁ ତେଜସ ରାଜଧାନୀ ଏକ୍ସପ୍ରେସ ଯୋଗେ ଆସି ରାଉରକେଲାରେ ପହଞ୍ଚିବା ପରେ ସ୍ଥାନୀୟ କଳାକାର ଏବଂ ସ୍ୱେଚ୍ଛାସେବକଙ୍କ ଦ୍ୱାରା ଢୋଲ ବାଦ୍ୟ ଓ ପାରମ୍ପରିକ ନୃତ୍ୟର ତାଳେ ତାଳେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ଏନ୍‌ଆଇଟି ରାଉରକେଲାରେ ପ୍ରମୁଖ କ୍ୟାମ୍ପସ ସୁବିଧା ଏବଂ ନବସୃଜନ ଇକୋସିଷ୍ଟମ, ଫାଉଣ୍ଡେସନ ଫର୍ ଟେକ୍ନୋଲୋଜି ଆଣ୍ଡ ବିଜନେସ୍ ଇନକ୍ୟୁବେସନ୍ (ଏଫଟିବିଆଇ) ଏବଂ ଛାତ୍ର କାର୍ଯ୍ୟକଳାପ ସ୍ଥାନ ଆଦି ବୁଲି ଅନୁଧ୍ୟାନ କରିଥିଲେ। ଗୁଜୁରାଟର ଏହି ପ୍ରତିନିଧି ଦଳ ସହିତ ଆଲୋଚନା କରି ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଏପରି ପଦକ୍ଷେପ ଭାରତର ଯୁବପିଢ଼ିଙ୍କ ମଧ୍ୟରେ ସାଂସ୍କୃତିକ ବୁଝାମଣାକୁ ସୁଦୃଢ଼ କରିବା ଏବଂ ଲୋକ-ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ପାଇଁ ଏକ ଚମତ୍କାର ପ୍ରୟାସ। ସୂଚନାଯୋଗ୍ୟ, ଏହି ଛଅ ଦିନିଆ ଏକ୍ସପୋଜର କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ସାରା ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ସାଂସ୍କୃତିକ, ଐତିହାସିକ ଏବଂ ଗ୍ରାମୀଣ ବିକାଶ ସ୍ଥାନ ପରିଦର୍ଶନ କରିବେ। ଦ୍ୱିତୀୟ ଦିନରେ ପ୍ରତିନିଧି ଦଳ ରାଉରକେଲା





ଇସ୍ପାତ କାରଖାନା, ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଏବଂ ରାଉରକେଲାର ଜନଜାତି ସଂଗ୍ରହାଳୟ ପରିଦର୍ଶନ କରି ଏହି ଅଞ୍ଚଳର ଶିଳ୍ପ ଅଭିବୃଦ୍ଧି ଏବଂ ଜନଜାତି ଐତିହ୍ୟକୁ ବୁଝିବେ। ତୃତୀୟ ଦିନରେ ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ଏବଂ କୋଣାର୍କ ପରିଦର୍ଶନ କରିବେ। ଏହାସହ ସେମାନେ ଓଡ଼ିଶାର ରାଜ୍ୟପାଳ ହରି ବାବୁ କାମ୍ଭମପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଚତୁର୍ଥ ଦିନରେ, ଅଂଶଗ୍ରହଣକାରୀମାନେ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ପ୍ରାକୃତିକ କୃଷି ପ୍ରଥା ଏବଂ ଗ୍ରାମୀଣ ଜୀବିକା ପଦକ୍ଷେପ ବିଷୟରେ କିଷାନ ସାଥୀ ଫାଉଣ୍ଡେସନ ସହ ଆଲୋଚନା କରିବେ। ସେମାନେ ପରିବେଶ ସଚେତନତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରି 'ଏକ ପେଡ୍ ମା କେ ନାମ' ରୋପଣ ଅଭିଯାନରେ ମଧ୍ୟ ଅଂଶଗ୍ରହଣ କରିବେ। ପଞ୍ଚମ ଦିନରେ ପ୍ରତିନିଧିମଣ୍ଡଳୀ ସମ୍ବଲପୁର ଯାତ୍ରା କରି ସମଲେଶ୍ୱରୀ ମନ୍ଦିର ଏବଂ ହୀରାକୁଦ ଡ୍ୟାମ୍ ପରିଦର୍ଶନ କରିବେ। ଛାତ୍ରଛାତ୍ରୀମାନେ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପରମ୍ପରା ବିଷୟରେ ଅନ୍ତର୍ଦୃଷ୍ଟି ପାଇବା ପାଇଁ ବୈଜାମୁଣ୍ଡା ଗ୍ରାମର କାରିଗର ଏବଂ ବୁଣାକାର ସମ୍ପ୍ରଦାୟଙ୍କ ସହିତ ଆହୁରି ଆଲୋଚନା କରିବେ। କାର୍ଯ୍ୟକ୍ରମ ଷଷ୍ଠ ଦିନରେ ଏକ ବିଦାୟ ସମାରୋହ ଏବଂ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ (ସିଆଇଆଇଏଲ)ର ବିଶିଷ୍ଟ ଅତିଥି ଏବଂ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବେ। ଯେଉଁଠାରେ ଅଂଶଗ୍ରହଣକାରୀମାନେ ବିନିମୟ କାର୍ଯ୍ୟକ୍ରମର ପ୍ରତିଫଳନ ଏବଂ ଅଭିଜ୍ଞତା ବାଣ୍ଟିବେ ବୋଲି ସୂଚନା ମିଳିଛି।

## ପଲସାଗୋରା ପଞ୍ଚାୟତରେ ଅଭିଯୋଗ ଶୁଣାଣି

# ସମସ୍ୟା ଆଗରେ ଖରା ତୁଚ୍ଛ






ବୌଦ୍ଧ/କଣ୍ଟାମାଳ/ମନମୁଣ୍ଡା/ପଲସାଗୋରା,୨୫।୫ (ସମିସ):ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲସାଗୋରା ପଞ୍ଚାୟତ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ପ୍ରଚଣ୍ଡ ଖରା ସତ୍ତ୍ୱେ ଲୋକଙ୍କ ଗହଳି ହୋଇଥିଲା। ନିଜର ସମସ୍ୟା ତଥା ଆପତ୍ତି, ଅଭିଯୋଗ ଜଣାଇବାକୁ ଲୋକେ ଡହ ଡହ ଖରାରେ ମଧ ଘରୁ ବାହାରି କାର୍ଯ୍ୟକ୍ରମକୁ ଆସିଥିଲେ। ନିଜ ସମସ୍ୟା ଆଗରେ ଖରା ବା ତାତି ସେମାନଙ୍କ ଲାଗି ତୁଚ୍ଛ ଥିଲା।



ଏହି ଅଭିଯୋଗ ଶୁଣାଣି ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧକ୍ଷତା କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଜିଲ୍ଲାର ସମସ୍ତ ଗ୍ରାମ, ସହର, ଜନବସତିରେ ତୁରନ୍ତ ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ସମର୍ପିତ ଭାବେ ଜନସାଧାରଣଙ୍କୁ ସମସ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ୫୨ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି ହୋଇଥିଲା। ୨୩ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୧୦ ଜଣ ଅସହାୟ ବୃଦ୍ଧବୃଦ୍ଧା ଏବଂ ବିଧବାଙ୍କୁ ନୂତନ ମାସିକ ଭତ୍ତା କାର୍ଡ ଓ ନଗଦ ଅର୍ଥ ପ୍ରଦାନ କରିଥିଲେ। ୨ ଜଣ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ କଣ୍ଟାମାଳ ବିଡ଼ିଓ ସାମ୍ଭୀ ରେ‡ୀ ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତି ରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

- ସମର୍ପିତ ଭାବ ନେଇ ଲୋକଙ୍କୁ ମୌଳିକ ସେବା ଯୋଗାଇବାକୁ ପରାମର୍ଶ
- ୫୨ ବ୍ୟକ୍ତିଗତ, ୮ ଗୋଷ୍ଠୀଗତ ଅଭିଯୋଗର ଶୁଣାଣି
- ୨୩ଟି ଅଭିଯୋଗର ତୁରନ୍ତ ସମାଧାନ ହେଲା
- ୧୦ ଜଣ ଅସହାୟ ବୃଦ୍ଧବୃଦ୍ଧା ଏବଂ ବିଧବାଙ୍କୁ ଭତ୍ତା ପ୍ରଦାନ
- ୨ ଜଣ ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ ମିଳିଲା

## ● ଡୁଙ୍ଗୁରିପାଲି ବ୍ଲକ୍‌ରେ ୬୯ ଅଭିଯୋଗର ଶୁଣାଣି

# ମାତ୍ର ଗୋଟିଏ ଅଭିଯୋଗର ସମାଧାନ ହେଲା



ଡୁଙ୍ଗୁରିପାଲି,୨୫।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗରିପାଲି ବ୍ଲକ୍ ଚେରୁପାଲି ପଞ୍ଚାୟତ କାର୍ଯ୍ୟାଳୟରେ ମଧ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା।

ଏହି ଶିବିରରେ ଜିଲ୍ଲାପାଳ ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ରଣା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ୬୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୨ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଅଭିଯୋଗ ଉପରେ ଦରଖାସ୍ତ ଥିଲା। ମାତ୍ର ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠା ଯାଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ତହସିଲଦାର ରୋହିତ ବାଗ, ସରପଞ୍ଚ ଦିଲୀପ କଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ସଂଜୀବ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରଣୀ ଦାସ, ସହାୟକ କଲେକ୍ଟର (ଅଭିଯୋଗ) ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧରେ ପ୍ରଥମ ଏଲାଇଟ୍ ସ୍ଲିଙ୍ଗସଟ ଚାମ୍ପିଅନସିପ୍




ବୌଦ୍ଧ,୨୫।୫ (ସମିସ): ବୌଦ୍ଧ ବ୍ଲକ୍ ତେତେଲେଙ୍ଗାସ୍ଥିତ ଗୌରୀଶଙ୍କର ଇଂରାଜୀ ମାଧ୍ୟମ ମିଡିୟମ ସ୍କୁଲ ପରିସରରେ ପ୍ରଥମ ଏଲାଇଟ୍ ସ୍ଲିଙ୍ଗସଟ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଛି। ସ୍ଲିଙ୍ଗ ସର୍ଟ ଓଡିଶା ସହ ବନ୍ଧିତ ବୌଦ୍ଧ ଜିଲ୍ଲା ସ୍ଲିଙ୍ଗସର୍ଟ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ସୁବାଷ ଚନ୍ଦ୍ର ମହାକୁଳ ଯୋଗ ଦେଇଥିଲେ। ଆସୋସିଏସନ ସଭାପତି ରାଜକିଶୋର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ସପନ ମିଶ୍ର, ରାଜ୍ୟ ସଂଯୋଜକ ଦୀପକ ସାମନ୍ତରାୟ, ଅଧାପକ ଡ. ବ୍ରମ୍ହାନନ୍ଦ ନାଏକ, ବୌଦ୍ଧ ପଞ୍ଚାୟତ କଲେଜର କ୍ରୀଡା ଶିକ୍ଷକ ଲମ୍ବୋଦର ପୁରୋହିତ, ସାମ୍ବାଦିକ ସତ୍ୟଜିତ ପଣ୍ଡା ଯୋଗ ଦେଇଥିଲେ। ଜିଲ୍ଲା ସ୍ଲିଙ୍ଗସର୍ଟ ଆସୋସିଏସନ୍ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ ସଂଘର ବିବରଣୀ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ତଥା ସାହିତ୍ୟିକ ନବ କିଶୋର ଦୀପ ସଭା ସଂଯୋଜନା କରିଥିଲେ। ସ୍ଲିଙ୍ଗ ସର୍ଟ ବା ବାଟୁଳି ଖେଳ ଉପରେ ରାଜ୍ୟ ସଂଘର କର୍ମକର୍ତ୍ତା ଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ଶେଷରେ କ୍ରୀଡା ଶିକ୍ଷକ ସୁଧୀର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିଙ୍ଗ ପାନୀୟ ଜଳ ପ୍ରକଳ୍ପକୁ ଖାଇଗଲା ରେଳ ପ୍ରକଳ୍ପ

# ବିକଳ୍ପ ବ୍ୟବସ୍ଥା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ




ବୌଦ୍ଧ,୨୫।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବାରିଙ୍ଗ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଗ୍ରାମର ଉକ୍ରଟ ପାନୀୟ ଜଳ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ୨୦୧୪ ମସିହାରୁ ଗ୍ରାମରେ ପ୍ରତିଷ୍ଠା ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଖୋର୍ଦ୍ଧା-ବଲାଙ୍ଗୀର ରେଳ ରାସ୍ତା ନିର୍ମାଣରେ କ୍ଷତିଗ୍ରସ୍ତ ହୋଇଛି। ଏହାଫଳରେ ଲୋକେ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ନୂତନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨୦୨୩ ମସିହାରେ ତତ୍କାଳୀନ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଅମାତ ବିଭାଗୀୟ ଅଧିକାରୀଙ୍କୁ ସୁପାରିଶ କରିଥିଲେ ମଧ ଆଜିଯାଏଁ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କଲାନାହି। ତେଣୁ ଗ୍ରାମବାସୀ ଆଜି ବୌଦ୍ଧ ଆସି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଦାବିପତ୍ରରେ ଅନୁରୋଧ କରିଥିଲେ।

# ଡକାୟତି ଉଦ୍ୟମ ବେଳେ ଧରାପଡ଼ିଲେ ୫ ଅଭିଯୁକ୍ତ

ତରଭା,୨୫।୫(ସମିସ): ଡକାୟତି ଉଦ୍ୟମ କରୁଥିବା ବେଳେ ତରଭା ପୁଲିସ ୫ ଜଣଙ୍କୁ ଧରିଛି। ଏମାନେ ହେଲେ ବଲାଡି ଗ୍ରାମର ଦିଗନ୍ତ ପଧାନ (୨୬), ରାକେଶ ସାହୁ (୨୩), ଖମ୍ବେଶ୍ୱରିପାଲିର ସାଗର ସାହୁ (୨୩) ଏବଂ ଅନ୍ୟ ୨ ଜଣ ନାବାଳକ। ଶିବତୁଲା-ମେଣ୍ଡା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୁତ୍ରରୁ ଖବର ପାଇ ପୁଲିସ ଏମାନଙ୍କୁ ଧରିଛି। ମେଣ୍ଡା ଫାଣ୍ଡି ଅଧୀନ ପୁଆ ଗ୍ରାମ ନିକଟସ୍ଥ ମେଟାକାନି ମନ୍ଦିର ପାଖରେ ଏମାନେ ଡକାୟତି ଉଦ୍ୟମ କରୁଥିଲେ। ଏମାନଙ୍କଠାରୁ ୨ଟି ଛୁରି, ଲୁହାରଡ୍, ରସି, ବାଡି, ଲଙ୍କା ଗୁଣ୍ଡ, ମାକ୍ସ, ୬ଟି ବିୟର ବୋତଲ ଓ ୨ଟି ବାଇକ୍ ଜବତ ହୋଇଛି। ଅଭିଯୁକ୍ତଙ୍କୁ ବିଚାର ବିଭାଗିୟ ହାଜତକୁ ପଠାଯାଇଛି। ତରଭା ଥାନା ଆଇଆଇସି ଡୋଳାମଣୀ ନାଏକ, ଏଏସ୍‌ଆଇ ସୁଧିର ଜେନା, ଏଏସଆଇ ସୁଶୀଲ ବିଶି, ନିରୁପମା ସ୍ୱାଁଇ, କୈଳାଶ ଭୋଇ, ଗୋପୀନାଥ ସାହୁ ପ୍ରମୁଖ ଏମାନଙ୍କୁ ଧରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

**ଅଭିଯୁକ୍ତଙ୍କ ମଧ୍ୟରେ ୨ ନାବାଳକ**

# ବାଟୋଇଙ୍କ ଶୋଷ ମେଣ୍ଟାଇଲେ ସ୍କୁଲ ଛାତ୍ରୀ



ଡୁଙ୍ଗୁରିପାଲି, ୨୫।୫(ସମିସ): ସର୍ଗୁଲ ବାଲୁଙ୍କେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟ ଜୁନିଅର ରେଡକ୍ରସ୍ ୟୁନିଟ୍ ଛାତ୍ରୀମାନେ ବାଟୋଇଙ୍କ ଶୋଷ ମେଣ୍ଟାଇଛନ୍ତି। ସମସ୍ତେ ମିଶି ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଯାଉଥିବବା ଲୋକଭ୍‌କୁ ଦହି ପାଣି ବାଣ୍ଟିଥିଲେ।

ପ୍ରଶାନ୍ତ ପାଣ୍ଡେ, ସମିତି ସଭ୍ୟ ପୁରନ୍ଦର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଜଳଛତ୍ରର ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ସୁନୀଲ ସାହୁ, ଜୁନିୟର ରେଡକ୍ରସ ପରାମର୍ଶଦାତା ତଥା ବିସିସି ନିମାଇଁ ଚରଣ ମଲ୍ଲିକ, ଶିକ୍ଷକ ପ୍ରଫୁଲ୍ଲ ସାହୁ, ଗୋପାଳକୃଷ୍ଣ ସାହୁ, ସନ୍ତୋଷ ମେହେର, ବଳଦେବ ସ୍ୱାଇଁ, ଧନପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ୨୧ତମ ଲୋକକଳା ଉତ୍ସବ ଉଦ୍‌ଯାପିତ



କଣ୍ଟାମାଳ,୨୫।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ହରିଶଙ୍କର କଳା ମଣ୍ଡପଠାରେ ଗତ ୨୦ତାରିଖଠାରୁ ଦୀର୍ଘ ୫ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ୨୧ତମ ଲୋକକଳା ଉତ୍ସବ ଉଦ୍‌ଯାପିତ ହୋଇଛି। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, କଳାକାର ଶୁଚିସ୍ମିତା ମହାପାତ୍ର, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆବାହକ ଦିବ୍ୟଶଙ୍କର ରାଉତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ରଞ୍ଜନ ପାତ୍ର ଅତିଥି ପରିଚୟ ଦେଇଥିଲେ। ଏହିଅବସରରେ ମଞ୍ଚାସୀନ ଅତିଥିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିର ଆଲୋକ ବିଷୋୟୀ ଓ ସାଥୀ କଳାକାରଙ୍କ ପଶୁମୁଖା ନୃତ୍ୟ, ରାୟଗଡ଼ା ଗାୟତ୍ରୀ କଳା ଅନୁଷ୍ଠାନର ଢେମଶା ନୃତ୍ୟ, ଫୁଲବାଣୀ ନଟରାଜ କଳା ମନ୍ଦିରର ଓଡିଶୀ ଓ କୁଇନାଚ, ସମ୍ବଲପୁରୀ ନୃତ୍ୟ ଏବଂ ରାଜୁ ନନ୍ଦ ଓ ଟ୍ୱିଙ୍କିଲଙ୍କ ଲୋକଗୀତକୁ ମନଭରି ଉପଭୋଗ କରିଥିଲେ। ସେହିଭଳି ମୟୁରଭଞ୍ଜର ଡ କୃପାସିନ୍ଧୁ ମହନ୍ତ, ଟିଟଲାଗଡର ଦୀପକ ଜାଲ ସେମାନଙ୍କ କଳା ପରିବେଷଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଖଟୁଆ, ଧର୍ମେନ୍ଦ୍ର ରଣା, ପ୍ରଦୀପ ଦାଶ, ରାଜକିଶୋର ବାଘ, ହରି ରଣା, ନରେନ୍ଦ୍ର ଖଟୁଆ, ଅରୁଣ ରଣା, ମନୋଜ ରାଜହଂସ, ନବୀନ ନାଏକ, ଅରୁଣ ଖଟୁଆ, ଶରତ ସାହୁ, ସୁଦାମ ମିଶ୍ର, ପ୍ରେମରଞ୍ଜନ, ବିଶ୍ୱାମିତ୍ର ପାଢୀ, ଅକୃର ସାହୁ, କୃଷ୍ଣ ପୁଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରାମଚନ୍ଦ୍ର ବସ୍ତିଆଙ୍କ ପରଲୋକ

ପଲଶାଗୋରା,୨୫।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ହାଇସ୍କୁଲର ପ୍ରଥମ ସଂସ୍କୃତ ଶିକ୍ଷକ ରାମଚନ୍ଦ୍ର ବସ୍ତିଆ(୭୭ଙ୍କ ସୋମବାର ସକାଳୁ ଖଟଖଟିଆ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଶ୍ରୀ ବସ୍ତିଆ ୧୯୭୧ ମସିହାରେ ପଲଶାଗୋରା ମିଳିତ ଗ୍ରାମ ପଞ୍ଚାୟତ ହାଇସ୍କୁଲ ପ୍ରତିଷ୍ଠା ସମୟରେ ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟରୁ ହିଁ ୨୦୦୭ ମସିହାରେ ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଜଣାଶୁଣା ଗୁରୁଙ୍କୁ ହରାଇ ପଲଶାଗୋରା ଅଞ୍ଚଳରେ ତାଙ୍କର ହଜାର ହଜାର ଶିଷ୍ୟଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ଶେଷ ଦର୍ଶନ କରିବା ପାଇଁ ସହକର୍ମୀ, ଅବସରପ୍ରାପ୍ତ ଶିକ୍ଷକ, ବହୁ ଛାତ୍ର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ବଗିଚାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଶିକ୍ଷକ ଶୈଳେନ୍ଦ୍ର ବସ୍ତିଆ ମୁଖାଗ୍ନି ଦେଇଥିଲେ।



## ରୁଣ୍ଡିମହୁଲ ପଞ୍ଚାୟତର ବିଭିନ୍ନ ସ୍ଥାନରେ ନଳକୂଅ ମରାମତି

# ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଚେତା ପଶିଲା



କଣ୍ଟାମାଳ,୨୫।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ନଳକୂଅ ଅଚଳ ହୋଇପଡିଛି। ଏଥିଯୋଗୁଁ ଗ୍ରାମବାସୀ ଓ ବାଟୋଇ ହନ୍ତସନ୍ତ ହେଉଛନ୍ତି। ଶେଷରେ କଣ୍ଟାମାଳ ବ୍ଲକ୍‌ର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ଟିମ୍ ରୁଣ୍ଡିମହୁଲ ପଞ୍ଚାୟତର ବିଭିନ୍ନ ସ୍ଥାନରେ ନଳକୂଅ ମରାମତି କରିଛି। ନଟ ମନହିରା, ଚନ୍ଦନ ବାଘ, ଗୁପ୍ତେଶ୍ୱର ନାଗ ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ସ୍ଥାନରେ ନଳକୂଅ ମରାମତି କରିଛନ୍ତି।

# ଟୁକେଇପାଲିରେ ୧୫ଦିନ ହେଲା ନଳକୂଅ ଅଚଳ

ଶଗଡା,୨୫।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲା ପଞ୍ଚାୟତ ଟୁକେଇପାଲି ଗ୍ରାମର ତଳିପଡାରେ ଥିବା ନଳକୂଅଟି ଦୀର୍ଘ ୧୫ଦିନରୁ ଅଧିକ ହେବ ଅଚଳ ହୋଇ ପଡିରହିଛି। ଏଣୁ ଗାଁର ୩୦ ପରିବାରର ୧୨୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂଅଟିକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପରେ ଲୋକେ ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ; ହେଲେ ୧୫ଦିନରୁ ଅଧିକ ଦିନ ବିତି ଯାଇଥିଲେ ସୁଦ୍ଧା ନଳକୂପ ମରାମତି ନ ହେବା ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଅବଶ୍ୟ ଅଭିଯୋଗ ପରେ ନଳକୂଅ ମରାମତି ପାଇଁ କର୍ମଚାରୀ ଆସି



ଦେଖି ଯାଇଥିବା ଗ୍ରାମବାସୀ କହିଛନ୍ତି। ଗାଁରେ ୨ଟି ନଳକୂଅ ଅଛି। ଏଥିରୁ ଗୋଟିଏ ନଳକୂଅ ଅଚଳ। ଅନ୍ୟଟିରେ ବାହାରୁଥିବା ପାଣି ଗ୍ରାମବାସୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନି। ଏଣୁ ସକାଳ ହେଲେ ନଳକୂ ଅନିକଟରେ ଲୋକଙ୍କ ଲମ୍ବା ଲାଇନ ଲାଗୁଛି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂଅ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ଦିନରୁ ଅଧିକ ହେବ ନଳକୂଅ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଚଣ୍ଡ ଖରା ସମୟରେ ପାଣିର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂଅଗୁଡିକୁ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

- ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ
- ୩୦ ପରିବାରର ୧୨୦ ଲୋକ କଲବଲ
- ଶୁଣୁ ନାହାନ୍ତି ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ
- ୨ଟି ନଳକକୂଅରୁ ଗୋଟିଏ ଅକାମି

## କୋଲାବିରାଠାରେ ରବି ଧାନ ମଣ୍ଡି ଉଦ୍‌ଘାଟିତ

# ଜିଲ୍ଲାର ୨୮ ଟି ପିଏସିଏସ୍ ଜରିଆରେ ୨୩୫୦ ଚାଷୀ ହେବେ ଉପକୃତ

ଝାରସୁଗୁଡ଼ା, ୨୫।୫(ସମିସ)

ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଯୋଜନା 'ଧାନ କ୍ରୟ କେନ୍ଦ୍ର' (ମଣ୍ଡି) ଗୁଡ଼ିକରେ ଆବଶ୍ୟକତା ଭିତ୍ତିକ ଭିତ୍ତିଭୂମିର ବିକାଶ ଅଧୀନରେ ନବନିର୍ମିତ କୋଲାବିରା ଧାନ ମଣ୍ଡିଠାରେ ଆଜି ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଧାନ ସଂଗ୍ରହ ପ୍ରକିୟାର ଶୁଭାରମ୍ଭ କରିଛନ୍ତି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହର ଉପନିବନ୍ଧକ ମମତା ରାଣୀ କୁଜୁର, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ଏଆର୍‌ସିଏସ୍ ରମେଶ ଚନ୍ଦ୍ର ଟପୋ, 



ଆର୍‌ଏମ୍‌ସି ସମ୍ପାଦକ କିଶୋର ଚନ୍ଦ୍ର ନାୟକ, କୋଲାବିରା ପିଏସିଏସ୍ ସଭାପତି କୀର୍ତ୍ତି ଚନ୍ଦ୍ର ବୋହିଦାର, ଝିର୍ଲାପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ତିଲୋତ୍ତମା ଛାଛାଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ରବି ଋତୁରେ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୨୩୫୦ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ଜିଲ୍ଲାର ମୋଟ ୨୮ଟି ପିଏସିଏସ ଏହି ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ମଣ୍ଡିରେ ଚାଷୀଙ୍କ ସୁବିଧା ପାଇଁ ଇଲେକ୍ଟ୍ରୋନିକ ଓଜନ ମେସିନ, ଆଦ୍ରତା ମାପକ ଯନ୍ତ୍ର, ପର୍ଯ୍ୟାପ୍ତ ପରିମାଣର ତାରପୋଲିନ ଏବଂ ସ୍ୱଚ୍ଛତା ରକ୍ଷା ପାଇଁ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉଦଘାଟନୀ ସମାରୋହରେ ବହୁ ସଂଖ୍ୟାରେ ଚାଷୀ ସଂଗଠନର କର୍ମକର୍ତ୍ତା, ସମବାୟ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।

# ଜନଭାଗିଦାରୀ ଅଭିଯାନ 'ସବସେ ଦୂର ସବସେ ପହଲେ' ଉଦ୍‌ଯାପିତ

**ଦେବଗଡ଼, ୨୫।୫(ସମିସ):** ଜିଲ୍ଲାର ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ଓ ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଗତ ୧୮ ତାରିଖ ଦିନ ଶୁଭାରମ୍ଭ ହୋଇଥିବା ଜନ ଭାଗିଦାରୀ ଅଭିଯାନ 'ସବସେ ଦୂର ସବସେ ପହଲେ' ଆଜି ଉଦଯାପିତ ହୋଇଛି। ଏହି ଅଭିଯାନକୁ ଗତ ୧୮ ତାରିଖ ଦିନ ରିଆମାଳ ବ୍ଲକ ଅନ୍ତର୍ଗତ ବେଗୁନିଆନାଳୀ ଗ୍ରାମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଦିବସରେ ଆଦି ସେବା କେନ୍ଦ୍ରରେ ଜନ ଶୁଣାଣି, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଆଧାର ପଞ୍ଜିକରଣ ଓ ସଂଶୋଧନ ଶିବିର ସହ ବିଭିନ୍ନ ବିଭାଗ ପକ୍ଷରୁ ସଂତୃପ୍ତି କରଣ ଓ ଲାଭାର୍ଥ ଶିବିର ଆୟୋଜନ କରାଯାଇଥିଲା। ସେହିପରି ୧୯ ତାରିଖରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାର ତିଳେଇବଣି, ରିଆମାଳ ଓ ବାରକୋଟ ବ୍ଲକରେ ଏହି ଅଭିଯାନ ଅଧୀନରେ ମୋଟ ୬୮ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସେହିପରି ୩୨ଟି ଆଦିସେବା କେନ୍ଦ୍ର ମାଧ୍ୟମରେ ଜନ ଶୁଣାଣି କରାଯାଇ ସାଧାରଣ ଲୋକଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଗ୍ରହଣ କରାଯାଇ ସେଗୁଡିକର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯାନରେ ୨ହଜାର ୭ଶହ ୨୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୨୦୩ ଜଣଙ୍କ ଆଧାର ପଞ୍ଜିକରଣ ଓ ସଂଶୋଧନ, ୯୩ ଜଣଙ୍କୁ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ପାଇଖାନା, ୧୩୧ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା, ୧୨୧ ଜଣଙ୍କୁ ପେନସନ, ୨୫୯ ଜଣଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ, ୯୮ ଜଣଙ୍କୁ ଆୟୁଷ୍ମାନ କାର୍ଡ ଓ ୧୧୭ ଜଣ ଏକକ ଅଭିଭାବକ ଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଠପଢ଼ା ସୁବିଧା ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦୁର୍ଗମ ଅଞ୍ଚଳର ଲୋକଙ୍କୁ ସରକାରୀ ସେବାର ମୁଖ୍ୟଧାରା ସହ ଯୋଡିବା ଦିଗରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆଜି ସନ୍ଧ୍ୟାରେ ବିକାଶ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତିଳେଇବଣି ଆଇଟିଡିଏ ପ୍ରକଳ୍ପ ପ୍ରଶାସିକ ସନ୍ଧ୍ୟା ମାଝୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣିରୁ ଗାଁ ଦେଇ କୋଇଲା ପରିବହନକୁ ବିରୋଧ

# ବିଧାୟକଙ୍କ ନେତୃତ୍ୱରେ ରାସ୍ତା ଉପରେ ୩ ଗ୍ରାମବାସୀଙ୍କ ଧାରଣା

**ଦେବଗଡ଼, ୨୫।୫ (ସମିସ):** ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ନିକଟସ୍ଥ ସିଂଗ୍ରାଣି କୋଲିଆରୀ କମ୍ପାନୀର ନୈନୀ କୋଲ ମାଇନ୍ସରୁ ନିକଟସ୍ଥ ଏନ୍‌ଟିପିସି ସମେତ ଅନ୍ୟାନ୍ୟ ଘରୋଇ ତାପଜ ବିଦ୍ୟୁତ କେନ୍ଦ୍ରକୁ କୋଇଲା ଯୋଗାଣ କରିବାକୁ ଦେବଗଡ଼ ଜିଲ୍ଲା ବୁଢାପାଳ ପଞ୍ଚାୟତ ଅନ୍ତର୍ଗତ ଏକାଧିକ ଗ୍ରାମ ମଧ୍ୟଦେଇ କୋଇଲା ପରିବହନ ପାଇଁ ଦେବଗଡ଼ ଜିଲ୍ଲାପାଳଙ୍କ ଅନୁମତି ପତ୍ର ପ୍ରଦାନକୁ ବିରୋଧ କରି ଆଜି ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ପ୍ରତିବାଦରେ ବିଧାୟକଙ୍କ ନେତୃତ୍ୱରେ ତିନି ଗ୍ରାମବାସୀଙ୍କ ପକ୍ଷରୁ ରାତିରେ ରାସ୍ତା ଉପରେ ଧାରଣା ଆରମ୍ଭ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ନିକଟସ୍ଥ ସିଂଗ୍ରାଣୀ କୋଲିଆରୀ କମ୍ପାନୀ ଅଧୀନସ୍ତ ନୈନୀ କୋଲମାଇନ୍ସର ସାଧାରଣ ପରିଚାଳକଙ୍କ ପକ୍ଷରୁ ଦେବଗଡ଼ ଜିଲ୍ଲାପାଳଙ୍କୁ ଗତ ଅପ୍ରେଲ ୨୭ ତାରିଖ ଦିନ ଦେବଗଡ଼ ଜିଲ୍ଲା ମଧ୍ୟଦେଇ ନିକଟସ୍ଥ ଏନ୍‌ଟିପିସି ଓ ଅନ୍ୟାନ୍ୟ ଘରୋଇ ତାପଜ ବିଦ୍ୟୁତ କେନ୍ଦ୍ରକୁ କୋଇଲା ପରିବହନ ପାଇଁ ଅନୁମତି ପାଇଁ ଅବେଦନ କରାଯାଇଥିଲା। ଏହି ଆଧାରରେ ଜିଲ୍ଲାପାଳ ଗତ ୨୨ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୯୮ରେ ଦେବଗଡ଼ ଜିଲ୍ଲାର ସେଣ୍ଠାରୁ ଲୁହୁରାକୋଟ ରାସ୍ତାରେ କୋଇଲା ପରିବହନ ପାଇଁ ଉପରୋକ୍ତ କମ୍ପାନୀକୁ ଅନୁମତି ପ୍ରଦାନ କରିଥିଲେ। କମ୍ପାନୀ ପକ୍ଷରୁ ଆଜି ରାତିରୁ କୋଇଲା ପରିବହନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଜିଲ୍ଲାପାଳଙ୍କ କମ୍ପାନୀ ପ୍ରୀତିକୁ ପ୍ରଶ୍ନ କରି ଆଜି ରାତି ୧୦ଟାରେ ସେଣ୍ଠା, 



ଗମ୍ଭାରୀପାଳ ଓ ଲୁହୁରାକୋଟ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ସେଣ୍ଠା ଆରଡି ରାସ୍ତାକୁ ଅବରୋଧ କରିବା ସହ ଧାରଣା ଦେଇଥିଲେ। ଅନ୍ୟପକ୍ଷରେ କମ୍ପାନୀ ପକ୍ଷରୁ ପ୍ରାୟ ୮୦ ହଜାର ମେଟ୍ରିକ ଟନ କୋଇଲା ଉତ୍ତୋଳନ ହେବାକୁ ଥିବା ବେଳେ ୫ ଲକ୍ଷ ମେଟ୍ରିକ ଟନ ପରିବହନ ପାଇଁ ପ୍ରସ୍ତୁତ ରହିଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ ଫଳରେ ଗତ ମାର୍ଚ୍ଚ ପହିଲାରୁ ଉକ୍ତ ଖଣି ଅଞ୍ଚଳରୁ କୋଇଲା ପରିବହନ ବନ୍ଦ ରହିଛି। ତେବେ ଦେବଗଡ଼ ଜିଲ୍ଲାର ଅନୁନ୍ୟ ୧୨ କିମି ରାସ୍ତା ଦେଇ କମ୍ପାନୀ କୋଇଲା ପରିବହନ କରି ବ୍ୟବସାୟ କରିବାକୁ ଥିବା ବେଳେ ପ୍ରାୟ ୭କିମି ଗ୍ରାମାଞ୍ଚଳର ରାସ୍ତା ଦେଇ ପରିବହନ କରିବ। ଉପରୋକ୍ତ ତିନି ଗ୍ରାମ ଦେଇ ରାତି ୧୦ଟା ରୁ ସକାଳ ୫ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ଜିଲ୍ଲାପାଳ ଅନୁମତି ଦେଇଥିବାରୁ ଗ୍ରାମର ଏକକ ରାସ୍ତା ଖରାପ ହେବା ସହ ଧୂଳି ଓ ଦୁର୍ଘଟଣା ଯୋଗୁଁ ଗ୍ରାମରେ ଧନଜୀବନ ହାନୀ ହେବାର ଆଶଙ୍କା ପ୍ରକାଶ କରି ଗ୍ରାମବାସୀ ଅନୁମତି ପ୍ରତ୍ୟାହାର ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ। ସେଠାରୁ ନିରାଶ ହୋଇ ଫେରିବା ପରେ ଗ୍ରାମବାସୀ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ କୁମାର ଆଚାର୍ଯ୍ୟ ଗ୍ରାମବାସୀଙ୍କ ସହ ବିଧାୟକ ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ରାସ୍ତାରୋକ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସୂଚନାପାଇ ଏସଡିପିଓ ରମେଶ ମାହାନାଙ୍କ ସହ କୁଣ୍ଢେଇଗୋଲା ଥାନା ପୁଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଖବରଲେଖା ହେବା ସୁଦ୍ଧା ସମାଧାନ ହୋଇପାରି ନଥିବା ବେଳେ ଆନ୍ଦୋଳନ ଜାରି ରହିଥିବା ଜଣାପଡ଼ିଛି।

## ■ ଧରତି ଆବା-ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଉଦ୍‌ଯାପିତ

# ବାଦ୍ ପଡ଼ିଥିବା ଆଦିବାସୀ ହିତାଧିକାରୀଙ୍କୁ ମିଳିଛି ମୌଳିକ ସୁବିଧା

ଝାରସୁଗୁଡ଼ା, ୨୫।୫(ସମିସ)

ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା 'ଧରତି ଆବା-ଜନଜାତି ଗ୍ରାମ ଉତ୍କର୍ଷ' ଅଭିଯାନ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଅଭିଯାନର ସଫଳତାକୁ ନେଇ ଆଜି ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବ୍ରଜବନ୍ଧୁ ଭୋଇ ଏବଂ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଶ୍ରୀଯୁକ୍ତ ସଞ୍ଜୀବ ପଟେଲ ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପ୍ରକାଶ କରିଛନ୍ତି ଯେ, ଆଦିବାସୀମାନଙ୍କର ସୂଚନା, ଶିକ୍ଷା, ଯୋଗାଯୋଗ ଏବଂ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରଶାସନ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚିଛି। ଝାରସୁଗୁଡ଼ା ଜିଲ୍ଲାରେ ଥିବା ୭୭ ଗୋଟି ଜନଜାତି ବହୁଳ ଗ୍ରାମର ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ସୁବିଧା ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ସପ୍ତାହବ୍ୟାପୀ ଅଭିଯାନ କାଳରେ ଜିଲ୍ଲାର ପ୍ରମୁଖ ୨୫ ଗୋଟି ଗ୍ରାମରେ ସ୍ୱତନ୍ତ୍ର ସେବା ଶିବିରମାନ ଆୟୋଜନ କରାଯାଇଥିଲା। ଏହା ସହିତ ଜାତିଗତ ପ୍ରମାଣ ପତ୍ର ଏବଂ ବିଭିନ୍ନ ପ୍ରକାର ଜରୁରୀ ସ୍ୱାସ୍ଥ୍ୟ ପରୀକ୍ଷା ଭଳି ମୌଳିକ ସୁବିଧା ସାଙ୍ଗେ ସାଙ୍ଗେ ଉପଲବ୍ଧ କରାଯାଇଛି। ଆଦିବାସୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଏବଂ ସୀମାନ୍ତ 




ଗ୍ରାମାଞ୍ଚଳରେ ଥିବା ୧୧ ଗୋଟି ଆଦି ସେବା କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ଏହା ଅଧୀନରେ ବହୁ ସଂଖ୍ୟାରେ ଯୋଗ୍ୟ ଆଦିବାସୀ ହିତାଧିକାରୀଙ୍କୁ ଆଧାର କାର୍ଡ, ରାସନ କାର୍ଡ, ଆୟୁଷ୍ମାନ ଭାରତ, ଗ୍ରାମଗୁଡ଼ିକର ବିକାଶ ପାଇଁ ସରକାରଙ୍କର ଏହି ପ୍ରୟାସ ଝାରସୁଗୁଡ଼ା ଜିଲ୍ଲାରେ ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଆଜି ଏହି ଅଭିଯାନର ଉଦଯାପନ ଅବସରରେ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋଚନା କରିଥିଲେ।

# କାଳବୈଶାଖୀରେ ବହୁ ଘର ନଷ୍ଟ

**ରିଆମାଳ, ୨୫।୫(ସମିସ):** ରିଆମାଳ ବ୍ଲକର ଆଡସ୍ ପଞ୍ଚାୟତରେ ଆଜି ଅପରାହ୍ନରେ କାଳବୈଶାଖିରେ ବହୁ ଘର ନଷ୍ଟ ହୋଇଛି। ଉକ୍ତ ପଞ୍ଚାୟତର ବାଇଲଡିହି ଗ୍ରାମର ବିଲକାନ ସାମାଡ଼, ରାଇଲ ସାମାଡ଼, ମାରିୟନସ ଡୁଙ୍ଗଡୁଙ୍ଗଙ୍କ ଘର ଉଡ଼ାଇ ନେଇ କ୍ଷୟକ୍ଷତି ହୋଇଥିବା ବେଳେ ଧାନ, ଚାଉଳ, ଆସବାବପତ୍ର ନଷ୍ଟ ହୋଇଛି। ଉକ୍ତ ଗ୍ରାମରେ ଥିବା ଚର୍ଚ୍ଚ ଘର ଉଡ଼ାଇ ନେଇଛି। ସେହିପରି ନବଡିହି କୁମୁରାସାହିର ସାନ୍ତନୁ ବରିହା, ନୃପଲାଲ ଦେହୁରୀ, ରଜନୀ ନାୟକ, ଡିଲେଶ୍ୱର ନାୟକଙ୍କ ଘର ନଷ୍ଟ ହୋଇଛି। ୧୫ରୁ ଅଧିକ ଘର ଦ୍ୱାର ନଷ୍ଟ ହୋଇଥିବା ଜଣାପଡ଼ିଛି। ରତାଖଣ୍ଡି ରାସ୍ତା ସାରା ବଡ଼ ବଡ଼ ଗଛ ମାଡ଼ି ବସି ରାସ୍ତା ବନ୍ଦ ରହିଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



**ଦେବଗଡ଼, ୨୫।୫(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନଠାରେ ଆଜି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ସରକାରୀ ଯୋଜନା ଓ ୨୦୨୬-୨୭ ଆର୍ଥିକ ବର୍ଷ କାର୍ଯ୍ୟ ଖସଡା ପ୍ରସ୍ତୁତି ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକାରୀ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ, ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଆଗାମୀ କାର୍ଯ୍ୟପଦ୍ଧତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ରାସ୍ତା ଓ ସେତୁ ନିର୍ମାଣ, ପାଇପ ଜଳଯୋଗାଣ ଓ ସ୍ୱଚ୍ଛତା ବ୍ୟବସ୍ଥା, ଗ୍ରାମୀଣ ଆବାସ ଯୋଜନା, ମିଶନ ଶକ୍ତି, ଆୟୁଷ୍ମାନ ଭାରତ କାର୍ଡ, ସୁଭଦ୍ରା ଓ ପୋଷଣ ଯୋଜନା, ମଧୁବାବୁ ପେନସନ, ପିଡିଏସ ବ୍ୟବସ୍ଥା, ଶିକ୍ଷା, ଗ୍ରାମୀଣ ବିଦ୍ୟୁତୀକରଣ, ଜଳ ସମ୍ପଦ, ମତ୍ସ୍ୟଚାଷ, ବନ ବିଭାଗ, କୃଷି ଓ ଉଦ୍ୟାନ କୃଷି, ପଶୁସମ୍ପଦ ବିକାଶ, ମାଟି ସଂରକ୍ଷଣ ଓ ପର୍ଯ୍ୟଟନ ବିଭାଗ ସମ୍ବନ୍ଧୀୟ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଏହା ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି ଓ ସହାୟତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ବନଖଣ୍ଡ ଅଧିକାରୀ ରଶ୍ମି ଜି, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

24001/175/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

No. RDM-LAB-GM-0047-2025- 49163 / R&DM, Dated 30.12.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ମୌଜା- ବାହାଡାଗୁଡା, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ ରେ ନିମ୍ନ ତଫସିଲ ମତେ ମତେ ପ୍ରାୟ **ଏ. ୨.୩୬୩** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ ,ଦିଗପହଣ୍ଡି ଗଞ୍ଜାମ ଗଞ୍ଜାମ ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା 20965 dated 11.06.2025 ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ବାହାଡାଗୁଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭.୩୨୩ | ଏ. ୨.୩୬୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ବାହାଡଗୁଡା ଗ୍ରାମର ଜମିର ବିବରଣୀ**

ତହସିଲ -ସାନଖେମୁଣ୍ଡି | ଜିଲ୍ଲା - ଗଞ୍ଜାମ

| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୪ | ୫୩୧ | ବିଲ ଜଳସେଚିତ ଦୋଫସଲି | ୦.୦୬୫ | ୦.୦୫୦ | ଆନନ୍ଦ ନାୟକ ପି:ତବଡିଆ ନାୟକ ଜା: କୁଡୁମ ବା: ନିଜଗାଁ | |
| ୯ | ୪୯୦ | ପଦର | ୦.୧୨୦ | ୦.୦୨୫ | ଉଲା ଜାନି ପି: ଉଛବ ଜାନି, ରଘୁ ଜାନି, ରଙ୍କ ଜାନି ପି: ବେଣିଆ ଜାନି ଜା: କୁରୁମ ବା: ନିଜଗାଁ | |
| ୧୧ | ୫୪୮ | ବିଲ ଜଳସେଚିତ ଦୋଫସଲି | ୦.୧୦୦ | ୦.୦୧୦ | ଉଲି ପ୍ରଧାନ ସ୍ୱା:ଗୋବିନ୍ଦ ପ୍ରଧାନ ଜା: କୁରୁମ ବା: ନିଜଗାଁ | |
| ୧୬ | ୫୪୮/୭୧୪ | ବିଲ ଜଳସେଚିତ ଦୋଫସଲି | ୦.୧୫୦ | ୦.୦୧୫ | କୌଶଲ୍ୟା ନାୟକ ସ୍ୱା: ଦଣ୍ଡିଆ ନାୟକ ଜା: କୁଡୁମ ବା: ଫାସିଗୁଡ଼ା, ବାସୁ ପ୍ରଧାନ, ବୃନ୍ଦାବନ ପ୍ରଧାନ, ନରହରୀ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଦୟା ପ୍ରଧାନ, ହେମ ପ୍ରଧାନ ପି: ବୈଷ୍ଣବ ପ୍ରଧାନ ଜା: କୁଡୁମ ବା: ଡୁଣ୍ଡୁରା, ଉଲି ପ୍ରଧାନ ସ୍ୱା: ଗୋବିନ୍ଦ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୧୭ | ୪୯୯ | ବିଲ ଜଳସେଚିତ ଦୋଫସଲି | ୦.୨୯୦ | ୦.୦୮୦ | ଖଲି ପ୍ରଧାନ ପି:କନ୍ତାରୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୨୩ | ୫୭୨ | ପଦର | ୦.୦୬୦ | ୦.୦୨୦ | ଗୋବିନ୍ଦ ପ୍ରଧାନ ପି: ଅର୍ଜୁନ ପ୍ରଧାନ, ସାଇବାଣୀ ପ୍ରଧାନ ସ୍ୱା: ଅର୍ଜୁନ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୫୭୦ | ପଦର | ୦.୦୭୦ | ୦.୦୦୫ | | |
| ୨୪ | ୪୯୧ | ପଦର | ୦.୪୯୦ | ୦.୧୧୦ | ଗୋବିନ୍ଦ ଜାନି, ତ୍ରିନାଥ ଜାନି ପି: କପିଳ ଜାନି ଜା: କୁଡୁମ ବା: ନିଜଗାଁ | |
| ୨୫ | ୫୫୫ | ବିଲ ଜଳସେଚିତ ଦୋଫସଲି | ୦.୧୦୦ | ୦.୦୧୦ | ଗୋପାଳ ପ୍ରଧାନ, ରାମହରି ପ୍ରଧାନ, ଅଭି ପଧାନ ପି: ବାଉରି ପଧାନ, ଶରଦି ପଧାନ ସ୍ୱା: ବାଉରି ପଧାନ ଜା: କୁରୁମ ବା: ନିଜଗାଁ | |
| | ୫୩୩ | | ୦.୧୨୩ | ୦.୧୨୩ | | |
| ୨୬ | ୪୯୬ | ବିଲ ଜଳସେଚିତ ଦୋଫସଲି | ୦.୧୦୦ | ୦.୦୩୦ | ଚୈତନ୍ୟ ପ୍ରଧାନ ପି:ଯଦୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୫୫୮ | | ୦.୦୮୦ | ୦.୦୧୦ | | |
| ୩୨ | ୫୪୩ | ପଦର | ୦.୦୫୦ | ୦.୦୧୦ | ତବଡିଆ ନାୟକ ପି:ଦୁଃଖୀ ନାୟକ ଜା: କୁରୁମ ବା: ନିଜଗାଁ | |
| | ୫୪୪ | | ୦.୦୫୦ | ୦.୦୧୦ | | |
| | ୫୪୫ | | ୦.୦୫୦ | ୦.୦୧୦ | | |
| | ୫୪୬ | | ୦.୦୮୫ | ୦.୦୮୫ | | |
| | ୫୬୩ | | ୦.୧୨୦ | ୦.୦୯୦ | | |
| | ୫୬୪ | | ୦.୧୩୦ | ୦.୧୦୦ | | |
| ୪୪ | ୫୩୨ | ବିଲ ଜଳସେଚିତ ଦୋଫସଲି | ୦.୦୯୦ | ୦.୦୮୦ | ଧନୁ ପ୍ରଧାନ ପି:ପର୍ଶୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୫୬ | ୫୬୨ | ପଦର | ୦.୧୭୦ | ୦.୦୨୦ | ଭାସ୍କର ମଳିକ ପି:ଲାଲୁ ମଳିକ ଜା: କୁଡୁମ ବା: ଫାସିଗୁଡ଼ା | |
| ୫୭ | ୫୮୭ | ବିଲ ଜଳସେଚିତ ଦୋଫସଲି | ୦.୩୫୦ | ୦.୧୫୦ | ଭାସ୍କର ପଧାନ ପି:ପର୍ଶୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୬୫ | ୪୯୭ | ବିଲ ଜଳସେଚିତ ଦୋଫସଲି | ୦.୦୬୦ | ୦.୦୨୦ | ରଘୁ ପ୍ରଧାନ ପି:ଯଦୁ ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୪୯୮ | | ୦.୩୧୦ | ୦.୧୦୦ | | |
| ୭୨ | ୫୬୦ | ବିଲ ଜଳସେଚିତ ଦୋଫସଲି | ୦.୨୭୦ | ୦.୧୩୫ | ଶାରୀ ଗୌଡ଼ ପି:ଭୀକାରୀ ଗୌଡ଼ ଜା: ଗୌଡ଼ ବା: ନିଜଗାଁ | |
| ୭୪ | ୫୬୫ | ପଦର | ୦.୦୫୫ | ୦.୦୧୦ | ଶୁକୁଟା ପ୍ରଧାନ, ସଜନି ପ୍ରଧାନ ପି: ଭଗିଆ ପ୍ରଧାନ, ଚନ୍ଦ୍ର ପ୍ରଧାନ ସ୍ୱା: କଂଗ୍ରେସ ପ୍ରଧାନ, ଧୋବା ପ୍ରଧାନ, ଦେବ ପ୍ରଧାନ, ତେଜି ପ୍ରଧାନ, ଶୈଳ ପ୍ରଧାନ ପି: ଦୁଃଖା ପ୍ରଧାନ, ତରା ପ୍ରଧାନ ସ୍ୱା: ଦୁଃଖା ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| | ୫୭୧ | | ୦.୦୫୦ | ୦.୦୨୦ | | |
| ୭୫ | ୫୦୦ | ବିଲ ଜଳସେଚିତ ଦୋଫସଲି | ୦.୩୩୦ | ୦.୧୦୦ | ହରି ପ୍ରଧାନ ପି:କ୍ଷେତ୍ର ପ୍ରଧାନ ଜା: କୁଡୁମ ବା: ନିଜଗାଁ | |
| ୭୬/୨ | ୫୫୭ | ବିଲ ଜଳସେଚିତ ଦୋଫସଲି | ୦.୦୪୦ | ୦.୦୧୦ | ବିପ୍ର ପଧାନ ପି:ଗୁଣ୍ଡିଚା ପଧାନ ଜା: କୁରୁମ ବା: ବାହାଡ଼ାଗୁଡ଼ା | |
| ୭୬/୪ | ୫୮୯ | ବିଲ ଜଳସେଚିତ ଦୋଫସଲି | ୧.୬୫୦ | ୦.୩୯୦ | ସହଦେବ ପ୍ରଧାନ ପି:ସୋଲା ପ୍ରଧାନ ଜା: କୁରୁମ ବା: ଫାସିଗୁଡା | |
| ୭୬/୧୦ | ୫୩୧/୭୨୬ | ବିଲ ଜଳସେଚିତ ଦୋଫସଲି | ୦.୦୬୫ | ୦.୦୫୦ | କୁନା ନାୟକ ପି:ପଞ୍ଚାନନ ନାୟକ ଜା: କୁର୍ମ ବା: ନିଜଗାଁ | |
| ୭୬/୧୨ | ୫୩୪ | ପଦର | ୦.୧୯୫ | ୦.୦୧୫ | ଉମାକାନ୍ତ ପ୍ରଧାନ ପି:ଚୈତନ୍ୟ ପ୍ରଧାନ ଜା: କୁରୁମ ବା: ଫାସିଗୁଡ଼ା | |
| | ୫୩୬ | | ୦.୨୭୦ | ୦.୦୧୦ | | |
| | ୫୩୯ | | ୦.୨୫୦ | ୦.୦୮୦ | | |
| | ୫୪୭ | | ୦.୧୧୦ | ୦.୧୦୦ | | |
| ୭୬/୧୬ | ୫୩୫ | ପଦର | ୦.୧୬୫ | ୦.୦୧୦ | ରଜନୀକାନ୍ତ ବିଶ୍ୱାଳ ପି: ଧନୁ ବିଶ୍ୱାଳ ଜା: କୁରୁମ ବା: ଫାସିଗୁଡ଼ା | |
| | ୫୪୦ | | ୦.୨୫୦ | ୦.୧୦୦ | | |
| | ୪୯୫ | ବିଲ ଜଳସେଚିତ ଏକ ଫସଲି | ୦.୧୪୦ | ୦.୦୬୫ | | |
| ୭୬/୨୧ | ୫୭୩ | ବିଲ ଜଳସେଚିତ ଦୋଫସଲି | ୦.୧୬୦ | ୦.୦୯୫ | ଡାକ ପ୍ରଧାନ ପି:ଦୁର୍ଯ୍ୟୋଧନ ପ୍ରଧାନ ଜା: କୁରୁମ ବା: ବାହାଡ଼ାଗୁଡ଼ା | |
| ୭୬/୨୩ | ୫୫୯ | ବିଲ ଜଳସେଚିତ ଦୋଫସଲି | ୦.୧୧୦ | ୦.୦୧୦ | ସଜନି ବେହେରା ସ୍ୱା:କାଶୀ ବେହେରା ଜା: କୁମ୍ଭାର ବା: ଫାସିଗୁଡା | |

ମୋଟ ୨.୩୬୩ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0045

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୨୨- ନରୱେର ଏକ ଚର୍ଚ୍ଚରେ ନିଆଁ ଲାଗିଯିବାରୁ ୧୨୨ ଲୋକଙ୍କ ମୃତ୍ୟୁ।
- ୧୯୨୬- ଲେବାନନ୍ ସମ୍ବିଧାନ ଆପଣାଇଲା।
- ୧୯୫୭- ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ।
- ୧୯୬୯- ଆପୋଲୋ-୧୦ର ମହାକାଶଚାରୀ ପୃଥିବୀପୃଷ୍ଠକୁ ଫେରିଲେ।
- ୧୯୮୩- ଜାପାନରେ ୭.୭ ତୀବ୍ରତାର ଭୂମିକମ୍ପ ହେବାରୁ ୧୦୪ ଲୋକ ମୃତ।

# ଯୌତୁକ ନେବା ପାପ



ଯୌତୁକ ନିର୍ଯାତନା ଏକ ଗୁରୁତର ସାମାଜିକ ଅପରାଧ ଓ ଆଇନଗତ ଭାବେ ଦଣ୍ଡନୀୟ ଅଟେ। ଏହାସତ୍ତ୍ୱେ ଅନେକ ସମୟରେ ଯୌତୁକ ପାଇଁ ନବବଧୂମାନଙ୍କୁ ହତ୍ୟା କରାଯାଉଥିବା ଦେଖିବାକୁ ମିଳେ। ଏହିକ୍ରମରେ ମହାରାଷ୍ଟ୍ର, ଔରଙ୍ଗାବାଦ୍, ମଦନପୁରର ବ୍ଲକ୍‌ର ଭୋକ୍ତା ସମାଜରେ ଯୌତୁକ ନେବା ଏବଂ ଦେବାକୁ ପାପ ବିବେଚନା କରାଯାଏ। ଏହି ଅଞ୍ଚଳର ବାଦମ, ପିଛୁଲିଆ, ଅମ୍ବାବାର, କନୌଦି, ସହଜପୁର, ଲଙ୍କୁରାହି, ବାବୁବାନ୍ଧ, ରାମାବାନ୍ଧ, ପିତାମ୍ବରା ଏବଂ ମନବାଦୋହର ସମେତ ଅନେକ ଗାଁରେ ଯୌତୁକ ପ୍ରଥାକୁ ଘୋର ବିରୋଧ କରାଯାଏ। ଏହି ପରମ୍ପରା ଆଜକୁ ପ୍ରାୟ ୨୦୦ ବର୍ଷ ହେବ ପାଳନ ହୋଇଆସୁଛି। ଏହି ନିୟମକୁ ଉଲଙ୍ଘନ କରି ଯେଉଁମାନେ ଯୌତୁକ ନିଅନ୍ତି, ସେମାନଙ୍କୁ ସାମାଜିକ ଦଣ୍ଡ ଦେବା ପାଇଁ ମଧ୍ୟ ବ୍ୟବସ୍ଥା ଅଛି। ଯୌତୁକ ନେଉଥିବା ଲୋକଙ୍କ ଘରେ ଏଠାକାର ଝିଅଙ୍କୁ ବିବାହ ଦିଆଯାଏ ନାହିଁ। ପାହାଡ଼ ନିକଟରେ ରହୁଥିବା ଏହି ଗାଁଗୁଡ଼ିକର ଲୋକେ ମୁଖ୍ୟତଃ ପତ୍ରରୁ ପ୍ଲେଟ୍ ଏବଂ ଦନା ତିଆରି କରି ଜୀବିକା ନିର୍ବାହ କରନ୍ତି। ଆର୍ଥିକ ଦୃଷ୍ଟିରୁ ଏହି ସମ୍ପ୍ରଦାୟ ପଛରେ ରହିଥିବାବେଳେ ଏମାନଙ୍କ ଚିନ୍ତାଧାରା ବହୁତ ପ୍ରଗତିଶୀଳ। ଏନେଇ ଏହି ସମାଜର କିଛି ପୁରୁଖା ଲୋକଙ୍କ କହିବାନୁସାରେ, ବିବାହ କେବଳ ଦୁଇଟି ପରିବାରର ଏବଂ ଦୁଇଟି ହୃଦୟକୁ ଯୋଡୁଥିବା ପବିତ୍ର ବନ୍ଧନ। ଏହି ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇ ଏହି ସମାଜର ପୂର୍ବପୁରୁଷ ପାଖାପାଖି ୨୦୦ ବର୍ଷ ପୂର୍ବରୁ ଯୌତୁକ ନିଆଯିବ ନାହିଁ କି ଦିଆଯିବ ନାହିଁ ବୋଲି ନିର୍ଣ୍ଣୟ ନେଇଥିଲେ। ତେଣୁ ପୂର୍ବପିଢ଼ିଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଭୋକ୍ତା ସମାଜରେ ଝିଅ ଏବଂ ପୁଅଙ୍କ ପରିବାରର ସହମତିରେ ବିବାହ ଧାର୍ଯ୍ୟ ହୁଏ। ପୁଅ ପକ୍ଷ ବି ଝିଅ ପକ୍ଷଙ୍କୁ ଆର୍ଥିକ ସାହାଯ୍ୟ କରନ୍ତି। ବିବାହରେ ସମସ୍ତ ପାରମ୍ପରିକ ରୀତିନୀତି ପାଳନ କରାଯାଏ। ଅଯଥା ଖର୍ଚ୍ଚ କରାଯାଏ ନାହିଁ। ତେବେ ଏହି ସମ୍ପ୍ରଦାୟରେ ଯୌତୁକ ପ୍ରଥାକୁ ବିରୋଧ କରିବା ପରି ଏବେ ବାଲ୍ୟ ବିବାହକୁ ବି କଡ଼ା ବିରୋଧ କରାଯାଉଛି। ଅନ୍ୟପଟେ ଯଦି କୌଣସି ବ୍ୟକ୍ତି ଯୌତୁକ ନେବା ପାଇଁ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ପଞ୍ଚାୟତ ବସିବା ପରେ ତାଙ୍କୁ ଦଣ୍ଡ ଦିଆଯାଏ। ଦୋଷୀକୁ ସମାଜରୁ ବହିଷ୍କୃତ ମଧ୍ୟ କରାଯାଏ। ଅବଶ୍ୟ ପରେ ତାଙ୍କୁ ନିଜକୁ ସୁଧାରିବା ମଉକା ମଧ୍ୟ ଦିଆଯାଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ସମାଜ ପାଇଁ ଝିଅ ବୋଝ ନୁହଁନ୍ତି। ଝିଅକୁ ଯୌତୁକ ଦେବା ପାଇଁ ଟଙ୍କା ସଞ୍ଚୟ କରିବା ବଦଳରେ ଏଠାରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏଠାକାର ଲୋକେ ନିଜ ସକ୍ଷମତା ଅନୁସାରେ ଝିଅଜ୍ୱାଇଁଙ୍କୁ ବିବାହରେ ଉପହାର ଦେଇଥାନ୍ତି। ଏହି କାରଣରୁ ଏଠାରେ କୌଣସି ଝିଅ ଅବିବାହିତ ରୁହନ୍ତି ନାହିଁ।

# ଦୁଷ୍ଟ ପିଲାଙ୍କୁ ସଜାଡ଼ିବାର ନିଆରା ଉପାୟ



ଚୀନର ସୁଝୋଉ ସହର ସ୍ଥିତ ୟୁଆନଝୋଙ୍ଗ ସ୍ପେଶାଲ ଏଜୁକେସନ୍ ସ୍କୁଲର ଏକ ନିଆରା ପଦକ୍ଷେପ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏଠାକାର 'ପ୍ୟାରେଣ୍ଟିଂ ଟେଷ୍ଟ' ଏବେ ପୂରା ବିଶ୍ୱରେ ସଭିଙ୍କ ଦୃଷ୍ଟିଆକର୍ଷଣ କରିପାରିଛି। ପାଠପଢ଼ାଠାରୁ ଦୂରେଇ ରହୁଥିବା ତଥା ଦୁଷ୍ଟ ପିଲାଙ୍କୁ ବାଟକୁ ଆଣିବା ପାଇଁ ଏଠାରେ ଏମିତି ଏକ ପରୀକ୍ଷା କରାଯାଇଛି ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏଠାକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ପୂରା ସପ୍ତାହ ପର୍ଯ୍ୟନ୍ତ ଗୋଟିଏ ବେବି ଡଲ୍ ରଖିବାର କାମ ଦିଆଯାଉଛି। ବାପାମାଆମାନେ ପିଲାଙ୍କୁ ବଡ଼ କରିବା ପାଇଁ କେତେ ପରିଶ୍ରମ କରୁଛନ୍ତି ଏହାଦ୍ୱାରା ପିଲାମାନେ ତାହା ହୃଦୟଙ୍ଗମ କରିପାରିବେ। ଏହି ସ୍କୁଲ ସେହି ପିଲାଙ୍କ ଲାଗି ଉଦ୍ଦିଷ୍ଟ, ଯେଉଁମାନଙ୍କୁ ଘରେ ସମ୍ଭାଳିବା କଷ୍ଟକର ହୋଇଥାଏ। ଘର ଲୋକଙ୍କ କଥା ମାନୁ ନ ଥିବା, ଛୋଟ ଛୋଟ କଥାରେ ତୁରନ୍ତ ରାଗି ଯାଉଥିବା, ପାଠପଢ଼ାରେ ମନୋନିବେଶ କରୁ ନ ଥିବା ଏବଂ ଅନଲାଇନ ଗେମ୍ ନିଶାରେ ବୁଡ଼ି ରହୁଥିବା ପିଲାଙ୍କୁ ଏହି ସ୍ଥାନରେ ଛଡ଼ାଯାଏ। ତେଣୁ ପିଲାଙ୍କର ଏଭଳି ଅଭ୍ୟାସକୁ ସୁଧାରିବା ଲାଗି ଏହି ସ୍କୁଲ ଏମିତି କିଛି ଉପାୟ ଗ୍ରହଣ କରିଛି। ପ୍ରତ୍ୟେକ ଛାତ୍ରଙ୍କୁ ୨.୫ କିଲୋ ଓଜନର ବେବି ଡଲ୍ ଦିଆଯାଏ ଏବଂ ପୂରା ସପ୍ତାହ ତାହାକୁ ନିଜ ପିଲା ଭଳି ସମ୍ଭାଳିବା ପାଇଁ କୁହାଯାଏ। ନିୟମ ଅନୁସାରେ, ପିଲାଙ୍କୁ କ୍ଲାସରୁମ୍, କ୍ୟାଣ୍ଟିନ, ପଡ଼ିଆରେ ମଧ୍ୟ କଣ୍ଢେଇକୁ ନିଜ ସହ ରଖିବାକୁ ପଡ଼ିଥାଏ। ଏପରିକି କିଛି ଛାତ୍ରଙ୍କୁ କଣ୍ଢେଇକୁ ପିଠିରେ ବାନ୍ଧି ଚାଲିବାକୁ ଏବଂ ବ୍ୟାୟାମ କରିବାକୁ ମଧ୍ୟ କୁହାଯାଏ। ଏହାଦ୍ୱାରା ସେମାନେ ବୁଝି ପାରିବେ ପିଲାଙ୍କୁ ପାଳିବା କେତେ କଷ୍ଟ। ଏହି ପରୀକ୍ଷା ପରେ କିଛି ପିଲା କହିଛନ୍ତି, କଣ୍ଢେଇକୁ ଉଠାଇ କିଛି ବାଟ ଚାଲିବା କଷ୍ଟକର ଲାଗୁଛି। ପାଦରେ ଯନ୍ତ୍ରଣା ହେବା ସହ ବାପା ମାଆ ସେମାନଙ୍କ ଲାଗି କେତେ ପରିଶ୍ରମ କରୁଛନ୍ତି, ସେକଥା ବୁଝିପାରୁଛନ୍ତି। ଏନେଇ ସ୍କୁଲର ପ୍ରିନ୍ସିପାଲଙ୍କ କହିବା କଥା, ଏହି କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାଙ୍କୁ ଦାୟିତ୍ୱବୋଧ ଏବଂ ବାପାମାଆଙ୍କ ପ୍ରତି ସମ୍ମାନ ଭାବନା ସୃଷ୍ଟି କରିବା। ପିଲାଙ୍କୁ ବୁଝାଇବା ଅପେକ୍ଷା ପ୍ରତ୍ୟକ୍ଷ ଅନୁଭବ କରାଇ ପାରିଲେ ସେମାନେ ପିତାମାତାଙ୍କର କଷ୍ଟକୁ ଅନୁଭବ କରିପାରିବେ।' କିଛି ଲୋକ ଏହାକୁ ପ୍ରଶଂସା କରୁଥିବା ବେଳେ ଆଉ କିଛି ଜଣ ଏହାର ସମାଲୋଚନା କରିଛନ୍ତି।



# 'ଗୋଲମାଲ ୫'
## ୨୨ ଦିନର ସୁଟିଂ ପାଇଁ ୪୦ କୋଟି

ରୋହିତ୍ ସେଟ୍ଟୀଙ୍କ ଫିଲ୍ମ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ପଞ୍ଚମ ଫିଲ୍ମର ସୁଟିଂ ଏବେ ଉଟିରେ ଚାଲିଛି। ଏଥିରେ ସବୁ ପୁରୁଣା କଳାକାର ନଜର ଆସିବେ। ଅକ୍ଷୟ କୁମାର ମଧ୍ୟ ଏହି ଫିଲ୍ମରେ ଦେଖାଯିବେ। ରୋହିତ୍ ତାଙ୍କ ୫୨ ତମ ଜନ୍ମଦିନ ପାଳନ ଅବସରରେ 'ଗୋଲମାଲ ୫' ବିଷୟରେ ଘୋଷଣା କରିଥିଲେ। ସେ ଏକ ଭିଡିଓ ସେୟାର୍ କରି ଫିଲ୍ମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସରମନ୍ ଯୋଶୀ ଓ ଅକ୍ଷୟଙ୍କର ଏଣ୍ଟ୍ରି ଦେଖାଯାଇଥିଲା। ଫିଲ୍ମରେ ଅକ୍ଷୟଙ୍କ ଏଣ୍ଟ୍ରି ଦର୍ଶକଙ୍କ ପାଇଁ ଏକ ସରପ୍ରାଇଜ୍ ପ୍ୟାକେଜ୍ ହେବ ବୋଲି ରୋହିତ୍ କହିଥିଲେ। ରୋହିତ୍ ସେୟାର୍ କରିଥିବା ଭିଡିଓରେ ଅକ୍ଷୟ ଗଞ୍ଜା ଲୁକ୍‌ରେ ନଜର ଆସିଥିଲେ। ସବୁଠୁ ବଡ଼ କଥା ହେଉଛି ଫିଲ୍ମର ନାୟକ ଅଜୟ ଦେବଗନ୍‌ଙ୍କ ଅପେକ୍ଷା ଅକ୍ଷୟଙ୍କୁ ଏହି ଫିଲ୍ମ ପାଇଁ ଅଧିକ ପାରିଶ୍ରମିକ ମିଳିଛି। ଅକ୍ଷୟ ଏହି ଫିଲ୍ମ ପାଇଁ ୧୮-୨୨ ଦିନ ସୁଟିଂ କରିବେ। ଏଥିପାଇଁ ସେ ୩୫- ୪୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। 'ଗୋଲମାଲ ୫'ରେ ଅକ୍ଷୟ ଓ ଅଜୟଙ୍କ ବାଦ୍ ତୁଷାର କାପୁର, ଅରଶଦ ୱର୍ସି, ଶରମନ ଯୋଶୀ, କୁନାଲ ଖେମୁ ପ୍ରମୁଖ ନଜର ଆସିବେ। ଏଥିରେ କରିନା କପୁର ଖାନ୍ ଓ ଦୀପିକା ପାଦୁ୍ୟକୋନ୍ ମଧ୍ୟ ନଜର ଆସିପାରନ୍ତି। 'ଗୋଲମାଲ' ଫିଲ୍ମ ୨୦୦୬ରେ ଆସିଥିଲା। ଏହି ଫ୍ରାଞ୍ଚାଇଜ୍‌ର ଦ୍ୱିତୀୟ ଫିଲ୍ମ 'ଗୋଲମାଲ ରିଟର୍ଣ୍ଣସ୍' ୨୦୦୮ ରେ ଆସିଥିଲା। ସେହିଭଳି 'ଗୋଲମାଲ୍ ୩' ୨୦୧୦ରେ ଓ 'ଗୋଲମାଲ ଏଗେନ୍' ୨୦୧୭ ରେ ଆସିଥିଲା।



# କାଙ୍କଡ଼ ଚାଷ

**କାଙ୍କଡ଼ ଏକ ଲାଭଜନକ ଫସଲ। ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ଏହି ଚାଷ ଭଲ ହୋଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ଉର୍ବର, ବାଲିଦୋରସା ମାଟି ସର୍ବୋତ୍ତମ। ମେ' ମାସ ଶେଷଭାଗରୁ ଜୁନ୍ ମାସ ପର୍ଯ୍ୟନ୍ତ କାଙ୍କଡ଼ ଲଗାଯାଏ। ସଠିକ୍ ଜଳ ସେଚନ ଓ ସାର ପ୍ରୟୋଗ ଦ୍ୱାରା ଭଲ ଅମଳ ମିଳିଥାଏ।**

ମଞ୍ଜି ଓ ଚେରଖଣ୍ଡ ଦ୍ୱାରା କାଙ୍କଡ଼ ବଂଶବିସ୍ତାର କରେ। ଆମ ରାଜ୍ୟରେ କାଙ୍କଡ଼ ଚେରରୁ ବଂଶବିସ୍ତାର କରାଯାଇଥାଏ। ଚାଷ ପୂର୍ବରୁ ଜମିକୁ ୨ରୁ ୩ ଓଡ଼ ଚାଷ କରି ଅନାବନା ଗଛ ପରିଷ୍କାର କରାଯାଏ। ଧାଡ଼ିକୁ ଧାଡ଼ି ୨ ମିଟର ଏବଂ ମନ୍ଦାକୁ ମନ୍ଦା ୧ ମିଟର ବ୍ୟବଧାନରେ ୪୫ ସେମି ଲମ୍ବ, ପ୍ରସ୍ଥ ଓ ଗଭୀର ଗାତ ଖୋଳାଯାଏ। ୫୦ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍, ୭୫ ଗ୍ରାମ ନିମ୍ବ ପିଡ଼ିଆ ଏବଂ ୩ ଗ୍ରାମ୍ ଫୁରାଡନ୍ ଗୁଣ୍ଡ ଦେଇ ଗାତ ପୂରଣ କରି ଜଳ ସେଚନ କରାଯାଏ। ଗାତ ପ୍ରତି ଗୋଟିଏ ଚେର କିମ୍ବା ଦୁଇଟି ଚେର ହୋଇଥିବା କଟା ଡାଳ ଲଗାଯାଇ ପାଣି ଦିଆଯାଏ। ରୋଗମୁକ୍ତ ଡାଳ ପୋତିଲେ ୧୫ରୁ ୧୭ ଦିନରେ ଚେର ଆସିଥାଏ। ଲଗାଇବାର ୩୦ ଏବଂ ୬୦ ଦିନରେ କୋଡ଼ାଖୋସା କରି ଅନାବନା ଗଛ ଉପାଡ଼ି ଦେଇ ସାର ପ୍ରୟୋଗ କରିବା ଉଚିତ। ପାଣିପାଗ ଦେଖି ୫ରୁ ୭ ଦିନରେ ଜଳ ସେଚନ କରାଯାଏ। ଗଛକୁ ରଞ୍ଜା ପୋତି ମଡ଼ାଇବା ଉଚିତ। ଲଗାଇବାର ୫୫ରୁ ୬୦ ଦିନରେ ଫଳ ଆସିଥାଏ। ମୂଳରୁ ୮ରୁ ୧୦ ଗୋଟି ଗଣ୍ଠି ପରେ ଫୁଲ ଧରିଥାଏ। ମଞ୍ଜିଟାଣ ହେବା ପୂର୍ବରୁ ଅମଳ କରିବା ଉଚିତ।





# ଅତ୍ୟାଧୁନିକ ପ୍ରଣାଳୀରେ ଫୁଲ ଚାଷ



**ବର୍ତ୍ତମାନ ଫୁଲଚାଷ ଏକ ଲାଭଜନକ ବ୍ୟବସାୟ ହୋଇପାରିଛି। ପଲିହାଉସ୍‌ରେ ଫୁଲ ଚାଷ କରିଲେ ଲାଭ ଦ୍ୱିଗୁଣିତ ହୁଏ। ଏହାକୁ ଗୁରୁତ୍ୱ ଦେଇ ଉତ୍ତରପ୍ରଦେଶ, ହାପୁଡ଼ ଜିଲ୍ଲାର ତିଗରୀ ଗାଁର ସାରଦାନନ୍ଦ ପ୍ରଧାନ ପଲିହାଉସ୍‌ରେ ଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।**

ସାରଦାନନ୍ଦ ୫୦୦ ବର୍ଗ ମିଟରର ପଲିହାଉସ୍‌ରେ ପ୍ରଥମେ ଚାଷ ଆରମ୍ଭ କରିଥିଲେ। ଚାଷରୁ ଲାଭ ମିଳିବାରୁ ଏବେ ସେ ୧୪ ଏକର ଜମିରେ ଗୋଲାପ, ଜର୍‌ବେରା, ଲିଲିୟମ୍ ଆଦି ଫୁଲ ଚାଷ କରୁଛନ୍ତି। ଭଲ ଗୁଣବତ୍ତା ଫୁଲ ଫୁଟିବାରେ ଆଧୁନିକ ଜ୍ଞାନ କୌଶଳର ମୁଖ୍ୟ ଭୂମିକା ରହିଛି। ତେଣୁ ସେ ଫୁଲର କଢ଼କୁ କ୍ୟାପ୍‌ରେ ଘୋଡ଼ାଇ ରଖନ୍ତି। ଏହା ଦ୍ୱାରା ଫୁଲ ସୁରକ୍ଷିତ ଏବଂ ଭଲ ଭାବେ ବଢ଼ିଥାଏ। ଚାଷ ପାଇଁ ସେ ସୂକ୍ଷ୍ମ ଜଳ ସେଚନ, ପାଣିପାଗ ପୂର୍ବାନୁମାନ ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟ କୃଷି ପଦ୍ଧତି ଗ୍ରହଣ କରିଛନ୍ତି। ରଙ୍ଗବେରଙ୍ଗର ଫୁଲ ବିକ୍ରି କରି ସେ ଭଲ ଲାଭ ପାଉଛନ୍ତି। ତାଙ୍କଠାରୁ ପ୍ରେରଣା ପାଇ ସ୍ଥାନୀୟ ଯୁବକ ଚାଷରେ ମନୋନିବେଶ କରୁଛନ୍ତି। ଏହାର ଉଦାହରଣ ହେଉଛନ୍ତି ସନା ଖାନ୍। ପେସାରେ ସନା ଜଣେ ଇଞ୍ଜିନିୟର। ସେ ଏକ କମ୍ପାନୀ ଗଢ଼ି ମାସକୁ ୪୦୦ ଟନ୍ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ସ୍କୁଲ ପିଲାଙ୍କୁ ସ୍ଥାୟୀ କୃଷି ଏବଂ ଜୈବିକ କୃଷି ବିଷୟରେ ତାଲିମ ଦେଉଛନ୍ତି।

# ଚାଷ ଜମିରେ ମଲ୍‌ଚିଂର ଭୂମିକା



ଚାଷକାର୍ଯ୍ୟରେ ମଲ୍‌ଚିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମଲ୍‌ଚିଂ ହେଉଛି ଏକ ବୈଜ୍ଞାନିକ ପଦ୍ଧତି। ଯେଉଁଥିରେ ଗଛ ମୂଳ ମାଟିକୁ ମଲ୍‌ଚିଂ ପେପର୍ କିମ୍ବା ଜୈବିକ ମଲ୍‌ଚିଂ ଯଥା- ଗହମ ଅବଶେଷାଂଶ, ପାଳ, କୁଟା, ବାଉଁଶପତ୍ର, କାଠଗୁଣ୍ଡ ଏବଂ ଘାସ ଦ୍ୱାରା ଢ଼ାଙ୍କି ରଖାଯାଏ। ଏହା ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରହିବା ସହ ଉତ୍ପାଦକ କ୍ଷମତା ବୃଦ୍ଧି ପାଏ। ଅନାବନା ଘାସ ଓ ତାପମାତ୍ରା ନିୟନ୍ତ୍ରଣ ହୋଇପାରେ। ସୂର୍ଯ୍ୟକିରଣ ସିଧାସଳଖ ମୃତ୍ତିକା ଉପରେ ପଡୁନଥିବାରୁ ମାଟିର ଆର୍ଦ୍ରତା ଦୀର୍ଘ ସମୟ ପର୍ଯ୍ୟନ୍ତ ରୁହେ। ଚାଷରେ ସିଞ୍ଚନ କରିବାକୁ କମ୍ ପାଣିର ଆବଶ୍ୟକ ହୁଏ। କୃଷି କାର୍ଯ୍ୟରେ ରୋଗପୋକ ନିୟନ୍ତ୍ରଣ କରିବାରେ ମଲ୍‌ଚିଂ ସାହାଯ୍ୟ କରିଥାଏ। ଏହି ପ୍ରଣାଳୀ ଚାଷରେ ଖର୍ଚ୍ଚ କମ୍ ହୁଏ।

ଡ୍ରିପ୍ ଇରିଗେସନ୍ ଏବଂ ମଲ୍‌ଚିଂ ପେପର ଉପଯୋଗ କରାଗଲେ ଅଧିକ ଲାଭ ମିଳିଥାଏ। ବିଭିନ୍ନ ପ୍ରକାର ଏବଂ ରଙ୍ଗର ମଲ୍‌ଚିଂ ପେପର ଥିବାବେଳେ ଚାଷୀ କଳା କିମ୍ବା ସିଲ୍‌ଭର ରଙ୍ଗର ମଲ୍‌ଚିଂ ପେପର ବ୍ୟବହାରକୁ ଗୁରୁତ୍ୱ ଦିଅନ୍ତି। ଏହି ସିଟ୍‌କୁ ହିଡ଼ ଉପରେ ବିଛାଯାଇ ଗଛ ଲଗାଯାଏ। ପନିପରିବା ଓ ଷ୍ଟ୍ରବେରୀ ଚାଷରେ ଏହା ଲାଭଦାୟକ। ଅଧିକ ତାପମାତ୍ରା ହେଉଥିବା ଅଞ୍ଚଳରେ ସିଲ୍‌ଭର ଏବଂ କମ୍ ତାପମାତ୍ରା ହେଉଥିବା ଅଞ୍ଚଳରେ କଳା ରଙ୍ଗର ମଲ୍‌ଚିଂ ପେପର ବ୍ୟବହାର କରାଯାଏ। ଜମିରେ ୨୫ରୁ ୩୦ ମାଇକ୍ରନ୍ ମଲ୍‌ଚିଂ ପେପର ବ୍ୟବହାର କରାଯାଇଥାଏ।

# ବେବିକର୍ଣ୍ଣର ଉନ୍ନତ କିସମ



ମେ' ଓ ଜୁନ୍ ମାସ ବେବିକର୍ଣ୍ଣ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ। ଏହି ଚାଷ ପାଇଁ ସଙ୍କର ଜାତୀୟ ବିହନ ଲଗାଇବା ଆବଶ୍ୟକ। ଏଥିପାଇଁ ବଜାରରେ ଭିଏଲ୍-୪୨ ବିହନ କେଜି ପିଛା ୧୦୦୦ଟଙ୍କା, ଏର୍ଲୀ କମ୍ପୋଜିଟ୍ କେଜିକୁ ହଜାର ଟଙ୍କା, ଜି୫୪୧୪ କିଲୋପିଛା ହଜାର ଟଙ୍କା ମୂଲ୍ୟ ରହିଛି। ସେହିପରି ଏମ୍‌ଇଏଚ୍-୧୧୪, ଏମ୍‌ଇଏଚ୍-୧୩୩ ଆଦି ବିହନ ଉପଲବ୍ଧ ରହିଛି। ଏକ ଏକର ଜମି ପାଇଁ ୯ ରୁ ୧୦ କିଗ୍ରା ବିହନ ଦରକାର। ଧାଡ଼ିକୁ ଧାଡ଼ି ୪୫ ସେମି ଓ ଗଛକୁ ଗଛ ୨୦ ସେମି ଦୂରତା ରଖି ୫ସେମି ଗଭୀରରେ ଲଗାଇବା ଆବଶ୍ୟକ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ବୃଷ୍ଟିପୁଷ୍ଟ ଢିପ ଜମିରେ ଅଧିକ ଅର୍ଥକରୀ ଅଣଧାନ ଫସଲ ଯଥା- ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ମିଶ୍ରିତ ଫସଲ ଭାବେ ଚାଷ କରନ୍ତୁ।
- କଖାରୁଜାତୀୟ ପନିପରିବାରେ ଉଚ୍ଛୁର ପତ୍ରପୋଡ଼ା ରୋଗର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ ୧୨%+ ମାଙ୍କୋଜେବ ୬୩%ର ମିଳିତ ଫିମ୍ପିନାଶକ @ ୨ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ପନିପରିବା ଓ ଡାଲିଜାତୀୟ ଫସଲରେ ଜୀବନ ରକ୍ଷାକାରୀ ଜଳସେଚନ ଦିଅନ୍ତୁ।
- କାଳବୈଶାଖି ବର୍ଷା ଓ ପବନରୁ ରକ୍ଷା ପାଇବା ପାଇଁ ଅମଳ ପନିପରିବାକୁ ତୋଳି ଦିଅନ୍ତୁ। କଖାରୁ ଜାତୀୟ ପରିବା, ମକା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ।
- ମାଛ ପୋଖରୀରେ ପାଣିର ଗଭୀରତା ବଢ଼ାନ୍ତୁ ଓ ଅତ୍ୟଧିକ ଗରମରେ ଖାଦ୍ୟ ପରିମାଣ କିଛି କମ୍ କରି ଦିଅନ୍ତୁ।

# ଛେଳି ପେଟଫମ୍ପାର ଉପଚାର

**ଅସ୍ୱାସ୍ଥ୍ୟକର ପରିବେଶ ଏବଂ ନିମ୍ନମାନର ଖାଦ୍ୟ ଗ୍ରହଣ ଦ୍ୱାରା ଛେଳିମାନଙ୍କର ପେଟଫମ୍ପା ହୋଇଥାଏ। ପେଟଫମ୍ପା ଏକ ସାଧାରଣ ରୋଗ।**



ମାତ୍ରାଧିକ ଚାରା, ଓଦା ଡାଳପତ୍ର କିମ୍ବା କମ୍ ପାଣି ପିଇବାକୁ ଦେବା ଯୋଗୁଁ ଛେଳିଙ୍କ ପାକସ୍ଥଳୀରେ ବାୟୁ ଜମି ରୁହେ। ଛେଳିଙ୍କଠାରେ ଗ୍ୟାସ୍, ବଦହଜମି ଆଦି ଦେଖାଯାଏ। ଅନେକ ସମୟରେ ଛେଳି ଶରୀରର ତାପମାତ୍ରା ୧୦୨ ଡିଗ୍ରୀ ଫାରେନହାଇଟ୍‌ରୁ ଅଧିକ ହେଲେ ମଧ୍ୟ ପେଟ ଫାମ୍ପିଥାଏ। ଏହାଦ୍ୱାରା ଛେଳି ପେଟ ଫୁଲିବା ସହ ଯନ୍ତ୍ରଣା ଅନୁଭବ କରି ଛାଟିପିଟି ହୁଅନ୍ତି। ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣ ଦେଖି ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କରାଯାଏ। ଏହି ସମୟରେ ଛେଳିକୁ ଗଡ଼ାଣିଆ ଜାଗାରେ ରଖିବା ଜରୁରି। ଯେପରି ତାଙ୍କର ଆଗ ଗୋଡ଼ ଦ୍ୱୟ ଉଚ୍ଚାରେ ଏବଂ ପଛଗୋଡ ଦ୍ୱୟ ନିମ୍ନରେ ରହି ପାରିବ। ରାଶିତେଲ ୩୦ରୁ ୫୦ ମିଲି ପିଆଇବା ଆବଶ୍ୟକ। ରାଶିତେଲ ନ ମିଳିଲେ ରିଫାଇନ୍ଡ ତେଲ ମଧ୍ୟ ବ୍ୟବହାର କରାଯାଇ ପାରେ।

କ୍ରୀଡ଼ା
ସକାଳ THE SAKALA
www.sakalaepaper.com


# ଫାଇନାଲ୍ ଲକ୍ଷ୍ୟରେ ବେଙ୍ଗାଲୁରୁ-ଗୁଜରାଟ

ଧର୍ମଶାଳା, ୨୫ ।୫ (ଏଜେନ୍ସି)




ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ୨୦୨୨ ଚାମ୍ପିଅନ୍ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଚଳିତବର୍ଷ ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟର ମୁକାବିଲା ଆସନ୍ତାକାଲି ବା ମଙ୍ଗଳବାର ଖେଳାଯିବ। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପରାଜିତ ଦଳ ପାଖରେ ଫାଇନାଲ ଯିବା ପାଇଁ ଆଉ ଏକ ସୁଯୋଗ ରହିବ। ପ୍ରଥମ ୨ଟି ସ୍ଥାନରେ ରହିବା ଯୋଗୁଁ ଆର୍‌ସିବି ଓ ଗୁଜରାଟକୁ ଏହି ଫାଇଦା ମିଳିଛି। ପଏଣ୍ଟ ଟେବୁଲ ଉଭୟ ଦଳ ୧୮ ପଏଣ୍ଟ ଲେଖାଏଁ ପାଇଥିଲେ ହେଁ ଫରକ ହେଉଛି ନେଟ୍ ରନ୍‌ରେଟ। ଉଭୟ ଦଳ ଥରେ ଲେଖାଏଁ ଚାମ୍ପିଅନ୍ ହୋଇଛନ୍ତି। ୨୦୨୨ରେ ଆଇପିଏଲ୍ ପଦାର୍ପଣ କରିଥିବା ଗୁଜରାଟ ୫ଟି ସଂସ୍କରଣରେ ୪ ଥର ପ୍ଲେ ଅଫ୍ ଖେଳି ଥରେ ଲେଖାଏଁ ଚାମ୍ପିଅନ୍ ଓ ରନର୍ସଅପ୍ ହୋଇଛି। ଗୁଜରାଟର ବିଜୟ ପ୍ରତିଶତ ୬୧% । ଆର୍‌ସିବି ଓ ଗୁଜରାଟ ଟୁର୍ଣ୍ଣାମେଣ୍ଟର ଦୁଇ ଶ୍ରେଷ୍ଠ ଦଳ। ଆଇପିଏଲ୍‌ରେ ଉଭୟ ଦଳଙ୍କ ମଧ୍ୟରେ ୮ଟି ମୁକାବିଲା ହୋଇଥିବା ବେଳେ ଦୁହେଁ ୪-୪ ସ୍ଥିତିରେ ଅଛନ୍ତି। ଅନ୍ୟପକ୍ଷରେ ଏକ ଶକ୍ତିଶାଳୀ ଦଳ ହେବା ସତ୍ତ୍ୱେ ଆର୍‌ସିବି ଗତବର୍ଷ ୧୮ଶ ସଂସ୍କରଣରେ ପ୍ରଥମ ଟ୍ରଫି ଜିତିବାରେ ସଫଳ ହୋଇଥିଲା। ଏହା ପୂର୍ବରୁ ଆର୍‌ସିବି ୩ ଥର ରନର୍ସଅପ୍ ହୋଇଥିଲା। ଚଳିତ ସଂସ୍କରଣରେ ନିଶ୍ଚିତ ଭାବେ ଆର୍‌ସିବି ଓ ଗୁଜରାଟ ଦୁଇ ଶ୍ରେଷ୍ଠ ଦଳ। ଏମାନଙ୍କ ଶକ୍ତି ହେଲା ନିୟମିତ ଭଲ ପ୍ରଦର୍ଶନ କରିବା। ତେବେ ଉଭୟ ଦଳଙ୍କ ମଧ୍ୟରେ ଚଳିତ ସଂସ୍କରଣରେ ୨ ଥର ମୁକାବିଲା ହୋଇଛି। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ପାରିଛନ୍ତି।

ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ ଗୁଜରାଟର ସାଇ ସୁଦର୍ଶନ ବିସ୍ଫୋରକ ଶତକ ହାସଲ କରିଥିଲେ ହେଁ ବିରାଟ କୋହଲି ଓ ଦେବଦତ୍ତ ପାଡିକଲଙ୍କ ଅର୍ଦ୍ଧଶତକ ବଳରେ ୭ଟି ବଲ୍ ବାକିଥାଇ ଆର୍‌ସିବି ଜିତିଥିଲା। ଉଭୟ ଦଳଙ୍କ ମଧ୍ୟରେ ୨ୟ ମୁକାବିଲାରେ ବୋଲରଙ୍କ ସଫଳତା ଏବଂ ଶୁବମନ ଗିଲ୍ ଓ ଜୋସ୍ ବଟ୍‌ଲରଙ୍କ ଇନିଂସ ବଳରେ ଗୁଜରାଟ ସହଜରେ ଜିତିଥିଲା। ଗୁଜରାଟର ୪ ବ୍ୟାଟ୍‌ସମ୍ୟାନ ଏହାକୁ ଟେବୁଲର ପ୍ରଥମ ୨ଟି ସ୍ଥାନ ମଧ୍ୟରେ ରଖିଛନ୍ତି। ସାଇ ସୁଦର୍ଶନ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ସହ ୬୩୮ ଏବଂ ଅଧିନାୟକ ଶୁବମନ ଗିଲ୍ ୬ଟି ଅର୍ଦ୍ଧଶତକ ସହ ୬୧୬ ରନ୍ କରିଛନ୍ତି। ମ୍ୟାଚ୍ ବିଜେତା ଜୋସ୍ ବଟ୍‌ଲର ୪ଟି ଅର୍ଦ୍ଧଶତକ ସହ ୪୬୯ ଓ ୱାଶିଂଟନ ସୁନ୍ଦର ୨ଟି ଅର୍ଦ୍ଧଶତକ ସହ ୩୦୩ ରନ୍ କରିଛନ୍ତି। ଅନ୍ୟ କେହି ତିନି ଅଙ୍କ ସ୍କୋର୍ ମଧ୍ୟ କରି ପାରିନାହାନ୍ତି। ଫଳରେ ମ୍ୟାଚ୍ ଜିତିବା ପାଇଁ ଗୁଜରାଟ ଏହି ଚାରି ବ୍ୟାଟ୍‌ସମ୍ୟାନଙ୍କ ଉପରେ ନିର୍ଭର କରିବ। ଗୁଜରାଟର ବୋଲିଂ ବେଶ୍ ଶକ୍ତିଶାଳୀ। ଦୁଇ ଫାଷ୍ଟ ବୋଲର କାଗିସୋ ରାବାଡା ଓ ମହମ୍ମଦ ସିରାଜ୍ ଯଥାକ୍ରମେ ୨୪ଟି ଓ ୧୭ଟି ୱିକେଟ୍ ନେଇଛନ୍ତି। ରସିଦ୍ ଖାନ୍ ୧୯ଟି, ପ୍ରସିଦ୍ଧ କ୍ରିଷ୍ଣା ୧୪ଟି ଓ ଜେସନ୍ ହୋଲ୍‌ଡର ୧୩ଟି ୱିକେଟ୍ ନେଇଛନ୍ତି। ବାମହାତି ସ୍ପିନର ସାଇ କିଶୋର ମଧ୍ୟ ଖେଳିପାରନ୍ତି। ବେଙ୍ଗାଲୁରୁ ଦଳଗତ ଭାବେ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଛି। ବିରାଟ କୋହଲି ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ସହ ସର୍ବାଧିକ ୫୫୭ ରନ୍ କରିଛନ୍ତି। ଦେବଦତ୍ତ ପାଡିକଲ ୩ଟି ଅର୍ଦ୍ଧଶତକ ସହ ୪୩୩, ଅଧିନାୟକ ରଜତ ପାଟିଦାର ୪ଟି ଅର୍ଦ୍ଧଶତକ ସହ ୩୯୩, ଟିମ୍ ଡେଭିଡ୍ ୧୯୮ ଷ୍ଟ୍ରାଇକ୍‌ରେଟ୍‌ରେ ୨୭୭ ଓ ଫିଲ୍ ସଲ୍‌ଟ ୬ଟି ମ୍ୟାଚ୍‌ରୁ ୨୦୨ ରନ୍ କରିଛନ୍ତି। ଆର୍‌ସିବିର ନୂଆ ବଲ୍ ବୋଲିଂ ବେଶ୍ ଶକ୍ତିଶାଳୀ ଅଛି। ଭୁବନେଶ୍ୱର କୁମାର ୨୪ଟି ଓ ଜୋସ୍ ହାଜ୍‌ଲେଉଡ୍ ୧୨ଟି ୱିକେଟ୍ ନେଇଛନ୍ତି। ରସିଖ୍ ସଲାମ୍ ୧୪ ଓ କ୍ରୁନାଲ ପାଣ୍ଡ୍ୟା ୧୧ଟି ୱିକେଟ୍ ନେଇଛନ୍ତି। ଆର୍‌ସିବିର ଓପ୍‌ନର ଜାକବ ବେଥେଲ ଆହତ ହୋଇ ବାଦ୍ ପଡ଼ିଛନ୍ତି। କୋହଲିଙ୍କ ସହ ସଲ୍‌ଟ ଇନିଂସ ଓପନ୍ କରିପାରନ୍ତି। ଉଭୟ ଦଳ ବେଶ ଶକ୍ତିଶାଳୀ ହୋଇଥିବାରୁ ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚକର ହେବ ବୋଲି ଆଶା କରାଯାଇପାରେ।



**ଆଜିର ଆଇପିଏଲ୍ ମ୍ୟାଚ୍**
ବେଙ୍ଗାଲୁରୁ ବନାମ ଗୁଜରାଟ
ଭେନ୍ୟୁ - ଧର୍ମଶାଳା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଅନେକ ରେକର୍ଡ ଭାଙ୍ଗିଲା ଆଇପିଏଲ୍ ୨୦୨୬

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣ ସବୁଠାରୁ ବିସ୍ଫୋରକ ସଂସ୍କରଣ ଭାବେ ବିବେଚିତ ହୋଇଛି। ଏହି ସଂସ୍କରଣରେ ଆହୁରି ୪ଟି ମ୍ୟାଚ୍ ଖେଳାଯିବାକୁ ବାକିଥିଲାବେଳେ ଏକାଧିକ ରେକର୍ଡ ସୃଷ୍ଟି ହୋଇ ସାରିଛି। ପ୍ଲେ ଅଫ୍ ଶେଷରେ ଏହି ରେକର୍ଡ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଚଳିତ ସଂସ୍କରଣରେ ଓଭର ପ୍ରତି ୯.୮୫ ହାରରେ ରନ୍ ସଂଗ୍ରହ, ସର୍ବାଧିକ ଛକା, ଗୋଟିଏ ଇନିଂସରେ ସର୍ବାଧିକ ୨୦୦ ରନ୍ ସ୍କୋର ଏବଂ ସର୍ବାଧିକଥର ୨୦୦ କିମ୍ବା ଏହାଠାରୁ ଅଧିକ ରନ୍ ଚେଜ୍‌ର ରେକର୍ଡ ହୋଇଛି।

### ■ ସର୍ବାଧିକ ଥର ୨୦୦ରୁ ଅଧିକ ରନ୍


ଚଳିତ ସଂସ୍କରଣରେ ଓଭରପ୍ରତି ପାଖାପାଖି ୧୦ ରନ୍ ଲେଖାଏଁ ସଂଗୃହୀତ ହୋଇଥିଲାବେଳେ ଗୋଟିଏ ଇନିଂସରେ ୨୦୦ ରନ୍ ସଂଗ୍ରହ ନିୟମିତ ଦେଖିବାକୁ ମିଳିଥିଲା। ୨୦୨୬ ଆଇପିଏଲ୍ ଲିଗ୍‌ରେ ୭୦ଟି ମ୍ୟାଚ୍ ଖେଳାଯାଇଥିଲାବେଳେ ୬୧ଥର ଗୋଟିଏ ଇନିଂସରେ ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ମିଳିଥିଲା। ୨୦୨୫ରେ ଏହା ରେକର୍ଡ ୫୨ଥର ଦେଖିବାକୁ ମିଳିଥିଲା।

ଏହି ୨୦୦ ପ୍ଲସ୍ ସ୍କୋର ମଧ୍ୟରୁ ସନ୍‌ରାଇଜର୍ସ ହାଇଦରାବାଦ୍ ଓ ପଞ୍ଜାବ କିଙ୍ଗ୍‌ସ ସର୍ବାଧିକ ୯ଥର ଲେଖାଏଁ ସ୍କୋର କରିଛନ୍ତି। ଗୋଟିଏ ଟୁର୍ଣ୍ଣାମେଣ୍ଟରେ ଏହା ରେକର୍ଡ। ସେହିପରି ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମଧ୍ୟ ସର୍ବାଧିକ ୯ଥର ପ୍ରତିଦ୍ୱନ୍ଦ୍ୱୀ ଦଳ ୨୦୦ ପ୍ଲସ୍ ସ୍କୋର କରିଛନ୍ତି। ଏହା ମଧ୍ୟ ଏକ ରେକର୍ଡ।

### ■ ରେକର୍ଡ ରନ୍ ଚେଜ୍

ଏହି ସଂସ୍କରଣରେ ୨୦୦ ରନ୍ ଯେପରି ନିୟମିତ ବ୍ୟବଧାନରେ ସ୍କୋର ହୋଇଛି, ଠିକ୍ ସେହିପରି ଏହି ସ୍କୋର ମଧ୍ୟ ଚେଜ୍ ହୋଇଛି। ଏଥର ପ୍ରଥମେ ବ୍ୟାଟିଂ କରିଥିବା ଦଳ ୩୫ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିଲା। ଏହା ମଧ୍ୟରୁ ୧୯ଥର ରନ୍ ଚେଜ୍ କରିଥିବା ଦଳ ବିଜୟୀ ହୋଇଥିଲାବେଳେ ୧୬ଥର ପରାଜିତ ହୋଇଛି। ସେହିପରି ଚଳିତ ସିଜନରେ ୨୨୦ କିମ୍ବା ତା'ଠାରୁ ରନ୍‌ର ଟାର୍ଗେଟ୍‌କୁ ୯ଥର ଦ୍ୱିତୀୟରେ ବ୍ୟାଟିଂ କରିଥିବା ଦଳ ସଫଳତାର ସହ ଚେଜ୍ କରିଛି। ଗତ ୧୮ଟି ସଂସ୍କରଣରେ ଏହା ମାତ୍ର ୫ଥର ଦେଖିବାକୁ ମିଳିଥିଲା। ୨୦ଓଭର ପୂରଣ ହୋଇଥିବା ପ୍ରଥମ ଇନିଂସରେ ଏଥର ହାରାହାରି ୧୯୨.୦୪ ରନ୍ ସ୍କୋର ହୋଇଛି। ସେହିପରି ରନ୍ ଚେଜ୍‌ରେ ବିଜୟୀ ହୋଇଥିବା ଦଳ ହାରାହାରି ୨୧୭.୫୭ ରନ୍ ସଂଗ୍ରହ କରିଛନ୍ତି। ସମସ୍ତ ଆଇପିଏଲ୍‌ରେ ଏହା ସର୍ବାଧିକ ଓ ରେକର୍ଡ।

### ■ ସର୍ବାଧିକ ଶତକ ଓ ଛକା



ଏହି ଟୁର୍ଣ୍ଣାମେଣ୍ଟରେ ଏଥର ସର୍ବାଧିକ ୧୪ଟି ଶତକ ଦେଖିବାକୁ ମିଳିଛି। କିନ୍ତୁ ଏହା ମଧ୍ୟରୁ ୬ଥର ଶତକ ହାସଲ କରିଥିବା ଦଳ ପରାଜିତ ହୋଇଛି। ଏହା ମଧ୍ୟ ଗୋଟିଏ ସିଜନରେ ଏକ ରେକର୍ଡ। ପ୍ଲେ ଅଫ୍ ପୂର୍ବରୁ ଏଥର ୧୩୪୯ଟି ଛକା ମରାଯାଇଛି। ଗୋଟିଏ ସିଜନରେ ଏହା ସର୍ବାଧିକ ମରାଯାଇଥିବା ଛକାରେ ରେକର୍ଡ ହୋଇଛି। ୨୦୨୫ରେ ଏହି ସଂଖ୍ୟା ୧୨୯୪ ଥିଲା। ଏଥର ୧୧.୬୬ ବଲ୍‌ରେ ଗୋଟିଏ ଛକା ଦେଖିବାକୁ ମିଳିଥିଲା। ପଞ୍ଜାବ କିଙ୍ଗସ ସର୍ବାଧିକ ୧୬୩ଟି ଓ ସନ୍‌ରାଇଜର୍ସ ହାଇଦରାବାଦ୍ ୧୬୨ଟି ଛକା ମାରିଛି। କିନ୍ତୁ ଗୋଟିଏ ସିଜନରେ ସର୍ବାଧିକ ୧୭୮ଟି ଛକା ମାରିବାର ରେକର୍ଡ ୨୦୨୪ରେ ପଞ୍ଜାବ ସୃଷ୍ଟି କରିଥିଲା।

### ■ ଛକାରେ ସୂର୍ଯ୍ୟବଂଶୀଙ୍କ ରେକର୍ଡ

ବ୍ୟକ୍ତିଗତ ଭାବେ ଛକା ମାରିବାରେ ରାଜସ୍ଥାନ ରୟାଲ୍ସର ୧୫ ବର୍ଷୀୟ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ରେକର୍ଡ କରିଛନ୍ତି। ସେ ୧୪ଟି ମ୍ୟାଚ୍‌ରୁ ୫୩ଟି ଛକା ମାରି ଭାରତୀୟ ରେକର୍ଡ ଭାଙ୍ଗିଦେଇଛନ୍ତି। ଗୋଟିଏ ସିଜନରେ ସର୍ବାଧିକ ୫୭ଟି ଛକା କ୍ରିସ୍ ଗେଲ ମାରିଥିଲେ। ଚଳିତ ସଂସ୍କରଣରେ ହାଇଦରାବାଦ୍‌ର ଅଭିଷେକ ଶର୍ମା ୪୩ଟି, ମୁମ୍ବାଇ ଇଣ୍ଡିଆନ୍ସର ରିୟାନ ରିକେଲଟନ ୩୮ଟି, ଏଲଏସ୍‌ଜିର ମିଚେଲ ମାର୍ଶ ୩୬ଟି, ବେଙ୍ଗାଲୁରୁର ରଜତ ପାଟିଦାର ଓ ପଞ୍ଜାବର ପ୍ରିୟାଂଶ ଆର୍ଯ୍ୟ ୩୨ଟି ଲେଖାଏଁ ଛକା ମାରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ସର୍ବାଧିକ ୧୨ଟି ଛକା ମାରିଛନ୍ତି। ସେହିପରି ୧୦ଟି ଲେଖାଏଁ ଛକା ମାରିବାରେ କେକେଆର୍‌ର ଫିନ୍ ଆଲେନ୍ ୨ଥର, ହାଇଦରାବାଦ୍‌ର ଅଭିଷେକ ଶର୍ମା ଓ ସୂର୍ଯ୍ୟବଂଶୀ ଥରେ ଲେଖାଏଁ ଏହି ସଫଳତା ପାଇଥିଲେ।

## କଳାହାଣ୍ଡିରେ ପ୍ରଥମ ଅନ୍ତର୍ଜାତୀୟ ଚେସ

ଭବାନୀପାଟଣା,୨୫।୫(ସମିସ): ମାରୱାଡି ଯୁବା ଜାଗୃତି ସଂଘ ଓ ମାରୱାଡି ଯୁବା ମଞ୍ଚ ପକ୍ଷରୁ କଳାହାଣ୍ଡିରେ ପ୍ରଥମ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଭବାନୀପାଟଣାସ୍ଥିତ ବିକାଶ ରେସିଡେନ୍‌ସିଆଲ ସ୍କୁଲ ପରିସରରେ ଜୁନ୍ ୩ରୁ ୭ ତାରିଖ ଯାଏ ୯ ରାଉଣ୍ଡ ବିଶିଷ୍ଟ 'ପ୍ରଥମ କେସିଏ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍' ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ୨୫,୦୦୦ ଟଙ୍କା ଓ ଟ୍ରଫି ସହ ମୋଟ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି ବିଷ୍ଣୁପ୍ରସାଦ ଅଗରୱାଲ, ରଶ୍ମି ଅଗରୱାଲ ଓ ମନୀଷ ଶର୍ମା ମିଳିତଭାବେ ଜଣାଇଛନ୍ତି।

## ଏଥର ଆଇପିଏଲ୍ ପ୍ଲେ ଅଫ୍‌ରେ କେବଳ ଚାମ୍ପିଅନ ଟିମ୍

ନୂଆଦିଲ୍ଲୀ,୨୫।୫(ଏଜେନ୍ସି)

**୨୦୨୬ ଆଇପିଏଲ୍ ପ୍ଲେ ଅଫ୍ ଟିମ୍‌ର ରେକର୍ଡ**

| ଟିମ୍ | ଟୁର୍ଣ୍ଣାମେଣ୍ଟ | ପ୍ଲେ ଅଫ୍ | ରନର୍ସଅପ୍ | ଚାମ୍ପିଅନ ବର୍ଷ |
|---|---|---|---|---|
| ଆର୍‌ସିବି | ୧୯ | ୧୧ | ତିନି ଥର | ୨୦୨୫ |
| ଗୁଜରାଟ | ୦୫ | ୦୪ | ଏକ ଥର | ୨୦୨୨ |
| ହାଇଦରାବାଦ୍ | ୧୪ | ୦୮ | ଦୁଇଥର | ୨୦୧୬ |
| ରାଜସ୍ଥାନ | ୧୭ | ୦୭ | ଏକ ଥର | ୨୦୦୮ |

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଉ ଏକ ବା ୧୯ତମ ସଂସ୍କରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ଟୁର୍ଣ୍ଣାମେଣ୍ଟର ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ୪ଟି ଯାକ ଟିମ୍ ପୂର୍ବରୁ ଅତିକମ୍‌ରେ ଥରେ ଲେଖାଏଁ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରୁ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୨୦୨୫ ଓ ଦ୍ୱିତୀୟ ସ୍ଥାନରେ ଥିବା ଗୁଜରାଟ ଟାଇଟାନ୍ସ ୨୦୨୨ରେ ଟାଇଟଲ ଜିତିଥିଲା। ଏହି ଦୁଇ ଦଳ ମଧ୍ୟରେ ଆସନ୍ତାକାଲି ଧର୍ମଶାଳାରେ ପ୍ରଥମ କ୍ୱାଲିଫାୟର ମୁକାବିଲା ହେବ। ସେହିପରି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଥିବା ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟ ୨୦୧୬ରେ ଏବଂ ଚତୁର୍ଥ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ରାଜସ୍ଥାନ ରୟାଲ୍ସ ପ୍ରଥମ ସଂସ୍କରଣ ବା ୨୦୦୮ରେ ଚାମ୍ପିଅନ ହୋଇଥିଲା। ଏଥର ଯେଉଁ ଦଳ ଟାଇଟଲ ଜିତିବ ସେହି ଦଳ ନିଶ୍ଚିତ ଭାବେ ଆଇପିଏଲ୍‌ରେ ଦ୍ୱିତୀୟଥର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିବ।

ପ୍ଲେ ଅଫ୍‌ରେ ୪ଟି ଦଳ ଯୋଗ୍ୟତା ଅର୍ଜନ କରୁଥିବାବେଳେ ଟାଇଟଲ ଜିତିଥିବା ସମସ୍ତ ଦଳ ଦ୍ୱିତୀୟଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ୨୦୨୮ରେ ଏହା ଦେଖିବାକୁ ମିଳିଥିଲା। ଏହି ବର୍ଷ ୫ଥରର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସ, ୨୦୧୬ର ଚାମ୍ପିଅନ ସନ୍‌ରାଇଜର୍ସ ହାଇଦରାବାଦ୍, ଦୁଇଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ ଓ ପ୍ରଥମଥରର ଚାମ୍ପିଅନ ରାଜସ୍ଥାନ ରୟାଲ୍ସ। ଫଳରେ ଦ୍ୱିତୀୟଥର ଲାଗି ଆଇପିଏଲ୍ ପ୍ଲେ ଅଫ୍‌ରେ ଟାଇଟଲ ଜିତିଥିବା ସମସ୍ତ ଦଳ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।


## 'ପଦ୍ମଶ୍ରୀ' ଗ୍ରହଣ କଲେ ହରମନ୍‌ପ୍ରୀତ

ନୂଆଦିଲ୍ଲୀ, ୨୫ ।୫ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମନପ୍ରୀତ୍ କୌର ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ' ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ହରମନପ୍ରୀତ୍‌ଙ୍କୁ 'ପଦ୍ମଶ୍ରୀ' ପୁରସ୍କାର ପ୍ରଦାନ କରିଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ ଓ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଗତବର୍ଷ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମଥର ଲାଗି ଆଇସିସି ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇ ଇତିହାସ ରଚିଥିଲା। ଚଳିତ ବର୍ଷ ହରମନପ୍ରୀତ୍‌ଙ୍କ ସମେତ ୯ଜଣ କ୍ରୀଡ଼ାବିତ୍‌ଙ୍କ 'ପଦ୍ମଶ୍ରୀ' ପାଇଁ ମନୋନୀତ କରାଯାଇଥିଲା। ପାରାଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ହାଇଜମ୍ପର ପ୍ରବୀଣ କୁମାର ମଧ୍ୟ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟତମ ଭାରତୀୟ ତାରକା କ୍ରିକେଟର୍ ରୋହିତ୍ ଶର୍ମା ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସେ ପରବର୍ତ୍ତୀ ପର୍ଯ୍ୟାୟରେ ପୁରସ୍କାର ଗ୍ରହଣ କରିବେ ବୋଲି କୁହାଯାଉଛି।



## ଫ୍ରେଞ୍ଚ ଓପନ୍ | ବିପର୍ଯ୍ୟୟ ଘଟାଇଲେ ବାସବରେଡ୍ଡୀ

ପ୍ୟାରିସ, ୨୫ ।୫ (ଏଜେନ୍ସି)



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ଦ୍ୱିତୀୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ପୁରୁଷ ବିଭାଗରେ ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଜୋକୋଭିଚ୍ ୫-୭, ୭-୫, ୬-୧, ୬-୪ ସେଟରେ ଘରୋଇ ଖେଳାଳି ଗିଓଭାନି ପେରିକାର୍ଡଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ଟି ହାରିଯାଇଥିଲେ ମଧ୍ୟ ଜୋକୋଭିଚ୍ ପରବର୍ତ୍ତୀ ୩ଟି ସେଟ୍ ଜିତି ମ୍ୟାଚ୍ ହାତେଇନେଇଥିଲେ। ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ୩୯ ବର୍ଷୀୟ ଜୋକୋଭିଚ ପରବର୍ତ୍ତୀ ରାଉଣ୍ଡରେ ଅନ୍ୟତମ ଫ୍ରେଞ୍ଚ ଖେଳାଳି ଭାଲେଣ୍ଟିନ ରୋୟରଙ୍କୁ ଭେଟିବେ। ପୁରୁଷ ବିଭାଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୯ତମ ସିଡ୍ ଆମେରିକାର ଫ୍ରାନସିସ୍ ତିଆଫୋଇ, ୨୭ତମ ସିଡ୍ ସ୍ପେନର ରାଫେଲ ଜୋଡାର ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ଦ୍ୱାଦଶ ସିଡ୍ ଚେକ୍ ଗଣରାଜ୍ୟର ଜିରି ଲେହେକା ଓ ୭ମ ସିଡ୍ ଆମେରିକାର ଟେଲର ଫ୍ରିଜ ପ୍ରଥମ ରାଉଣ୍ଡରେ ହାରି ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଭାରତୀୟ ବଂଶୋଦ୍ଭବ ଖେଳାଳି ୨୧ ବର୍ଷୀୟ ନିଶେଷ ବାସଭରେଡ୍ଡୀ ୭-୬ (୫), ୭-୬ (୫), ୬-୭ (୯), ୬-୧ ସେଟରେ ଫ୍ରିଜଙ୍କୁ ହରାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ବାସଭରେଡ୍ଡୀଙ୍କୁ ୨ ଘଣ୍ଟା ୪୫ ମିନିଟ ସମୟ ଲାଗିଥିଲା।

### ସ୍ୱିଆଟେକ୍, ଏଲିନା ଆଗେଇଲେ

ଅପରପକ୍ଷରେ ମହିଳା ବିଭାଗରେ ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ୩ୟ ସିଡ୍ ଇଗା ସ୍ୱିଆଟେକ, ୧୩ତମ ସିଡ୍ ଇଟାଲୀର ଯସ୍ମିନ ପାଓଲିନ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରିଛନ୍ତି। ପୋଲାଣ୍ଡ ଲଳନା ସ୍ୱିଆଟେକ ୬-୧, ୬-୨ ସିଧାସଳଖ ସେଟରେ ଅଷ୍ଟ୍ରେଲିଆର ଏମରସନ ଜୋନ୍ସଙ୍କୁ ସହଜରେ ହରାଇଛନ୍ତି। କାଜାଖସ୍ତାନର ରିବାକିନା ୬-୨, ୬-୨ ସିଧାସଳଖ ସେଟରେ ସ୍ଲୋଭେନିଆର ଭେରୋନିକା ଏର୍ଜାଭେକଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

### ■ କିଟ୍ ଚେସ ମହୋତ୍ସବ
## ଦେ-ଇଡୋ-ଘୋଷ ଅଗ୍ରଣୀ

ଭୁବନେଶ୍ୱର,୨୫।୫(ସମିସ): ଏଠାରେ ଚାଲିଥିବା କିଟ ଚେସ ମହୋତ୍ସବ କାଟାଗୋରୀ-ଏ' ଚତୁର୍ଥ ରାଉଣ୍ଡ ଖେଳ ଶେଷସୁଦ୍ଧା ଭାରତୀୟ ଆଇଏମ୍ ସାହିଲ ଦେ', ଇସ୍ରାଏଲ ଜିଏମ୍ ଜି ଇଡୋ ଓ ୧୫ବର୍ଷରୁ କମ୍ ଖେଳାଳି ହିନ୍ଦୋଲ ଘୋଷ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏଥିରେ ଭାଗନେଇଥିବା ଅନ୍ୟ ଜିଏମ୍ ଓ ଟାଇଟଲଧାରୀଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ୧୭ଜଣ ଖେଳାଳି ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ● ରାଜ୍ୟଗୋଷ୍ଠୀ ଚେସ୍
## ସାତ୍ତ୍ୱିକଙ୍କୁ ହ୍ୟାଟ୍ରିକ୍ ପଦକ




ଭୁବନେଶ୍ୱର,୨୫।୫(ସମିସ): ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ ତଥା ସର୍ବକନିଷ୍ଠ କ୍ୟାଣ୍ଡିଡେଟ୍ସ ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ ଶ୍ରୀଲଙ୍କାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିଅନସିପ୍‌ରେ ହ୍ୟାଟ୍ରିକ୍ ପଦକ ଜିତି ରାଜ୍ୟ ତଥା ଦେଶର ଗୌରବ ବଢ଼ାଇଛନ୍ତି। ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାର ୧୦ବର୍ଷରୁ କମ୍ ଓପନ ବିଭାଗରେ ସାତ୍ତ୍ୱିକ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ସେ ଓ ଚାମ୍ପିଅନ ଅମୁଧନ ସମନ ୮.୫ ପଏଣ୍ଟ ଜିତିଥିଲାବେଳେ ବୁକୋଲଜ୍‌ରେ ପଛୁଆ ପଡ଼ିଯାଇଥିଲେ। ଏହା ଛଡ଼ା ରାପିଡ୍ ଓ ବ୍ଲିଜ୍ ବିଭାଗରେ ମଧ୍ୟ ସାତ୍ତ୍ୱିକ ନିଜର ପାରଦର୍ଶିତା ପ୍ରମାଣିତ କରିଥିଲେ। ଉଭୟ କାଟାଗୋରୀରେ ସେ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲେ। ହ୍ୟାଟ୍ରିକ ପଦକ ଜିତିବା ପରେ କଟକ କିଙ୍ଗ୍‌ସ ଚେସ୍ ସେଣ୍ଟରରେ ଖୁସିର ଲହରୀ ଖେଳିଯାଇଛି ବୋଲି କଳିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି।

## କୁଳମଣି ଓ ସୌରଜିତ ଓସିଏ'ର ମୁଖ୍ୟ ଚୟନକର୍ତ୍ତା

ଭୁବନେଶ୍ୱର, ୨୫।୫ (ସମିସ): ବିସିସିଆଇର ଆଗାମୀ ୨୦୨୬-୨୭ ଘରୋଇ ସିଜନ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ଦୁଇ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ଓ ସଞ୍ଜୟ ରାଉଳଙ୍କୁ ଓସିଏ'ର ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ରାଜ୍ୟ କ୍ରିକେଟ ପ୍ରତି ଉଭୟଙ୍କ ଅବଦାନକୁ ବିଚାରକୁ ନେଇ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି)ର ସୁପାରିଶ ଆଧାରରେ ଦେବାଶିଷ ଓ ସଞ୍ଜୟଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ରାଜ୍ୟରେ କ୍ରିକେଟ୍ ଇକୋସିଷ୍ଟମକୁ ବିକାଶ ଓ ସୁଦୃଢ଼ କରିବାରେ ଉଭୟଙ୍କ ଅଭିଜ୍ଞତା ସାହାଯ୍ୟ କରିବ ବୋଲି କୁହାଯାଇଛି। ଏଥିପୂର୍ବରୁ ଓସିଏ ପୂର୍ବତନ ଅଭିଜ୍ଞ କ୍ରିକେଟର୍ ପ୍ରଭଞ୍ଜନ ମଲ୍ଲିକଙ୍କୁ ଆଗାମୀ ସିଜନ ଲାଗି ଓଡ଼ିଶା ପୁରୁଷ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରିଥିଲା। ଅପରପକ୍ଷରେ ସିନିଅର ଓ ଜୁନିଅର ପୁରୁଷ ଏବଂ ମହିଳା ଦଳର ଚୟନ କମିଟି ମଧ୍ୟ ନିଯୁକ୍ତ କରାଯାଇଛି। କୁଳମଣି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗଠିତ ସିନିଅର ଚୟନ କମିଟିରେ ଅବକାଶ ଖଟୁଆ, ନଟରାଜ ବେହେରା ଓ ଶୁଭ୍ରଜିତ୍ ସାହୁ ସ୍ଥାନ ପାଇଛନ୍ତି। ସେହିଭଳି ସୌରଜିତ ମହାପାତ୍ରଙ୍କୁ ଜୁନିଅର ପୁରୁଷ ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି କମିଟିରେ ବିଷ୍ଣୁଦେବ ମହାନ୍ତି, ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାସ ସଦସ୍ୟ ରହିଛନ୍ତି। ରଶ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ମହିଳା ଚୟନ କମିଟିରେ ସସ୍ମିତା ପଟ୍ଟନାୟକ, ଶୁଭ୍ରାଂଶୁବାଳା ଭୂୟାଁ, ଗଙ୍ଗୋତ୍ରୀ ବେହେରା ଓ ଶୁଭଲକ୍ଷ୍ମୀ ରାଉତ ସଦସ୍ୟ ରହିଛନ୍ତି। ଅଞ୍ଜନ କୁମାର ଖୁଣ୍ଟିଆ ଓ ପଙ୍କଜ ପଟ୍ଟନାୟକ ଓସିଏ କ୍ୟୁରେଟର୍ ନିଯୁକ୍ତ ହୋଇଛନ୍ତି।





## ସବ୍‌ଜୁନିଅର ବେସ୍‌ବଲ | ଓଡ଼ିଶା ବାଳକ ଦଳର ସହଜ ବିଜୟ



ଭୁବନେଶ୍ୱର, ୨୫।୫ (ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୧ତମ ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଓଡ଼ିଶା ବାଳକ ଦଳ ୧୨-୦ ରନରେ ସହଜରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ସେହିଭଳି ବାଳକ ବିଭାଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଗୁଜରାଟ, ତେଲଙ୍ଗାନା, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ମଣିପୁର ଓ ପଞ୍ଜାବ ମଧ୍ୟ ବିଜୟୀ ହୋଇଛନ୍ତି। ଅପରପକ୍ଷରେ ବାଳିକା ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ମୁକାବିଲା ୧-୧ରେ ଡ୍ର ରହିଥିଲା। ସେହିଭଳି ପଶ୍ଚିମବଙ୍ଗ ୧୨-୮ରେ କର୍ଣ୍ଣାଟକକୁ, ହରିୟାଣା ୧୩-୧୧ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ମହାରାଷ୍ଟ୍ର କିନ୍ତୁ ଡବଲ ବିଜୟ ଲାଭ କରିଛି। ପ୍ରଥମ ମ୍ୟାଚରେ ମହାରାଷ୍ଟ୍ର ୨-୦ରେ ଦିଲ୍ଲୀକୁ ଓ ପରେ ୧୦-୦ରେ ମଣିପୁରକୁ ପରାସ୍ତ କରିଥିଲା। ବେସ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା ଓ ଆମେଚର ବେସବଲ୍ ଫେଡେରେସନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍ ମେ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS